ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୩୮
୪ ଜାନୁଆରୀ, ୨୦୨୬ ରବିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 238
4th January, 2026 Sunday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ମୁଗ ଚାଷ ପାଇଁ କେନାଲରେ ପାଣି ଛାଡିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ

**କେନ୍ଦ୍ରାପଡ଼ା,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାର ସାମାଜିକ ବିକାଶ ପରିଷଦ ସଂଘ ମୁଗ ଚାଷ ପାଇଁ କେନାଲକୁ ପାଣି ଛାଡିବାକୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ଉପକୂଳ ଓଡ଼ିଶାରେ ଅଧିକାଂଶ ପରିବାର ଚାଷ ଉପରେ ନିର୍ଭର କରିଥାନ୍ତି ଓ ଜୀବନ ଜୀବିକା ପାଇଁ ଚାଷହିଁ ପ୍ରମୁଖ ମାଧ୍ୟମ ହେଲେ ଉପକୂଳ ଓଡ଼ିଶାର ଚାଷୀଙ୍କୁ ଚିନ୍ତାରେ ପକାଇଛି ପାଣି ସମସ୍ୟା । ଋଣ କରି କରି ରବି ଫସଲ ପାଇଁ ଅଣ୍ଟା ଭିଡିଥିବା ଚାଷୀଙ୍କୁ ପାଣି ନଦେଇ ହତାଦାର କରୁଛି ଜଳସମ୍ପଦ ବିଭାଗ। ଯୋଜନା ବଦ୍ଧ ଭାବେ ମୁଗ ଚାଷୀଙ୍କୁ ଚାଷ କାର୍ଯ୍ୟ ପାଇଁ କେନାଲକୁ ଛଡା ଯାଉନାହିଁ। ସେପଟେ ଜଳସେଚନ ହୋଇ ପାରିନଥିବାରୁ କ୍ଷେତ ଫାଟି ଆଁ କରିଛି ଉପକୂଳ ଓଡ଼ିଶାର ଚାରୋଟି ଜିଲ୍ଲା କଟକ, କେନ୍ଦ୍ରାପଡ଼ା, ଯାଜପୁର, ଜଗତସିଂହପୁରରେ ଚାଷୀମାନେ। ମୁଖ୍ୟତଃ ଖରିପ ଓ ରବି ଫସଲ କରି ବର୍ଷଯାକ ନିଜର ଅଭାବ ଗୁଜୁରାଣ ମେଣ୍ଟାଇ ଥାନ୍ତି। ଦାଲୁଅ ଚାଷ ଧାନ କଟା ସରିବା ପରେ ଚାଷୀମାନେ ରବି ଫସଲ ପାଇଁ ଚାଷ ବିଲକୁ ପ୍ରସ୍ତୁତ କରିଥାନ୍ତି ଓ ଚାଷ ଜମିରେ ଜଳସେଚନ ଅଭାବରୁ ମାଟି ଶୁଖି ଫାଟି ଯାଉଥିବା ବେଳେ ମୁଗ, ବିରି ଭଳି ଲାଭ ଜନକ ଫସଲ କରିବାକୁ ଅଣ୍ଟା ଭିଡ଼ିଥିବା ଚାଷୀ ନିରାଶ ହୋଇପଡିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା, ଗରଦପୁର, ମାର୍ଶାଘାଇ, ଡେରାବିଶ, ରାଜନଗର, ରାଜକନିକା, ଆଳି, କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ବ୍ଲକ୍ ଭଳି ଅନେକ ଅଞ୍ଚଳର ମୁଖ୍ୟକେନାଲ ଓ ଶାଖା କେନାଲଗୁଡ଼ିକ ପାଣି ନଥିବାରୁ ଶୁଖିଲା ହୋଇପଡିଛି। ତେବେ ଅନେକ ଅଞ୍ଚଳରେ ଚାଷୀମାନେ ଛୋଟଛୋଟ ଜଳଉତ୍ସରୁ ପାଣି ପମ୍ପ ଯୋଗେ ବିଲକୁ ଜଳସେଚିତ କରୁଥିବା ବେଳେ ଅନେକ ଚାଷୀ କେନାଲ ପାଣି ଉପରେ ନିର୍ଭର କରି ଅଛନ୍ତି। ଚାଷୀଙ୍କୁ ଚାଷ କାର୍ଯ୍ୟ ପାଇଁ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ଜଳ ସମ୍ପଦ ବିଭାଗ ଚାଷୀଙ୍କ ଜୀବିକା ମାରିବାକୁ ବସିଲାଣି ଯାହା ପାଇଁ ମୁଗ ଚାଷ କରୁଥିବା ଚାଷୀ ନିରାଶ ହୋଇପଡିଛନ୍ତି। ଚାଷ ପାଇଁ ରକ୍ତକୁ ପାଣି କରି ଚାଷ ଜମିରେ ଚାଷୀ ନିଜର ଆଣ୍ଠୁ ରଗଡୁଥିବା ବେଳେ ଚାଷ କାର୍ଯ୍ୟ ପାଇଁ ତୁରନ୍ତ କେନାଲ କୁ ପାଣି ଛଡ଼ାଯିବା ଆବଶ୍ୟକ। ଯଦି ଜାନୁଆରୀ ପହିଲାରେ କନାଲରେ ପାଣି ନ ଆସେ ତେବେ ମୁଗ ଚାଷରେ ଅନେକ ସମସ୍ୟା ଓ କ୍ଷତି ସହିବେ ଚାଷୀ। ଚାଷ କାର୍ଯ୍ୟରେ ଜଳସେଚନ ସୁବିଧା ଯୋଗାଇବା ପାଇଁ ହୋଇଥିବା ଜଳ ସମ୍ପଦ ବିଭାଗ କେବଳ ଲାଭ ଜନକ ଉନ୍ନୟନ ମୂଳକ କାର୍ଯ୍ୟ କରି ଠିକାଦାରଙ୍କୁ ପୋଷିବାରେ ବ୍ୟସ୍ତ। ତେବେମୁଗ ଚାଷ ପାଇଁ ତୁରନ୍ତ କେନାଲ (ଶେଷ ପୃଷ୍ଠା ଦେଖନ୍ତୁ)

## ନୀତିବାଣୀ

**ଦୁଃଖେ ଷ୍ବନ୍ନ ଦବିଗ୍ନମନାଃ ସୁଖେଷୁ ବିଗତ ସ୍ପୃହଃ ।
ବୀତରାଗ ଭୟ କ୍ରୋଧଃ ସ୍ଥିତିଧୀର୍ମୁନିରୁଚ୍ୟତେ ॥**

ଦୁଃଖ ମିଳିଲେ ଯାହା ମନରେ ଉଦ୍‌ବେଗ ଜାତ ହୁଏ ନାହିଁ ଏବଂ ସୁଖ ମିଳିଲେ ଯାହା ମନରେ ସ୍ପୃହା ଆସେ ନାହିଁ ତଥା ଯିଏ ରାଗ ଆସକ୍ତି, ଭୟ ଓ କ୍ରୋଧରୁ ମୁକ୍ତ ସେହି ମନନଶୀଳ ମନୁଷ୍ୟକୁ ସ୍ଥିର ବୁଦ୍ଧି କୁହାଯାଏ

## ଆମ ବସ୍ ଧକ୍କାରେ ମୃତ୍ୟୁ

**ଭୁବନେଶ୍ୱର,୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

'ଆମ ବସ୍' ନୁହେଁ ତ, ସତେ ଯେମିତି ଯମ ଦୂତ। ସହର ସାରା ବୁଲୁଛି, ଯେତେବେଳେ ଯାହା ଉପରେ ପାରୁଛି ଚଢି ଯାଉଛି। ଜାତୀୟ ସଡକ ସୁରକ୍ଷା ମାସରେ ଭୁବନେଶ୍ୱର ରୁପାଲି ଟ୍ରାଫିକ୍‌ରେ ଘଟିଛି ଛାତିଥରା ଦୁର୍ଘଟଣା। ଦ୍ରୁତ ଗତିରେ ଆସି ଅଟୋ ଉପରେ ଚଢିଗଲା ଆମ ବସ୍। ଘଟଣାସ୍ଥଳରେ ଅଟୋ ଡ୍ରାଇଭର୍‌ଙ୍କ ମୃତ୍ୟୁ ହୋଇଛି।

ସୂଚନାନୁଯାୟୀ, ଶନିବାର ରୁପାଲି ଛକରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଆମ ବସ୍ ଦ୍ରୁତ ଗତିରେ ଆସି ଏକ ଅଟୋକୁ ପଛରୁ ଧକ୍କା ଦେଇଛି। ଫଳରେ ଅଟୋଟି ଭାରସାମ୍ୟ ହରାଇ ଆଗରେ ଥିବା ଏକ ବସ୍ ତଳେ ଚାପି ହୋଇଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଅଟୋଟି ସମ୍ପୂର୍ଣ୍ଣ ଚୁରମାର୍ ହୋଇଯାଇଛି। ଆମ ବସ୍ ଧକ୍କାରେ ଅଟୋ ଡ୍ରାଇଭର୍‌ଙ୍କ ମୃତ୍ୟୁ ଘଟିଛି। ଜଣେ ମହିଳା ଯାତ୍ରୀ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଡିସିପି ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ। ଆମ ବସ୍ ଡ୍ରାଇଭର୍‌ଙ୍କ ବେପରୁଆ ଗାଡି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ସେପଟେ ଆମ ବସ୍ ଡ୍ରାଇଭର୍ ଦୁର୍ଘଟଣା ଘଟାଇବା ପରେ ଫେରାର୍ ହୋଇଯାଇଛି।

ସୂଚନା ଥାଉକି, ୨୦୨୫ରେ ଆମ ବସ୍ (ଶେଷ ପୃଷ୍ଠା ଦେଖନ୍ତୁ)

### ଚିନ୍ତା ବଢ଼ାଉଛି ବାୟୁ ପ୍ରଦୂଷଣ

# ତାଳଚେର ସର୍ବାଧିକ ପ୍ରଦୂଷିତ ସହର

**ଭୁବନେଶ୍ୱର,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**



ବିଗିଡୁଛି ବାୟୁର ମାନ। ପ୍ରଦୂଷଣରେ ରେକର୍ଡ ଭାଙ୍ଗୁଛି ଓଡ଼ିଶା। ଦେଶର ସର୍ବାଧିକ ପ୍ରଦୂଷିତ ୪ ସହର ଭିତରେ ଓଡିଶାର ତିନି ସହର ରହିଛି। ଦିନକୁ ଦିନ ବାୟୁର ଗୁଣବତ୍ତା ବା ଏକ୍ୟୁଆଇ ଖରାପ ହେଉଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ପରିବେଶବିତ୍।

ସୂଚନାଯୋଗ୍ୟ ଯେ ଆଜି ଅପରାହ୍ନ ୪ଟାରେ ପ୍ରକାଶିତ ବୁଲେଟିନ୍ ଅନୁସାରେ, ୩୩୨ ଏକ୍ୟୁଆଇ ସହ ତାଳଚେର ଭାରତର ସର୍ବାଧିକ ପ୍ରଦୂଷିତ ସହର ଥିଲା। ଦ୍ୱିତୀୟ ସ୍ଥାନରେ ରହିଛି ବାରିପଦା, ଯାହାର ଏକ୍ୟୁଆଇ ରହିଛି ୩୨୪। ସେହିପରି ଅନୁଗୁଳରେ ବାୟୁର ଗୁଣବତ୍ତା ୩୨୧ ଥାଇ ଏହା ତୃତୀୟ ସ୍ଥାନରେ ରହିଛି। ଗତ ସପ୍ତାହେ ହେଲାଣି, କ୍ରମାଗତ ଭାବେ ରାଜଧାନୀ ଭୁବନେଶ୍ୱରରେ ଏକ୍ୟୁଆଇ ୩୦୦ ଉପରେ ରହୁଛି। ଆଜି ସକାଳେ ଭୁବନେଶ୍ୱରରେ ବାୟୁର ଗୁଣବତ୍ତା ମାନ ୩୦୩ ଥିବା ବେଳେ ଅପରାହ୍ନରେ ରହିଛି ୨୯୪। କଟକରେ ମଧ୍ୟ ପ୍ରଦୂଷଣର ମାତ୍ରା ଚିନ୍ତାଜନକ ସ୍ଥିତିରେ।

ପ୍ରତିବର୍ଷ ଶୀତଦିନେ ନୂଆଦିଲ୍ଲୀରେ ପ୍ରଦୂଷଣ ସର୍ବାଧିକ ଥାଏ। କିନ୍ତୁ ଏବର୍ଷ ଭୁବନେଶ୍ୱରରେ ପ୍ରଦୂଷଣ (ଶେଷ ପୃଷ୍ଠା ଦେଖନ୍ତୁ)

## ଶ୍ରୀମନ୍ଦିରକୁ ଜୋତା ପିନ୍ଧି ପଶିଗଲେ ଗୁଜୁରାଟ ଭକ୍ତ

**ପୁରୀ,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି ଚର୍ଚ୍ଚାରେ ଶ୍ରୀମନ୍ଦିର। ଦୁଇ ଦିନ ତଳେ ନୂଆବର୍ଷ କ୍ୟାଲେଣ୍ଡର ତ୍ରୁଟିକୁ ନେଇ ଚର୍ଚ୍ଚାରେ ରହିଥିବା ବେଳେ ଏବେ ଶ୍ରୀମନ୍ଦିରକୁ କେହି ଭକ୍ତ ଜୋତା ପିନ୍ଧି ପଳେଇଯିବା ଘଟଣା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଅଭିଯୋଗ ହେଉଛି ଗୁଜୁରାଟର ଜଣେ ମହିଳା ଭକ୍ତ ଜୋତା ପିନ୍ଧି ଦେଉଳ ଭିତରକୁ ପଳେଇଥିଲେ। ତାଙ୍କର ଗୋଡ ଅପରେସନ ହୋଇଛି, ତେଣୁ ସେ ଜାଣି ନପାରି ଶ୍ରୀମନ୍ଦିର ଭିତରକୁ ଜୋତା ନେଇଯାଇଥିବା ସୂଚନା ମିଳିଛି। ସେବାୟତ ଜଣଙ୍କ ଶ୍ରୀମନ୍ଦିର ଭିତରୁ ଜୋତା ହଳକ ଧରି ବାହାରକୁ ଆସିବା ପରେ ଏହି ଘଟଣା ଜଣାପଡିଛି। ଆଉ ଭିଡିଓଟି ଭାଇରାଲ ହୋଇଛି।

ତେବେ ପୁରୀ ଶ୍ରୀମନ୍ଦିର ଭିତରକୁ ଜଣେ ଭକ୍ତ ଜୋତା ପିନ୍ଧି ପଶିଯିବା (ଶେଷ ପୃଷ୍ଠା ଦେଖନ୍ତୁ)

## ୮ରୁ ମନରେଗା ଲଢ଼େଇ




**ଭୁବନେଶ୍ୱର,୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଜାନୁଆରୀ ୮ତାରିଖରୁ ମନରେଗା ବଞ୍ଚାଅ ଆନ୍ଦୋଳନ କରିବ କଂଗ୍ରେସ। ଜାନୁଆରୀ ୮ରୁ ଫେବୃଆରୀ ୫ ପର୍ଯ୍ୟନ୍ତ ତୃଣମୂଳ ସ୍ତରରୁ ରାଜ୍ୟସ୍ତରୀୟ ଆନ୍ଦୋଳନ କରିବ କଂଗ୍ରେସ। ଏନେଇ ସୂଚନା ଦେଇଛନ୍ତି କଂଗ୍ରେସ ନେତା ରଣଦୀପ ସିଂ ସୁରଜେୱାଲା।

ୟୁପିଏ ସରକାର ସମୟରୁ ପ୍ରଚଳିତ ମନରେଗା ଯୋଜନାର ନାମ ପରିବର୍ତ୍ତନକୁ ନେଇ ସଂସଦରେ ପ୍ରବଳ ତୁମ୍ବି ତୋଫାନ ଦେଖିବାକୁ ମିଳିଥିଲା। କେନ୍ଦ୍ର ସରକାର ସଂସଦରେ ମନରେଗାର ନାମ ପରିବର୍ତ୍ତନ କରି ଭିବି-ଜି-ରାମ-ଜି ବିଲ ଆଗତ କରିଥିଲେ । ପ୍ରବଳ ବିରୋଧ ସତ୍ତ୍ୱେ ଉଭୟ ଗୃହରେ ଏହା ପାରିତ ହୋଇଥିଲା । ଯାହାକୁ ନେଇ ଦେଶବ୍ୟାପୀ ଆନ୍ଦୋଳନର ଚେତାବନୀ ଦେଇଥିଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ । ଆଗାମୀ ଜାନୁଆରୀ ୮ତାରିଖରେ ଏନେଇ ଓଡିଶାରେ ଆନ୍ଦୋଳନ ଆରମ୍ଭ କରିବ (ଶେଷ ପୃଷ୍ଠା ଦେଖନ୍ତୁ)






# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୪ ଜାନୁଆରୀ ୨୦୨୬ । ରବିବାର




## ଧାନ ବିକ୍ରି ହୋଇନି, ଆଗକୁ କିପରି କରିବେ ରବି ଧାନ ଚାଷ

**ଜୟପାଟଣା: ଏକ୍ସପ୍ରେସ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ଇନ୍ଦ୍ରାବତୀ କେନାଲ ଜଳସେଚିତ ଅଞ୍ଚଳର ଚାଷୀ ରବି ଧାନ ଚାଷ ପାଇଁ ପ୍ରସ୍ତୁତ ହେଉଥିବ ବେଳେ ଅଦ୍ୟାବଧି ଜମା ଧାନ ବିକ୍ରି କରିନଥିବା ଚାଷୀ କିପରି ରବି ଧାନ ଚାଷ କରିବେ ଚିନ୍ତାରେ ପଡିଛନ୍ତି । ଅନେକ ଚାଷୀଙ୍କ ଧାନ ବିକ୍ରି ପାଇଁ ଜାନୁଆରୀ ମାସରେ ଟୋକନ ରହିଛି । ଡିସେମ୍ବର ମାସ ସୁଦ୍ଧା ଯଦି ଧାନ ଅଧା ବି ବିକ୍ରି କରିଥାନ୍ତେ ତେବେ ରବି ଧାନ ଚାଷ ପାଇଁ ଅସୁବିଧାର ସମ୍ମୁଖୀନ ହେଇ ନଥାନ୍ତେ । ଅଧିକାଂଶ ଚାଷୀ ସାର ବିହନ ପାଇଁ ଦୋକାନୀ ଠାରୁ ଉଧାର ଆଣି ଚାଷ କାମ କରିଥାନ୍ତି । ଏବେ ସେ ଋଣ ପରିଶୋଧ କରିନଥିବା ବେଳେ ଆହୁରି ରବି ଧାନ ଚାଷ ପାଇଁ ପୁଣି ଋଣ ଆଣି ଚାଷ କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ମିଳିଥିବା ସୂଚନା ଅନୁସାରେ ଜାନୁଆରୀ ୧ତାରିଖ ସୁଦ୍ଧା ଜୟପାଟଣା ବ୍ଲକର ୨୪ଟି ମଣ୍ଡିରେ ୬୯୮୪ଜଣ ଚାଷୀଙ୍କ ୩୪୨୮୦୦.୮୬ କ୍ୟୁଣ୍ଟାଲ ଧାନ କିଣା ଯାଇଛି । ଉଛୁଳା ମଣ୍ଡିରେ ସର୍ବାଧିକ ୬୧୧ଜଣ ଚାଷୀଙ୍କ ୨୫୭୧୪.୯୫ କ୍ୟୁଣ୍ଟାଲ ଧାନ କିଣା ଯାଇଥିବା ସବୁଠାରୁ କମ କପୁରମାଲ ମଣ୍ଡିରେ ୧୯ଜଣ ଚାଷୀଙ୍କ ୯୪୬.୭୫ କ୍ୟୁଣ୍ଟାଲ ଧାନ କିଣା ଯାଇଛି । ଜୟପାଟଣା ବ୍ଲକରେ ୧୪୧୩୧ ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ସବୁ ମଣ୍ଡିରେ ମିଲର ଓ ଦଲାଲର ରାଜୁତି ଚାଲୁଥିବା ବେଳେ ୫ରୁ ୮କେଜି ଧାନ କଟନୀ ହେଉଥିବା ଅଭିଯୋଗ ହେଉଛି ପୁଣି ଧାନ ୪୧ କେଜି ୩୦୦ ଗ୍ରାମ ଓଜନ କରି ନିଆଯାଉଛି ଯାହାର ହିସାବ ଚାଷୀଙ୍କୁ ୪୦ କେଜି ଦିଆଯାଇଥାଏ । ବିଳମ୍ବରେ ମଣ୍ଡି ଆରମ୍ଭ, ଅନେକ ଚାଷୀଙ୍କ ଟୋକନ କମ ଆସିବା, ଡେରିରେ ଟୋକନ ଆସିବା ନେଇ ଚାଷୀ ଅସନ୍ତୋଷ ଦେଖା ଦେଇଛି । ଗତ ବର୍ଷ ଜୟପାଟଣା ବ୍ଲକରେ ଗତ ବର୍ଷ ୮୬୯୭୫୦.୫୫ କ୍ୟୁଣ୍ଟାଲ ଧାନ କିଣା ଯାଇଥିବା ସୂଚନା ମିଳିଛି ।

## ହୋଟେଲ୍‌ରେ ଜୁଆଖେଳ, ୯ ଗିରଫ



**ସମ୍ବଲପୁର: ଏକ୍ସପ୍ରେସ ନ୍ୟୁଜ୍**

ସହରର ଗଳିକନ୍ଦି କିମ୍ବା ନିଛାଟିଆ ସ୍ଥାନରେ ନୁହେଁ; ବରଂ ହୋଟେଲ୍ ରୁମ୍ ଭିତରେ ନିର୍ଭୟରେ ଜୁଆ ଖେଳାଯାଉଛି । ସମ୍ବଲପୁର ସହରର ଏକ ଜଣାଶୁଣା ତଥା ଦାମୀ ହୋଟେଲରେ ଜୁଆ ଖେଳର ପର୍ଦ୍ଦାଫାସ ହୋଇଛି । ଧନୁପାଲି ପୋଲିସ ଚଢଉ ସମୟରେ ପୁଳାପୁଳା ଟଙ୍କା ମଧ୍ୟ ଜବତ କରିଛି । ଏଥିସହିତ ୯ଜଣଙ୍କୁ ପୋଲିସ ଗିରଫ କରିଛି ।

ପୋଲିସର ସୂଚନା ଅନୁସାରେ ଶନିବାର ଅପରାହ୍ନରେ ହୋଟେଲ୍ 'ଉପହାର ପ୍ୟାଲେସ୍'ରେ ଜୁଆଖେଳ ନେଇ ସୂଚନା ମିଳିଥିଲା । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୋଲିସ ହୋଟେଲ୍ ଉପରେ ଚଢଉ କରିଥିଲା । ପୋଲିସର ଚଢଉ ନେଇ ଆଗୁଆ ସୂଚନା ପାଇଥିଲେ ଅଭିଯୁକ୍ତମାନେ । ଫଳରେ ସେମାନେ ବ୍ୟସ୍ତ ହୋଇପଡିଥିଲେ । ଏହି ଚଢଉ ସମୟରେ ପୁଳାପୁଳା ୫୦୦ ଟଙ୍କିଆ ନୋଟ୍ ଜବତ ହୋଇଛି ।

ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି, ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ନିର୍ଦ୍ଦେଶରେ ଧନୁପାଲି ପୋଲିସ ଥାନା ଆଇଆଇସି ଆଦିତ୍ୟ ମହାକୁରଙ୍କ ନେତୃତ୍ୱରେ ଟିମ୍ ଉପହାର ପ୍ୟାଲେସ୍‌ରେ ଚଢଉ କରିଥିଲା । ରୁମ ନମ୍ବର ୧୦୫ରେ ଜୁଆ ଖେଳ ଚାଲିଥିଲା । ଏହି ସମୟରେ ରୁମ ଭିତରେ ଟଙ୍କା ବିଛିନ୍ନ ହୋଇ ପଡିଥିଲା । ଲକ୍ଷାଧିକ ଟଙ୍କା ଜବତ ହୋଇଛି । ଗଣତି ପରେ କେତେ ଟଙ୍କା ଜଣାପଡିବ । ଏହି ମାମଲାରେ ୯ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି । ଏମାନେ ସମସ୍ତେ ସମ୍ବଲପୁର ଅଞ୍ଚଳର ବୋଲି ଜଣାପଡିଛି । ଅଟକ ଥିବା ଅଭିଯୁକ୍ତମାନଙ୍କ ମଧ୍ୟରୁ କିଛି ଲୋକ ପୂର୍ବରୁ ମଧ୍ୟ ଜୁଆ ଖେଳ ସହିତ ସଂପୃକ୍ତ ଥିଲେ । ହୋଟେଲ ମାଲିକ ଗୋପକୃଷ୍ଣ ସାମନ୍ତରାୟ ଏହି କାରବାର ସହିତ ସଂପୃକ୍ତ ଅଛନ୍ତି କି ନାହିଁ, ତାହା ତଦନ୍ତ ପରେ ଜଣାପଡିବ ।

## ସ୍କୁଲରେ ତାଲା ପକାଇଲେ ଛାତ୍ରଛାତ୍ରୀ

**ଚୂମ୍ପୁଆ, ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷକ ବଦଳି ପ୍ରତ୍ୟାହାର ଦାବିରେ ସ୍କୁଲରେ ଚାବି ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ । ଚମ୍ପୁଆ ବ୍ଲକ ରଜିଆ ସ୍ଥିତ ଅସନ ବାହାଲୀ ସରକାରୀ ଉନ୍ନତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ଫଳରେ ପାଠପଢା ବନ୍ଦ ରହିଛି । ଚମ୍ପୁଆ ବ୍ଲକ ଅନ୍ତର୍ଗତ ଅସନ ବାହାଲୀ ବିଦ୍ୟାଳୟର ସହକାରୀ ଶିକ୍ଷକ ପରମେଶ୍ୱର ମହାନ୍ତଙ୍କୁ ଅନ୍ୟତ୍ର ବଦଳି ନେଇ ଛାତ୍ରଛାତ୍ରୀ, ଅଭିଭାବକମାନେ ଘୋର ବିରୋଧ କରିଛନ୍ତି । ବଡଦିନ ଛୁଟି ହୋଇଥିବା ବେଳେ ତରବରିଆ ଭାବେ ଶିକ୍ଷକଙ୍କ ବଦଳି କରାଯାଇଥିବା ଛାତ୍ରଛାତ୍ରୀ ଓ ଅଭିଭାବକ ଅଭିଯୋଗ କରିଥିବା ବେଳେ ଯେ ପର୍ଯ୍ୟନ୍ତ ତାଙ୍କ ବଦଳି ବାତିଲ ନ ହୋଇଛି ବିଦ୍ୟାଳୟ ଫାଟକରୁ ତାଲା ଫିଟା ଯିବନାହିଁ ବୋଲି କହିଛନ୍ତି ।

## ଘୁମୁସର ବନଖଣ୍ଡରେ ୭ ପର୍ଯ୍ୟନ୍ତ ବାଘ ଗଣନା

**ଭଞ୍ଜନଗର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ ଅଧୀନରେ ଥିବା ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡ, ଘୁମୁସର ଦକ୍ଷିଣ ବନଖଣ୍ଡ, ବଉଦ, ବ୍ରହ୍ମପୁର ଓ ବାଲିଗୁଡା ବନଖଣ୍ଡରେ ଶୁକ୍ରବାରଠାରୁ ବାଘ ଗଣନା ଆରମ୍ଭ ହୋଇଛି । ଏହା ୬ ଦିନ ବ୍ୟାପି ଚାଲି ୭ ତାରିଖରେ ସରିବ । ଏହାପରେ ଯେଉଁ ଅଞ୍ଚଳରେ ବାଘ ଥିବା କିଛିଟା ପ୍ରମାଣ ମିଳିବ ସେଠୀ ଟ୍ରାପ କ୍ୟାମେରା ଏକ ମାସ ପର୍ଯ୍ୟନ୍ତ ଲାଗିବ । ଏହାପରେ ଚୂଡାନ୍ତ ରିପୋର୍ଟ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ । ବର୍ତ୍ତମାନ ଚାଲିଥିବା ଗଣନା ସମୟରେ କର୍ମଚାରୀମାନେ ପ୍ରଥମ ତିନିଦିନ ୫ କିମି ପର୍ଯ୍ୟନ୍ତ ଚାଲି ଚାଲି ସର୍ଭେ କରିବେ । ଏହାପରେ ୩ ଦିନ ବାଘର ପାଦ ଚିହ୍ନ, ମଳ ସମେତ ଅନ୍ୟାନ୍ୟ ପ୍ରମାଣ ଯୋଗାଡ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ । ଏହି ସମୟରେ ହାତୀ, ଗୟଳ ସମେତ ଅନ୍ୟାନ୍ୟ ପ୍ରାଣୀ ମଧ୍ୟ ଗଣତି କରାଯିବ । ଯେଉଁ ଅଞ୍ଚଳରେ ଉକ୍ତ ପ୍ରାଣୀମାନେ ରହୁଛନ୍ତି । ସେଠି କେଉଁ ସବୁ ଗଛ ଅଛି ତାହାର ମଧ୍ୟ ରିପୋର୍ଟ ପ୍ରସ୍ତୁତ କରାଯିବ ଏହି ସମୟ ମଧ୍ୟରେ । ଦୈନନ୍ଦିନର ରିପୋର୍ଟ ଅନଲାଇନ ମାଧ୍ୟମରେ ପୋର୍ଟାଲରେ ଅପଲୋଡ଼ ହେବ । ପୋର୍ଟାଲରେ ତ୍ରୁଟି ଯୋଗୁ ଉପରୋକ୍ତ ବନଖଣ୍ଡ ଗୁଡିକ ବିଳମ୍ବରେ ବାଘ ଗଣନା କରୁଛନ୍ତି ।




ପୂର୍ବରୁ ବ୍ରହ୍ମପୁର ଆରସିସିଏଫ ଅଧିନରେ ଥିବା ଫୁଲବାଣୀ ଓ ପାରଳାଖେମୁଣ୍ଡି ବନଖଣ୍ଡରେ ପୂର୍ବ ନିର୍ଦ୍ଧାରିତ ଅନୁସାରେ ନଭେମ୍ବର ମାସ ୧୫ରୁ ୨୧ ତାରିଖ ମଧ୍ୟରେ ହୋଇଥିଲା । ବଳକା ବନଖଣ୍ଡ ଗୁଡ଼ିକରେ ପୋର୍ଟାଲରେ ତ୍ରୁଟି ଯୋଗୁ ତାହାକୁ ସଜଡ଼ା ଯିବା ପରେ ଗତକାଲିଠାରୁ ଗଣନା ଆରମ୍ଭ ହୋଇଛି ।

ସୂଚନାଯୋଗ୍ୟ ଯେ, ପ୍ରତି ୪ ବର୍ଷକୁ ଥରେ ଦେଶରେ ବାଘ ଗଣନା ହେଉଛି । ତେଣୁ ଇତିମଧ୍ୟରେ ଚଳିତ ବର୍ଷ ଦେଶରେ ବାଘ ଗଣନା ପ୍ରକ୍ରିୟା ଚାଲିଛି । ଏହିଭଳି ବ୍ରହ୍ମପୁର ଆଞ୍ଚଳିକ ବନ ସଂରକ୍ଷକ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ବିଭିନ୍ନ ବନଖଣ୍ଡରେ ବାଘ ଗଣନା ପ୍ରକ୍ରିୟା ନଭେମ୍ବର ମାସ ୧୫ରୁ ୨୧ ତାରିଖ ମଧ୍ୟରେ କରିବାର ଥିଲା । କିନ୍ତୁ ପୋର୍ଟାଲରେ ତ୍ରୁଟି ଯୋଗୁ ତାହାକୁ କେତେକ ବନଖଣ୍ଡରେ ସ୍ଥଗିତ ରଖାଯାଇଥିଲା । ବର୍ତ୍ତମାନ ତାହା ଆରମ୍ଭ ହୋଇଛି । ଗଣତି ପୂର୍ବରୁ ନଭେମ୍ବର ମାସରେ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । କର୍ମଚାରୀମାନେ ବାଘ ଗଣନା ସମୟରେ ଜଙ୍ଗଲରେ ଟ୍ରାପ କ୍ୟାମେରା ଲଗାଇବେ । ପଗମାର୍କ ଓ ମଳ ବିଶ୍ଳେଷଣ କରିବେ । ଏଥିସହ ଜିନେଟିକ ଅନୁଶୀଳନ ଓ ସାଟେଲାଇଟ ଡାଟା ମ୍ୟାପିଂ ମଧ୍ୟ ହେବ । ବାଘ ଗଣନାର ମୂଳ ଲକ୍ଷ୍ୟ ହେଲା ଭାରତରେ ବାଘମାନଙ୍କ ନିକଟ ଆନୁମାନିକ ସଂଖ୍ୟା ଜାଣିବା । ବାଘମାନଙ୍କ ବାସସ୍ଥଳୀ ଅବସ୍ଥା ଅନୁଶୀଳନ କରିବା । ଏହାପରେ ସରକାର ଦେଶରେ ବାଘ ସଂରକ୍ଷଣ ପାଇଁ ଯୋଗ୍ୟ ନୀତି ଓ ପଦକ୍ଷେପ ଗ୍ରହଣ କରିବେ । ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତିଙ୍କ ନେତୃତ୍ୱରେ କର୍ମଚାରୀମାନେ ଗଣନା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏନେଇ ଏସିଏଫ ବିବେକ ଦାସ, ବିମଳ ପ୍ରସାଦ ପ୍ରଧାନ, ରେଞ୍ଜର ବିମ୍ବାଧର ସାହୁ, ପୃଥିବୀରାଜ ପ୍ରଧାନଙ୍କ ନେତୃତ୍ୱରେ ୭୪ଟି ଟିମ ଗଠନ ହୋଇଛି ।

## କାର-ବୁଲେଟ୍ ଧକ୍କା, ଦୁଇ ଗୁରୁତର



**ଫୁଲବାଣୀ: ଏକ୍ସପ୍ରେସ ନ୍ୟୁଜ୍**

କନ୍ଧମାଳ ଜିଲ୍ଲାର ଜି. ଉଦୟଗିରି ବ୍ଲକ ଏବଂ ଟିକାବାଲି ଥାନା ଅନ୍ତର୍ଗତ ଡୁଙ୍ଗୀ ବୁଲାଣି ଠାରେ ଏକ କାର ଓ ବୁଲେଟ୍ ଦୁର୍ଘଟଣା ହୋଇ ଜଳି ଯାଇଥିବା ଦେଖିବାକୁ ମିଳିଛି । କଳିଙ୍ଗିଆ ଠାରୁ ଫୁଲବାଣୀ ଅଭିମୁଖେ ଆସୁଥିବା ଗୋଟିଏ କାରଟି ବିପରିତ ଦିଗରୁ ଆସୁଥିବା ବୁଲେଟ୍ ସହ ଧକ୍କା ହୋଇଥିଲା । ଧକ୍କା ହେବା ପରେ କାର୍ ଓ ବୁଲେଟ୍‌ରେ ନିଆଁ ଲାଗି ଜଳି ଯାଇଛି । ଯାହାଫଳରେ କାର୍ ଓ ବୁଲେଟ୍‌ଟି ରାସ୍ତା ମଝିରେ ହୁତହୁତ୍ ହୋଇ ଜଳିଯାଇଥିଲା । କାରରେ ଥିବା ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ । ବୁଲେଟରେ ଥିବା ଚାଳକ ଓ ଅନ୍ୟଜଣେ ଗୁରୁତର ହୋଇ ପ୍ରଥମେ ଟିକାବାଲି ମେଡିକାଲ ଓ ପରେ ଗୁରୁତର ଅବସ୍ଥାରେ ଫୁଲବାଣୀ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି ।

ସୂଚନା ପେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରୁଛି । ଦୁଘଟଣା ଗୁରୁତର ହୋଇଥିବା ଦୁଇଜଣ ଟିକାବାଲି ଥାନା ଚକାପାଦ ବ୍ଲକର ବିବାପଲମେଣ୍ଡି ପଞ୍ଚାୟତ ବେଡାସୁଗା ଗ୍ରାମର ବୋଲି ଜଣାପଡିଛି । ଦୁଇ ଭାଇ ହୋଇଥିବାବେଳେ ବଡଭାଇ ରଙ୍ଗଲାଲ ନାୟକ ଏବଂ ସାନ ଭାଇ ଗୌରାଙ୍ଗ ଚରଣ ନାୟକ । ଘଟଣା ସ୍ଥଳରେ ନିଆଁ ଲିଭା ଗାଡି ପହଞ୍ଚି ନିଆଁକୁ ଆୟତ କରିଥିଲେ ।

## ମୋବାଇଲ ଲୁଟେରା, ୩ ନାବାଳକ ଅଟକ




**କୋଣାର୍କ: ଏକ୍ସପ୍ରେସ ନ୍ୟୁଜ୍**

ଅସୁରକ୍ଷିତ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ । ଗୋଟିଏ ଦିନରେ ୪ଜଣ ପର୍ଯ୍ୟଟକଙ୍କ ଠାରୁ ଚୋରି ହୋଇଛି ୪ଟି ମୋବାଇଲ । ଏନେଇ କୋଣାର୍କ ଥାନାରେ ଅଭିଯୋଗ । ତେବେ ଛତିଶଗଡ଼ର ଜଣେ ପର୍ଯ୍ୟଟକଙ୍କ ଠାରୁ ଚୋରି ହୋଇଥିବା ଆଇଫୋନ ଧରାପଡିଥିବା ବେଳେ ୩ଜଣ ଅଣଓଡ଼ିଆ ନାବଳକ ଧରାପଡିଛନ୍ତି । କିନ୍ତୁ ଏଥିରେ ଲେଡି ମୁଖିଆ ଏବେ ଫେରାର ଥିବା ଜଣାପଡିଛି । ଥାନାରେ ଅଟକ ଥିବା ନାବାଳକଙ୍କୁ ପଚରାଉଚରା କରୁଛି କୋଣାର୍କ ପୁଲିସ । ଏମାନେ ପୁରୀରେ ରହୁଥିବାବେଳେ ଏଠାକୁ ଆସି ପର୍ଯ୍ୟଟକମାନଙ୍କୁ ଟାର୍ଗେଟ କରି ମୋବାଇଲ ଲୁଟ କରି କୌଶଳର ସହିତ ଖସିଯାଆନ୍ତି । ତେବେ ସୂର୍ଯ୍ୟମନ୍ଦିର ଭିତରେ ସୁରକ୍ଷା ଢିଲା ଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଛି ବୋଲି ପର୍ଯ୍ୟଟକମାନେ ଅଭିଯୋଗ କରି ଆସୁଛନ୍ତି ।

## ଟାଟାଏସି ଧକ୍କାରେ ଯୁବକ ଗୁରୁତର

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ଥାନା ଅଧିନସ୍ତ ଜଳାରପୁର ପଞ୍ଚାୟତ ଦେଇ ଯାଇଥିବା ୬୦ ନମ୍ବର ରାଜ୍ୟ ରାଜପଥ କୃଷି କାର୍ଯ୍ୟାଳୟ ଆଗରେ କୂଳ କପାସି ଗ୍ରାମର ପରମାନନ୍ଦ ଲେଙ୍କାଙ୍କ ପୁଅ ଅଶ୍ୱିନୀ କୁମାର ଲେଙ୍କା (୨୮) ରାସ୍ତା ପାରି ହେଉଥିବା ସମୟରେ କଟକରୁ ଚାରିଛକ ଅଭିମୁଖେ ଯାଉଥିବା ଟାଟା ଏସି ଗାଡି ଓଡି-୦୫ ବିଜି-୫୧୪୨ ଦ୍ରୁତ ଗତିରେ ଧକ୍କା ଦେଇଥିଲା । ରାସ୍ତା ଉପରେ ଅଶ୍ୱିନୀ ଛିଟିକି ପଡ଼ିଥିବା ବେଳେ ତାଙ୍କ ଦେହରୁ ବିଭିନ୍ନ ଜାଗାରୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା । ପାଖରେ ଥିବା ଅଗ୍ନିସେବା କାର୍ଯ୍ୟାଳୟରୁ କର୍ମଚାରୀମାନେ ଆସି ହାବିଲଦାର ପୁରୁଷୋତ୍ତମ ନାୟକଙ୍କ ନେତୃତ୍ୱରେ ଏକ ଟିମ ଅଗ୍ନିଶମ ଗାଡ଼ିରେ ଦୁର୍ଘଟଣା ହୋଇଥିବା ଶ୍ରୀ ଲେଙ୍କାଙ୍କୁ ଷ୍ଟ୍ରେଚ଼ର ସହାୟତାରେ ଗାଡ଼ିରେ ବସାଇ ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥଲେ । ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ସଦାନନ୍ଦ ଦାସ୍ ପ୍ରାଥମିକ ଚିକିତ୍ସା କରିଥିଲେ ମଧ୍ୟ ଅବସ୍ଥା ଗୁରୁତର ଦେଖି କଟକ ସ୍ଥାନାନ୍ତର କରିଥିଲେ । ଦୁର୍ଘଟଣାଗ୍ରସ୍ତ କରିଥିବା ଟାଟା ଏସିର ଚାଳକ ନିଆଳି ଥାନାରେ ଆତ୍ମସମର୍ପଣ କରିଛନ୍ତି । ସୂଚନା ଥାଉକି ହଳଦୀ ବସନ୍ତ ଛକ ଠାରୁ ଜଳାର ପୁର ଛକ ପର୍ଯ୍ୟନ୍ତ ଦୁଇ କିଲୋମିଟର ରାସ୍ତା ଫାଙ୍କା ରହୁଥିବାରୁ ଗାଡି ଗୁଡିକ ଦ୍ରୁତ ଗତିରେ ଯାଉଥିବାରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ହମ୍ପ କିମ୍ବା ପୋଲିସ ଷ୍ଟପ ବୋର୍ଡ ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

### ବାଣିଜ୍ୟ

## ବନ୍ଦ ହେବ ୫୦୦ ଟଙ୍କିଆ ନୋଟ !

**ନୂଆଦିଲ୍ଲୀ, ଏକ୍ସପ୍ରେସ୍ ନ୍ୟୁଜ୍**

ସୋସିଆଲ ମିଡିଆରେ ଏକ ମେସେଜ୍ ଭାଇରାଲ ହେଉଛି ଯେ, ଚଳିତ ବର୍ଷ ମାର୍ଚ୍ଚ ମାସରୁ ୫୦୦ ଟଙ୍କିଆ ନୋଟ ବନ୍ଦ କରିଦେବେ ସରକାର । ନୋଟ୍ ବନ୍ଦ ହେବା ନେଇ ସରକାରଙ୍କ ତରଫରୁ ସ୍ପଷ୍ଟ କରାଯାଇଛି । ସରକାରୀ ସଂସ୍ଥା ପିଆଇବି ତରଫରୁ ସୋସିଆଲ ମିଡିଆ ଏକ୍ସରେ ଏହି ମେସେଜ୍‌କୁ ଖଣ୍ଡନ କରାଯାଇଛି । ପିଆଇବି ତରଫରୁ କୁହାଯାଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ ଆସନ୍ତା ମାର୍ଚ୍ଚ ୨୦୨୬ ସୁଦ୍ଧା ୫୦୦ ଟଙ୍କିଆ ନୋଟ୍‌କୁ ବନ୍ଦ କରିବାର କୌଣସି ଘୋଷଣା କରାଯାଇନି । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ମେସେଜ୍ ସମ୍ପୂର୍ଣ୍ଣ ମିଛ । ଏହି ଭାଇରାଲ ଖବର ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ଏହା କେବଳ ଏକ ଗୁଜବ । ସରକାରଙ୍କ ପକ୍ଷରୁ ବାରମ୍ବାର ସ୍ପଷ୍ଟ କରାଯାଇଛି ଯେ, ୫୦୦ ଟଙ୍କିଆ ନୋଟ୍ ବନ୍ଦ କରିବାର କୌଣସି ଯୋଜନା ବର୍ତ୍ତମାନ ନାହିଁ ।




ଭାରତୀୟ ଅର୍ଥନୀତିରେ ୫୦୦ ଟଙ୍କିଆ ନୋଟ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ୨୦୦୦ ଟଙ୍କିଆ ନୋଟ୍ ବନ୍ଦ ହେବା ପରେ ବଜାରରେ ନଗଦ କାରବାର ପାଇଁ ୫୦୦ ଟଙ୍କିଆ ନୋଟ୍ ହେଉଛି ମୁଖ୍ୟ ମାଧ୍ୟମ । ଯଦି ଏହି ନୋଟ୍‌କୁ ହଠାତ୍ ବନ୍ଦ କରାଯାଏ, ତେବେ ଦେଶର ବ୍ୟବସାୟ ଏବଂ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ । ଆରବିଆଇର ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ବଜାରରେ ପ୍ରଚଳିତ ମୋଟ ମୁଦ୍ରାର ସିଂହଭାଗ ହେଉଛି ୫୦୦ ଟଙ୍କିଆ ନୋଟ୍ । ତେଣୁ ଏହାକୁ ବନ୍ଦ କରିବା ସହଜ ନୁହେଁ । ସରକାରଙ୍କ ସୂଚନା ଏଜେନ୍ସି 'ପ୍ରେସ୍ ଇନଫର୍ମେସନ୍ ବ୍ୟୁରୋ' (ପିଆଇବି) ଏହି ଭାଇରାଲ ଦାବିକୁ ନେଇ ଅନେକ ଥର ଫ୍ୟାକ୍ଟ ଚେକ୍ କରିସାରିଛି । ପିଆଇବି ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ସୋସିଆଲ ମିଡିଆରେ ଚାଲିଥିବା ଏହି ଖବର ମିଥ୍ୟା । ସରକାର ୫୦୦ ଟଙ୍କିଆ ନୋଟ୍ ବନ୍ଦ କରିବା କିମ୍ବା ପୁରୁଣା ୫୦୦ ଟଙ୍କିଆ ନୋଟ୍ ବଦଳରେ ନୂଆ ନୋଟ୍ ଆଣିବା ନେଇ କୌଣସି ପ୍ରସ୍ତାବ ରଖିନାହାନ୍ତି ।

## ଖୁଣ୍ଟକୁ ପିଟି ଓଲଟିଲା ବୋଲେରୋ

**ଭଦ୍ରକ, ଏକ୍ସପ୍ରେସ୍ ନ୍ୟୁଜ୍**

ଧାମନଗର - ଦୋବଲ ରାସ୍ତା ଧାମନଗର କଲେଜ ନିକଟରେ, ରାସ୍ତା କଡରେ ଥିବା ଷ୍ଟ୍ରୀଟ ଲାଇଟି ଖୁଣ୍ଟକୁ ଏକ ବୋଲେରୋ ଗାଡି ପିଟି ହୋଇ ଓଲଟି ପଡିଥିବା ଦେଖିବା ପାଇଁ ମିଳିଛି । ସୂଚନା ଅନୁଯାୟୀ ବୋଲେରୋ ଗାଡିଟି ଧାମନଗର ଥାନା ଅଞ୍ଚଳ ହୋଇ ଥିବାବେଳେ ମଧ୍ୟ ରାତ୍ରିରେ ଯାତ୍ରୀଙ୍କୁ ଛାଡି ଗାଡି ନେଇ ଚାଳକ ଦୋବଲ ଘରକୁ ଫେରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡିଛି । ଏଥିରେ କେହି ଗୁରୁତ୍ୱ ହୋଇନଥିବା ବେଳେ ଗାଡି ଚାଳକ ବଞ୍ଚି ଯିବା ସହ ଅଳ୍ପକେ ଆହାତ ହୋଇଥିବା ସୂଚନା ମିଳିଛି । ଖବର ପାଇ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି ।

## ପଥର କଳା ଅନୁସନ୍ଧାନ ପ୍ରକଳ୍ପର ସର୍ବେକ୍ଷଣ

**ରେଢ଼ାଖୋଲ, ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ପତ୍ନତାତ୍ତ୍ୱିକ ସର୍ଭେ ପ୍ରତିଷ୍ଠାନ ତରଫରୁ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳରେ ପଥର କଳା ଅନୁସନ୍ଧାନ କାର୍ଯ୍ୟ ସର୍ବେକ୍ଷଣ ଗୁରୁବାର ଆରମ୍ଭ ହୋଇଛି । ଏହି କାର୍ଯ୍ୟ ଡିଜିଟାଲ ଡକୁମେଣ୍ଟେସନ ଆଧାରରେ କରାଯାଉଛି । ଏହି ପ୍ରକଳ୍ପ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରସ୍ତାବ କ୍ରମେ ଆରମ୍ଭ ହୋଇଛି । ଏହି ପ୍ରକଳ୍ପରେ ଜଙ୍ଗଲ ଓ ପର୍ଯ୍ୟଟନ ବିଭାଗ ସହାୟତା କରୁଛନ୍ତି । ପ୍ରଥମ କରି ନାକଟିଦେଉଳ ବ୍ଲକ ଘୋଷରାମାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଐତିହାସିକ ଭୀମ ମଣ୍ଡଳୀ ଗୁମ୍ଫାରେ ସର୍ବେକ୍ଷଣ ଆରମ୍ଭ ହୋଇଛି ।



ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଲା ପଥର କଳାର ଐତିହାସିକ ପୃଷ୍ଠଭୂମି ନିରୁପଣ କରିବା ବୋଲି ଏଏସ୍‌ଆଇର ଅଧୀକ୍ଷଣ ପତ୍ନତତ୍ତ୍ୱବିଦ୍ ଦିବିଶଦ ଗଡ଼ନାୟକ ପ୍ରକାଶ କରିଛନ୍ତି । ସମ୍ବଲପୁର ଜିଲ୍ଲାର ରେଢ଼ାଖୋଲ ଅଞ୍ଚଳରେ ଭୀମମଣ୍ଡଳି ସମେତ ରାଇଲ, ଲାଣ୍ଡିମାଲ, ଲୁହାପଙ୍କ ଗ୍ରାମ ପଞ୍ଚାୟତ ଅଞ୍ଚଳର ଛତାଗଡ ଓ ବ୍ରାହ୍ମଣୀର ସଂରକ୍ଷିତ ଜଙ୍ଗଲରେ ୪୨ଟି ପଥର କଳା ପୀଠ ରହିଛି ଯେଉଁଥିରେ ପକ୍ଷୀ ପଶୁର ଚିତ୍ର ରହିଛି । ଏହି ପଥର କଳା ଗୁଡିକରେ ପାକ୍ ଐତିହାସିକ ସଂସ୍କୃତି ପ୍ରତିଫଳିତ ହୋଇଛି । ଏହା ୧୫୦୦୦ ବର୍ଷ ତଳର ବୋଲି କୁହାଯାଉଛି ଯାହାକି ରାଜ୍ୟ ପସ୍ତର କଳାର ୪୦.୩୮ % ଅଟେ । ଏହା ଦୀର୍ଘ ଦିନ ଧରି ଏହି ଟିମ୍ ଦ୍ୱାରା ସର୍ବେକ୍ଷଣ କରାଯିବ ବୋଲି ଜଣାଯାଇଛି । ଏହି ସର୍ବେକ୍ଷଣ ଟିମରେ ଏସ୍‌ଆଇର ଅଧୀକ୍ଷଣ ପତ୍ନତତ୍ତ୍ୱବିଦ୍ ଦିବିଶଦ ଗଡ଼ନାୟକ, ସହାୟକ ଅଧିକ୍ଷଣ ବିଦ ପ୍ରଜ୍ଞା ପ୍ରିତମ ପ୍ରଧାନ, ସର୍ବେକ୍ଷକ ଶୁଭେନ୍ଦୁ କୁମାର ଖୁଣ୍ଟିଆ, ଆରେକ୍ଷକ ପବିତ୍ର ମୋହନ ବାରିକ, ଫଟୋ ଗ୍ରାଫର ଦେବାଶିଷ ମିଶ୍ର ପ୍ରମୁଖ ଏକ ୧୫ ଜଣିଆ ଟିମ୍ ସାମିଲ ହୋଇ ଦୀର୍ଘ ଦିନ ଧରି ସର୍ବେକ୍ଷଣ କରାଯିବ ବୋଲି ଜଣାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଘୋଷରାମାଲ ଗ୍ରାମ ପଞ୍ଚାୟତ ସରପଞ୍ଚ ପ୍ରେମ ଶିଳା ପ୍ରଧାନ, ଭୀମ ମଣ୍ଡଳୀ କମିଟିର ସଭାପତି ତଥା ସାମାଜିକ କର୍ମୀ ରମେଶ ପ୍ରସାଦ ସ୍ୱାଇଁ, ବୁର୍ଡ଼ା ଗ୍ରାମ ପଞ୍ଚାୟତ ସରପଞ୍ଚ ରାଜା ପାଲ, ନାକଟିଦେଉଳ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧାପକ ଦେବେଶ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାମରା ବାବୁବାଲିରେ ଶହ ଶହ ଡଲଫିନ, ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବି

**ଚାନ୍ଦବାଲି: ଏକ୍ସପ୍ରେସ ନ୍ୟୁଜ୍**

ଏହି ଜିଲ୍ଲାର ଚାନ୍ଦବାଲି ବନ୍ୟପ୍ରାଣୀ ବନଖଣ୍ଡ ଅଞ୍ଚଳରେ ଶହ ଶହ ସଂଖ୍ୟାରେ ଡଲଫିନ ଦେଖିବାକୁ ମିଳୁଛି । ଏହି ଡଲଫିଲ ୨ପ୍ରକାର ହୋଇଥିବା ବେଳେ ଗୋଟିଏ ବଟଲ ନୋଜ ଏବଂ ଅନ୍ୟଟି ଇରଓାଡି ପ୍ରଜାତିର ବୋଲି ଜଣାଯାଇଛି । ଧାମରା ନିକଟରେ ଏହି ବାବୁବାଲି ଦ୍ୱୀପ ହୋଇଥିବା ବେଳେ ଏହାର ଦକ୍ଷିଣରେ ଭିତର କନିକା ଅଭୟାରଣ୍ୟ । ବର୍ତ୍ତମାନ ଧାମରା ଅଞ୍ଚଳରେ କଇଁଛମାନଙ୍କ ପ୍ରଜନନ ଋତୁ ଚାଲିଥିବା ବେଳେ ଧାମରା ଏବଂ ଭିତରକନିକା ଅଭୟାରଣ୍ୟ ନିକଟବର୍ତ୍ତୀ ଇଲାକାରେ ମାଛ ଧରା ସଂପୂର୍ଣ୍ଣ ବନ୍ଦ କରାଯାଇଛି । ଏହି ସମୟରେ ଶ୍ରୀଲଙ୍କା ଉପକୂଳରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଅଲିଭରିଡଲେ ଆସି ବାବୁବାଲି, ଏକକୁଳା ଏବଂ ଅନ୍ୟ ପାର୍ଶ୍ୱବର୍ତ୍ତୀ ଇଲାକାରେ କଇଁଛମାନଙ୍କ ମିଳନ ଚାଲିଥିବା ବେଳେ ଆସନ୍ତା ଫେବୃଆରୀ ମାସରେ ଗଣଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହେବ । ଇତ୍ୟବସରେ ଏହି ନଦୀମାନଙ୍କରେ ଶହ ଶହ ସଂଖ୍ୟାରେ ଡଲଫିନ ମାଛ ଖେଳୁଥିବାର ଦୃଷ୍ଟି ଗୋଚ଼ର ହୋଇଛି । ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ବାବୁବାଲିକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦେବାକୁ ଅଞ୍ଚଳବାସୀ ଦାବି କରୁଥିବା ବେଳେ ଏହି ବାବୁବାଲି ଦ୍ୱୀପରେ ୨୦୧୬ ମସିହାରେ ୩ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଲେମ୍ବୁ, ପିଜୁଳି, ଆମ୍ବ, ପଣସ, ବରକୋଳି, କଇଥ, ସଫେଦା ଚାରା ରୋପଣ ହୋଇଥିଲା । ତତକାଳୀନ ରେଞ୍ଜର ଅରୁଣ ବେହେରାଙ୍କ ନିର୍ଦ୍ଦେଶ ଏବଂ ବନପାଳ ଗଦାଧର ବିଶ୍ୱାଳଙ୍କ ପରିଶ୍ରମରେ ଏହି ଚାରା ରୋପଣ ହୋଇଥିବା ବେଳେ ବର୍ତ୍ତମାନ ସମୟରେ ଏହି ଚାରା ଗୁଡିକ ବଡ ବଡ ଗଛରେ ପରିଣତ ହୋଇ ସାରିଛି ଏହି ଦୃଶ ଅତ୍ୟନ୍ତ ମନମୁଗ୍ଧକର ହୋଇଥିବା ବେଳେ ଅନ୍ୟ ପକ୍ଷରେ ଅଲିଭରିଡଲେ କଇଁଛଙ୍କ ମିଳନ ଏବଂ ଡଲଫିନମାନଙ୍କ ସମୁଦ୍ରରେ ଖେଳୁଥିବା ଦୃଶ ଅତ୍ୟନ୍ତ ମନଲୋଭା ହୋଇ ପାରିଛି । ଏହାକୁ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତା ଦିଆଯାଇ ପାରିଲେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏହି ସ୍ଥାନମାନଙ୍କୁ ଆସି ଏହି ଦୃଶ୍ୟ ଦେଖିବାର ସୁଯୋଗ ପାଇ ପାରନ୍ତେ ବୋଲି ଚର୍ଚ୍ଚା ଚାଲିଛି । ଅନ୍ୟପକ୍ଷରେ ବାବୁବାଲି ନିକଟରେ ଥିବା ଏକ ନଡିଆ ଦ୍ୱୀପ ଦିନକୁ ଦିନ କ୍ଷୟ ହୋଇ ୨୦୨୧-୨୬ ମସିହା ମଧ୍ୟରେ ସମୁଦ୍ରରେ ମିଶିଯାଇଛି । ଏହି ନଡିଆ ଦ୍ୱୀପରେ ପୂର୍ବରୁ ବହୁ ନଡିଆ ଗଛ ଦୃଶ୍ୟମାନ ହେଉଥିବା ବେଳେ ଏହା ବର୍ତ୍ତମାନ ସତା ହରାଇଛି । ଏଥିସହ ବାବୁବାଲି ଦ୍ୱୀପ ନିକଟରେ ହୁଇଲର ଦ୍ୱୀପ ଅବସ୍ଥାନ କରୁଥିବା ବେଳେ ଏହି ଦ୍ୱୀପ କେବଳ ଭାରତର ମାନଚିତ୍ର ନୁହେଁ ପୃଥିବୀର ମାନଚିତ୍ରରେ ଏକ ବିରଳ ସ୍ଥାନ ପାଇଛି ଯାହାକୁ ଅବଦୁଲ କଲାମ ଦ୍ୱୀପ ଭାବେ ନାମିତ । ମାତ୍ର ଏହି କଲାମ ଦ୍ୱୀପ ଦେଶର ପ୍ରତିରକ୍ଷା ସହ ଜଡିତ ହୋଇଥିବାରୁ ଏହାର ପାର୍ଶ୍ୱବର୍ତ୍ତୀ ଇଲାକାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସମ୍ଭବ ନୁହେଁ ବୋଲି ମଧ୍ୟ ଚର୍ଚ୍ଚା ।

## 'ଘର କବ୍ ଆଓଗେ' ଗୀତର ଅଂଶ ହେବା 'ଘର ଫେରିବା' ପରି ଲାଗେ



### ସିନେମାଫିନେମା ଟିଭିଫିବି

ବହୁ ପ୍ରତୀକ୍ଷିତ ଓ୍ୱାର ସିକ୍ୱେଲ୍ 'ବର୍ଡର ୨'ର ନିର୍ମାତାମାନେ ଶୁକ୍ରବାର ଫିଲ୍ମର 'ଘର କବ୍ ଆଓଗେ' ଟ୍ରାକ୍ ରିଲିଜ୍ କରିବା ସମୟରେ, ଗାୟକ ସୋନୁ ନିଗମ । ଯିଏ ମୂଳ ଟ୍ରାକ୍ 'ସାଣ୍ଡେସେ ଆତେ ହେଁ' ମଧ୍ୟ ଗାଇଥିଲେ, ସେୟାର କରିଛନ୍ତି ଯେ ଏହି ଦେଶାତ୍ମବୋଧକ ଗୀତର ଅଂଶ ହେବା ତାଙ୍କ ପାଇଁ ଘରକୁ ଫେରିବା ପରି ଅନୁଭବ କରୁଛି । ନିଜ ଇନଷ୍ଟାଗ୍ରାମରେ ଟ୍ରାକ୍ ପୋଷ୍ଟ କରି, ନିଗମ ବ୍ୟାଖ୍ୟା କରିଛନ୍ତି ଯେ ଏହା ତାଙ୍କ ପାଇଁ କେବଳ ଏକ ଗୀତ ନୁହେଁ, ବରଂ ଏକ ଭାବନା ।

'ଘର କବ ଆଓଗେ'କୁ ସାହସୀ ସୈନିକ ଏବଂ ସେମାନଙ୍କ ପରିବାରକୁ ଉତ୍ସର୍ଗ କରି ଗାୟକ ଲେଖିଛନ୍ତି, 'କିଛି ଗୀତ କେବଳ ସ୍ୱର ନୁହେଁ, ଏହା ଏପରି ଭାବନା ଯାହା ଆମ ଦେଶର ଆତ୍ମା ସହିତ ଜଡିତ । 'ବର୍ଡର ୨' ପାଇଁ ଏହି ଗୀତର ଏକ ଅଂଶ ହେବା ଏକ ସୁନ୍ଦର ଗୃହପ୍ରତ୍ୟାବର୍ତ୍ତନ ପରି ଅନୁଭବ ହୋଇଥିଲା । ଜଣେ କଳାକାରଙ୍କ ପାଇଁ ଏପରି ଯାଦୁକୁ ପୁନଃଜୀବିତ କରିବା ବିରଳ ଏବଂ ମୁଁ ପ୍ରକୃତରେ ଧନ୍ୟ ଅନୁଭବ କରୁଛି ଯେ ଏହି ଯାତ୍ରା ଜାରି ରହିଛି । ଏହା ଆମର ସାହସୀ ସୈନିକ ଏବଂ ସେମାନଙ୍କ ଅପେକ୍ଷା କରିଥିବା ପରିବାର ପାଇଁ ।



ନିଗମ, ଅରିଜିତ ସିଂହ, ବିଶାଲ ମିଶ୍ର ଏବଂ ଦିଲଜିତ ଦୋସାଞ୍ଜଙ୍କ ପରି ପ୍ରତିଭାଶାଳୀ ଗାୟକଙ୍କ ଏକ ଚମତ୍କାର ଲାଇନଅପ୍ ସହିତ, ନିର୍ମାତା ଶୁକ୍ରବାର ଏକ ଭବ୍ୟ କାର୍ଯ୍ୟକ୍ରମରେ ଗୀତଟିକୁ ଲଞ୍ଚ କରିଛନ୍ତି ।

ମୂଳତଃ ଅନୁ ମଲିକଙ୍କ ଦ୍ୱାରା ରଚିତ, ଗୀତଟିକୁ ମିଥୁନଙ୍କ ଦ୍ୱାରା ପୁନଃନିର୍ମାଣ କରାଯାଇଛି, ମନୋଜ ମୁନ୍ତାଶିର ଶୁକ୍ଲାଙ୍କ ଦ୍ୱାରା ନୂତନ ଗୀତ ସହିତ ।

୧୯୯୯ ଯୁଦ୍ଧ ନାଟକ 'ବର୍ଡର'ର ମୂଳ ଟ୍ରାକ୍ 'ସାଣ୍ଡେସ ଆତେ ହେ' ସୋନୁ ନିଗମ ଏବଂ ରୂପକୁମାର ରାଠୋଡ ଗାଇଥିଲେ । ଗୀତଗୁଡ଼ିକ ଜାଭେଦ ଅଖତରଙ୍କ ଦ୍ୱାରା ଲେଖାଯାଇଥିଲା ଏବଂ ଏହା ସନି ଦେଓଲ, ସୁନୀଲ ସେଟ୍ଟୀ, ଅକ୍ଷୟ ଖାନ୍ନା ଏବଂ ଜ୍ୟାକି ଶ୍ରଫଙ୍କ ଉପରେ ଫିଲ୍ମ କରାଯାଇଥିଲା ।

ଅନୁରାଗ ସିଂହଙ୍କ ଦ୍ୱାରା ନିର୍ଦ୍ଦେଶିତ 'ବର୍ଡର ୨'ରେ ସନି ଦେଓଲ, ବରୁଣ ଧାଓ୍ୱନ, ଦିଲଜିତ ଦୋସାଞ୍ଜ, ଆହାନ ସେଟ୍ଟୀ, ମୋନା ସିଂହ, ମେଧା ରାଣା, ସୋନମ ବାଜଓ୍ୱା ଏବଂ ଅନ୍ୟା ସିଂହଙ୍କ ସହିତ ଅନ୍ୟ କଳାକାରମାନେ ଅଭିନୟ କରିଛନ୍ତି ।

ଗୁଲଶନ କୁମାର ଏବଂ ଟି-ସିରିଜ ଦ୍ୱାରା ପ୍ରଦର୍ଶିତ, ଜେ.ପି. ଦତ୍ତାଙ୍କ ଜେ.ପି. ଫିଲ୍ମସ ସହିତ ମିଳିତ ଭାବରେ ଏବଂ ଭୂଷଣ କୁମାର, କ୍ରିଷନ କୁମାର, ଜେ.ପି. ଦତ୍ତା ଏବଂ ନିଧି ଦତ୍ତାଙ୍କ ଦ୍ୱାରା ସମର୍ଥିତ, 'ବର୍ଡର ୨' ଜାନୁଆରୀ ୨୩ ତାରିଖରେ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ।

# ଖୋଲିନି ମଣ୍ଡି: ଗାଁରେ ବୁଲୁଛନ୍ତି ପଶ୍ଚିମବଙ୍ଗ ବ୍ୟବସାୟୀ



**୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା । ଏହି ଜିଲ୍ଲାରେ ୮୫ ପ୍ରତିଶତ ଚାଷୀ ଧାନ ଚାଷ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି । ଏହା ଭିତରେ ଜିଲ୍ଲାରେ ଧାନ କଟା ଶେଷ ହୋଇଯାଇଥିବା ବେଳେ ଚାଷୀ ତା'ର ଧାନ ବିକ୍ରି କରିବା ପାଇଁ ସରକାରୀ ମଣ୍ଡି ଖୋଲି ନାହିଁ । ଆସନ୍ତା ୫ ତାରିଖରେ ସରକାରୀ ଧାନ ମଣ୍ଡି ଖୋଲିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି କରାଯାଇଥିବା ବେଳେ ଧାନ ଅମଳ ବସିଥିବା ଚାଷୀଙ୍କ ଧାନ ବୋହି ନେଇ ଗଲେଣି ବଙ୍ଗ ବେପାରୀ ।

ଅନଲାଇନ୍ ପଞ୍ଜୀକରଣ କରି ଚାଷୀ ଧାନ ବିକ୍ରି କରିବାକୁ ଚାହୁଁଥିବା ବେଳେ ମଣ୍ଡି ଖୋଲି ନଥିବା ଓ ଅନେକ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ଟୋକନ ନମିଳିବା ଦୁଃଖର କଥା ହୋଇଛି । ବାହାର ବେପାରୀ ଏହାର ସୁଯୋଗ ନେଇ ଚାଷୀଙ୍କ ଠାରୁ କ୍ୱିଣ୍ଟାଲ ପ୍ରତି ୧୫୦୦ରୁ ୧୯୦୦ ଟଙ୍କାରେ ଧାନ ଉଠାଇ ନେଉଛନ୍ତି । ଚାଷୀ ଅଭାବୀ ଧାନ ବିକ୍ରିର ଶୀକାର ହେଉଛନ୍ତି । ଅନେକ ଗରିବ ଚାଷୀ ସେମାନଙ୍କର ଘରୋଇ ଖର୍ଚ୍ଚ ପାଇଁ ସରକାରୀ ମଣ୍ଡି ଖୋଲିବା ପର୍ଯ୍ୟନ୍ତ ଅପେଖା ନକରି ଏହି ବାହାର ବେପାରୀଙ୍କୁ ସେମାନଙ୍କର ଧାନ ଟେକି ଦେବାକୁ ବାଧ ହୋଇଛନ୍ତି ।

ପ୍ରକାଶ ଥାଉକି ଜିଲ୍ଲାରେ ୧୦୫ଟି ସମବାୟ ସଂସ୍ଥା ଓ ୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଏଥର ଧାନ କିଣା ଯିବା ପାଇଁ ଯୋଜନା କରାଯାଇଛି । ଏହି ମଣ୍ଡିରେ ଚାଷୀ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ କ୍ୱିଣ୍ଟାଲ ପ୍ରତି ୩୧ ଶହ ୮୦ ଟଙ୍କାରେ ଧାନ ବିକ୍ରି କରିବା ପାଇଁ ଘୋଷଣା ହୋଇଛି । ସରକାରୀ ମଣ୍ଡିରେ ଏହି ମୂଲ୍ୟରେ ଚାଷୀ ଧାନ ବିକ୍ରି କରିବା ପୂର୍ବରୁ ଚାଷୀ ଆନ୍ଧ୍ର ଓ ବଙ୍ଗ ବେପାରୀଙ୍କୁ ଧାନ ଟେକି ଦେଲେନି । ଯେଉଁ ଚାଷୀ ଆଗୁଆ ବାହାର ଦଲାଲଙ୍କ ଜରିଆରେ ଧାନ ବିକ୍ରି କରୁଛନ୍ତି । ସେମାନେ ଅଭାବୀ ବିକ୍ରିର ଶୀକାର ହେଲେଣି । ସରକାରୀ ଭାବରେ ଧାନ କିଣା ତାରିଖ ଆଗୁଆ କରୁଥିଲେ ଚାଷୀଙ୍କୁ ଅଭାବୀ ଧାନ ବିକ୍ରିର ଶିକାର ହେବାକୁ ପଡ଼ିନଥାନ୍ତା । ଭଦ୍ରକ ଜିଲ୍ଲାରେ ଡିସେମ୍ବର ପ୍ରଥମ ସପ୍ତାହରୁ ଚାଷୀ ଧାନ କାଟିବା ଆରମ୍ଭ କରିଥିଲେ । ଧାନ କଟା ଶେଷ ହୋଇଥିବା ବେଳେ ଧାନ ବିକ୍ରି ଆରମ୍ଭ ନହେବା ପରିତାପର ବିଷୟ ହୋଇଛି ।

ଆଜି ପର୍ଯ୍ୟନ୍ତ ମଣ୍ଡି ଖୋଲା ନଯିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଜିଲ୍ଲାରେ ଆହୁରି ଅନେକ ଚାଷୀ ଧାନ ଅମଳ କରି ଖଳାରେ ରଖିଛନ୍ତି । ଚାଷୀମାନେ ତୁରନ୍ତ ଧାନ ମୁଣ୍ଡି ଖୋଲିବାକୁ ଦାବି କରି ଥିବା ବେଳେ ଚାଷୀଙ୍କର ଏଭଳି ଅବସ୍ଥା ପାଇଁ ତୁରନ୍ତ ବ୍ୟବସ୍ଥା କରନ୍ତୁ ବୋଲି ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର ସଂଯୋଜକ ତ୍ରିଲୋଚନ ପଣ୍ଡା, ସୀତାକାନ୍ତ ସାହୁ, ସତ୍ୟ ନାୟକ, କୃଷକ ନେତା ଚନ୍ଦ୍ର ଶେଖର ନାୟକ ପ୍ରମୁଖ ଦାବି କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ରବିବାର–ପ୍ରତିପଦା |
|---|---|
| ୪.୧.୨୦୨୬ | ନକ୍ଷତ୍ର– ପୁନର୍ବସୁ, ମିଥୁନଚନ୍ଦ୍ର |

| | |
|---|---|
| **ମେଷ** | ସ୍ୱପରାକ୍ରମ ବୃଦ୍ଧି ପାଇବ । |
| **ବୃଷ** | ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । |
| **ମିଥୁନ** | ଆଭୂଷଣ ପ୍ରାପ୍ତି ହେବେ । |
| **କର୍କଟ** | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| **ସିଂହ** | ସମ୍ମାନ ପ୍ରାପ୍ତି ହେବେ । |
| **କନ୍ୟା** | ଖୁସି ଓ ଶାନ୍ତିରେ ଦିନଟି କଟିବ । |
| **ତୁଳା** | କର୍ମକ୍ଷେତ୍ରରେ ଶୁଭ ସମ୍ବାଦ ପାଇବେ । |
| **ବିଛା** | ବନ୍ଧୁ ମେଳରେ ଅସମ୍ମାନିତ ହେବେ । |
| **ଧନୁ** | କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| **ମକର** | ଦ୍ରବ୍ୟପ୍ରାପ୍ତି ଯୋଗ ରହିଛି । |
| **କୁମ୍ଭ** | ଅପେକ୍ଷା କରିଥିବା କାର୍ଯ୍ୟରେ ସଫଳତା ମିଳିବ । |
| **ମୀନ** | ଋଣଭାର ବୃଦ୍ଧି ପାଇବ । |

## ସ୍ତ୍ରୀ ଦଶାହରେ ସ୍ୱାମୀଙ୍କ ମୃତ୍ୟୁ

**କଣାସ, ୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପରସ୍ପର ବିବାହ ବନ୍ଧନରେ ବାନ୍ଧି ହୋଇ ଶପଥ ନେଇଥିଲେ ପରସ୍ପର ସହିତ ବାନ୍ଧି ହୋଇ ରହିବା ପାଇଁ ତାଙ୍କର ଏହି ଶପଥ ଗତକାଲି ସାକାର ହୋଇଥିବା ବେଳେ ଦୁଃଖ ଦେଇ ଯାଇଛନ୍ତି ପରିବାର ଓ ବନ୍ଧୁ ବାନ୍ଧବମାନଙ୍କୁ ସ୍ତ୍ରୀର ଦଶାହ ଅବସରରେ ତାଙ୍କର ଆତ୍ମାର ସଦ୍‌ଗତି ପାଇଁ ତିଳୋ ର୍ତ୍ପଣ ଦେଉଥିବା ସ୍ୱାମୀ ଗତକାଲି ଆଖିବୁଜି ଦେଇଛି ହୃଦଘାତରେ ସ୍ୱାମୀ ସ୍ତ୍ରୀଙ୍କର ଅତୁଟ ବନ୍ଧନ ଆଲୋଚନାର ବିଷୟ ବସ୍ତୁ ହୋଇଛି ଶୋକସନ୍ତପ୍ତଙ୍କ ମଧ୍ୟରେ କଣାସ ବ୍ଲକ ଗଡଶାହି ଗ୍ରାମପାୟତର ବେଣାଗାଁ ଗ୍ରାମର ନାରାୟଣ ପଟନାୟକଙ୍କର ପତ୍ନୀ ଜୀନା ପଟନାୟକ ୫୭ ବର୍ଷଙ୍କ ଗତ ୨୩ ତାରିଖ ଦିନ ସଡକ ଦୁର୍ଘଟଣାରେ ପ୍ରଣ ହରାଇଥିବାବେଳେ ଗତକାଲି ତାଙ୍କର ସ୍ୱାମୀ ନାରାୟଣ ପଟନାୟକ ସ୍ତ୍ରୀଙ୍କ ଦଶାହରେ ସୁଦ୍ଧି ହୋଇଥିବାବେଳେ ହଠାତ ଅସୁସ୍ଥ ହୋଇପଡିଥିଲେ । ପାଖରେ ଥିବା ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସ ଡାକି ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ପୁରୀ ମୂଖ୍ୟ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିଲା ସେଠାରେ ଡାକ୍ତର ନାରାୟଣଙ୍କର ମୃତ୍ୟୁ ହୋଇଯାଇଥିବା ଘୋଷଣା କରିଥିଲେ । ତାଙ୍କର ଏକ ମାତ୍ର ପୁଅ ପ୍ରତିସପ୍ରଜ୍ଞା ପଟନାୟକ ବୋଉ ପାଇଁ ଲଣ୍ଡା ହୋଇଥିବାବେଳେ ବାପାଙ୍କର ପୁରୀ ସ୍ୱର୍ଗଦ୍ୱାରରେ ଶବ ଦାହ ବେଳେ ମୁଖାଗ୍ନି ଦେଇଥିଲେ ।

## ତେଲ ନଦୀରୁ ଯୁବକର ମୃତଦେହ ଉଦ୍ଧାର

**ବାଲେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ତୁଷୁରା ତେଲ ନଦୀ ବ୍ରିଜ ତଳୁ ଶନିବାର ଏକ ମୃତଦେହ ଉଦ୍ଧାର କରାଯାଇଛି ।

ସୂଚନା ଅନୁଯାୟୀ, ବ୍ରିଜ ତଳୁ ଉଦ୍ଧାର କରଯାଇଥିବା ମୃତ ଯୁବକ ଜଣକ ହେଲେ ଦେଉଳଗୁଡ଼ି ଗାଁର ବ୍ୟବସାୟୀ ନଟରାଜ ଥନାପତି । କିଛି ମାସ ତଳେ ନଟରାଜଙ୍କ ବିବାହ ଠିକ୍ ହୋଇଥିଲା । ଆଉ ଅଳ୍ପ କିଛି ଦିନ ଥିବା ବେଳେ ଆଜି ତାଙ୍କର ବ୍ରିଜ୍‌ତଳୁ ମୃତଦେହ ମିଳିବାରୁ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛିଛ ଏପରିକି ନଟରାଜଙ୍କ ବିବାହ କାର୍ଡ ବଣ୍ଟନ ମଧ କରି ସାରିଥିବା ପରିବାର ଲୋକେ କହିଛନ୍ତି । ମୃତ୍ୟୁ ନେଇ ପରିବାର ଲୋକେ କିଛି କହି ନ ଥିବାବେଳେ ଘଟଣାସ୍ଥଳରେ ତୁଷୁରା ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରୁଥିବା ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ କହିଛନ୍ତି ।

## ମିଥ୍ୟା ସତ୍ୟପାଠ ଦାଖଲ କରି ସରପଞ୍ଚ ନିଲମ୍ବିତ

**ବାଲେଶ୍ୱର : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତର ସରପଞ୍ଚ ଭବାନୀ ଜେନା ନିଲମ୍ବିତ । ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ଭବାନୀଙ୍କୁ ଅଯୋଗ୍ୟ ଘୋଷଣା କରିବା ସହ ସରପଞ୍ଚ ପଦବୀରୁ ନିଲମ୍ବିତ କଲା ଜିଲ୍ଲା ପ୍ରଶାସନ । ଏହା ସହ ନାଏବ ସରପଞ୍ଚଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ କୁହାଯାଇଛି ।

ସୂଚନାନୁଯାୟୀ, ବ୍ରାହ୍ମଣଦା ପଞ୍ଚାୟତର ସରପଞ୍ଚ ଭବାନୀ ଜେନା ନିର୍ବାଚନ ସମୟରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିଲେ । ତାଙ୍କର ୩ଟି ପିଲା ଥିବା ବେଳେ ସେ ଦୁଇଟି ପିଲା ଥିବା କହିଥିଲେ । ନିୟମ ଅନୁସାରେ ଦୁଇଟିରୁ ଅଧିକ ପିଲା ରହିଥିଲେ ସେମାନେ ସରପଞ୍ଚ ପଦବୀରେ ରହି ପାରିବେ ନାହିଁ ବୋଲି ଉଲ୍ଲେଖ ରହିଛି । ତେଣୁ ଭବାନୀ ମିଥ୍ୟା ସତ୍ୟପାଠ ଦେଇ ସରପଞ୍ଚ ପଦବୀ ହାତେଇଥିଲେ । ଏଥିପାଇଁ ଜିଲ୍ଲା ପ୍ରଶାସନ ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ସହ ସରପଞ୍ଚ ପଦବୀରୁ ନିଲମ୍ବିତ କରିଛି । ଏହା ସହ ନାଏବ ସରପଞ୍ଚ ମିନତୀ ଖଟୁଆଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ ପାଇଁ ନିର୍ଦ୍ଦେଶ ରହିଛି ।

# ହରଡ଼ଘଣାରେ ତିର୍ତ୍ତୋଲ ଥାନାଧିକାରୀ

**ତିର୍ତ୍ତୋଲ, ୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଶାସନକୁ ଅନ୍ଧାରରେ ରଖି ତିର୍ତ୍ତୋଲ ଥାନାଧିକାରୀ ପ୍ରଦୀପ୍ତ ସେଠୀ ଜବତ କେତୋଟି ହାଇୱାକୁ ଛାଡ଼ି ଦେଇ ହରଡ଼ଘଣାରେ ପଡ଼ିଛନ୍ତି । ଘଟଣା ପ୍ରଘଟ ହେବା ପରେ ଜିଲ୍ଲାପାଳଙ୍କ ଦପ୍ତର ପକ୍ଷରୁ ଥାନାଧିକାରୀ ଶ୍ରୀ ସେଠୀଙ୍କୁ ଗତକାଲି ଚିଠି ସଂଖ୍ୟା ୨୦୨ ଜରିଆରେ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି । ଚିଠି ପାଇବାର ଦୁଇ ଦିନ ଭିତରେ ଏହାର ଉତ୍ତର ରଖିବାକୁ ମହଲତ ଦିଆଯାଇଛ । ନଚେତ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଚେତାବନୀ ଦିଆଯାଇଛି । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଚଳିତ ଜାନୁଆରୀ ମାସର ଦରମାକୁ ସ୍ଥଗିତ ରଖାଯିବ ବୋଲି ଜଣାଇ ଦିଆଯାଇଛି ।

ଗତ ଡିସେମ୍ବର ମାସ ୧୧ ତାରିଖରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ତିର୍ତ୍ତୋଲ ଥାନା ଅଧୀନ ଜୟପୁର ବାଲିସୈରାତ୍ରେ ଚଢ଼ଉ କରାଯାଇଥିଲା । ଜୟପୁର ମହାନଦୀ ବାଲୁକାଖଣୀ ବା ସୈରାତ୍ରେ ଚଢ଼ଉ ସମୟରେ ୨୨ଟି ହାଇୱା ଓ ୨ଟି ଏକ୍ସାଭେଟରକୁ ଜବତ କରାଯାଇଥିଲା । ପରେ ତତ୍କାଳୀନ ଜିଲ୍ଲା ଖଣି ଅଧିକାରୀ ସତୀଶ କୁମାର ତରାଇ ତିର୍ତ୍ତୋଲ ଥାନାରେ ଏସଂକ୍ରାନ୍ତରେ ଏକ ଲିଖିତ ଏତଲା ଦେଇଥିଲେ । ଚଢ଼ଉ ବେଳେ ଅନେକ ହାଇୱା ଚାଳକ ଚମ୍ପଟ ମାରିଥିଲେ ସୁଦ୍ଧା ଢେଙ୍କାନାଳ କାମାକ୍ଷାନଗର ତେନ୍ତୁଳିସିଂ ଗ୍ରାମର କାଳନ୍ଦୀ ନାୟକ, ତିର୍ତ୍ତୋଲ ଜଗନ୍ନାଥପୁର ଚାନ୍ଦ ଗ୍ରାମର ସ୍ମୃତିରଞ୍ଜନ ଲେଙ୍କା ଓ ପଶ୍ଚିମବଙ୍ଗ ମୁର୍ଶିଦାବାଦା କାଟବଙ୍ଗ ଗ୍ରାମର ମହମ୍ମଦ ଇଦ୍ରିସ ସେଖ୍ ଧରା ପଡ଼ି ଯାଇଥିଲେ । ଏଣେ ଅଧିକ ଖୋଳତାଡ଼ ପରେ ଉକ୍ତ ବାଲି ସୈରାତ୍‌ରୁ ମନମୁଖି ବାଲି ଉତ୍ତୋଳନ ହୋଇଥିବା ଜଣାପଡ଼ିଥିଲା । ଉକ୍ତ ସୈରାତ୍ର ନିଲାମଧାରୀ କଟକ ଜିଲ୍ଲା ବାରଙ୍ଗ ତଥା ବ୍ରାହ୍ମଣୀଗାଁର ବଂଶୀଧର ସ୍ୱାଇଁ ଥିବା ଜଣାପଡ଼ିଥିଲା । ଲିଜଧାରୀ ବାର୍ଷିକ ୧୯୭୪୦ ଘନମିଟର ବାଲି ଉତ୍ତୋଳନ ନିମନ୍ତେ ଅନୁମିତପ୍ରାପ୍ତ ରହିଥିଲେ ସୁଦ୍ଧା ସରକାରୀ ନିୟମକୁ ଉଲ୍ଲଂଘନ କରାଯାଇ ଏଠାରୁ ଆଖିବୁଜା ବାଲି ଉଠାଣ ହୋଇଥିଲା । ସୀମା ସରହଦକୁ ଭ୍ରୁକ୍ଷେପ କରାନଯାଇ ପର୍ଯ୍ୟାପ୍ତ ବାଲି ଉଠାଣ ଦ୍ୱାରା ପରିବେଶ ପ୍ରତି ଘାତକ ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ଅଣାଯାଇଥିଲା । ଏତଦ୍‌ବ୍ୟତିତ ସରକାରୀ ନିୟମାନୁସାରେ ସୈରାତ୍ର ପରିଧିକୁ ପିଲାର ଦ୍ୱାରା ଆବଦ୍ଧ କରାଯାଇନଥିବା ଅଭିଯୋଗ ଆଣି ଖଣି ଅଧିକାରୀଙ୍କ ପକ୍ଷରୁ ଉକ୍ତ ବାଲି ସୈରାତ୍ ଲିଜଧାରୀଙ୍କ ସମେତ ଜବତ ଗାଡ଼ି ଓ ମେସିନ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୁଲିସର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ହାଇୱା ଗୁଡ଼ିକ ଜବତ ହୋଇଥିବାରୁ କିଛି ଗାଡ଼ି ମାଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ମାମଲାର ବିଚାର କରି ଆବେଦନକାରୀଙ୍କୁ ୧୦, ୧୫ ଦିନ ଭିତରେ ତିର୍ତ୍ତୋଲ ଥାନାଧିକାରୀ, ଉପଜିଲ୍ଲାପାଳ ଓ ଜିଲ୍ଲା ଖଣି ଅଧିକାରୀଙ୍କ ନିକଟରେ ଏ ସଂକ୍ରାନ୍ତ ସମସ୍ତ କାଗଜପତ୍ର ଦାଖଲ କରି ଗାଡ଼ି ଛାଡ଼ିବାକୁ ଅନୁରୋଧ କରିବେ ଏବଂ ଆବେଦନକାରୀଙ୍କ ଏହି ଅନୁରୋଧକୁ ବିଚାରକୁ ନେଇ ବିଭାଗୀୟ ଅଧିକାରୀ ଏହା ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ହାଇକୋର୍ଟ ନିଜ ଆଦେଶରେ ସ୍ୱଷ୍ଟ କରିଥିଲେ ।



ଏଣେ କିନ୍ତୁ ହାଇକୋର୍ଟଙ୍କ ଉକ୍ତ ଆଦେଶର ବିପରୀତ କାର୍ଯ୍ୟ କରି ତିର୍ତ୍ତୋଲ ଥାନାଧିକାରୀ ଶ୍ରୀ ସେଠୀ ଇତିମଧ୍ୟରେ କିଛି ହାଇୱାକୁ ସେସବୁ ଗାଡ଼ିର ମାଲିକଙ୍କ ଜିମାରେ ଛାଡ଼ି ଦେଇଛନ୍ତି । ଏଣେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ମଧ କିଛି ଜବତ ହାଇୱା ପୁଲିସ ଛାଡ଼ିବା ସଂକ୍ରାନ୍ତରେ ସଂପୂର୍ଣ୍ଣ ଅନ୍ଧାରରେ ଥିବା କହିଛନ୍ତି । ଏ ସଂକ୍ରାନ୍ତ ଏକ ମାମଲାରେ ବି ଜିଲ୍ଲା କନିଷ୍ଠ ଖଣି ଅଧିକାରୀ ଜବତ ଗାଡ଼ି ଛାଡ଼ିବା ନେଇ କାଗଜପତ୍ରରେ ଦସ୍ତଖତ ଦେଇନଥିଲେ । ତଥାପି ତିର୍ତ୍ତୋଲ ଥାନାଧିକାରୀ ଉକ୍ତ ଗାଡ଼ିକୁ ଛାଡ଼ି ଦେଇଥିଲେ । ଯାହାକି ହାଇକୋର୍ଟଙ୍କ ଆଦେଶର ଖୋଲା ଉଲ୍ଲଂଘନ ବୋଲି ଜାରି ହୋଇଥିବା କାରଣଦର୍ଶାଅ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି । କ୍ଷମତାର ଦୁରୁପଯୋଗ ଏବଂ ବେନିୟମ କାର୍ଯ୍ୟ ନେଇ ଏବେ ଥାନାଧିକାରୀ ଶ୍ରୀ ସେଠୀ କାରଣଦର୍ଶାଅ ନୋଟିସ୍ର ସମ୍ମୁଖୀନ ହୋଇଛନ୍ତି ।

ସୂଚନା ଥାଉ କି, ନିକଟରେ ତିର୍ତ୍ତୋଲର କିଲିପାଳ ବାଲି ସୈରାତ୍‌ରେ ବି ପ୍ରଶାସନ ଓ ପୁଲିସ ପକ୍ଷରୁ ବଡ଼ଧରଣର ଚଡ଼ଉ କରାଯାଇଥିଲା । ସେଠାରୁ ୪୬ଟି ହାଇୱା ଓ ୩ଟି ଏକ୍ସକ୍ୟାଭେଟର ଜବତ କରାଯାଇଥିଲା । ବିପୁଳ ପରିମାଣର ବାଲି ଚୋରା ଚାଲାଣ, ସରକାରଙ୍କ ରାଜସ୍ୱ ହାନି ସହ ପରିବେଶ ନଷ୍ଟ କରାଯାଉଥିବା ଦେଖି ପ୍ରଶାସନ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା ।

## ତହସିଲଦାରଙ୍କ ବେଆଇନ ଇଟାଭାଟି ଯାଞ୍ଚ

**ସୋର, ୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ତହସିଲ ଅଧିନ ବିଭିନ୍ନ ଗ୍ରାମାଞ୍ଚଳ ଓ ଜଙ୍ଗଲ ପାଦ ଦେଶରେ ଛତୁ ଫୁଟିଲା ଭଳି ବେଆଇନ ଇଟାଭାଟି ଗୁଡିକ ଗଢ଼ି ଉଠିଛି । ଅଭିଯୋଗ ପାଇ ଶୁକ୍ରବାର ମଧାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ ଓ ଅତିରିକ୍ତ ତହସିଲଦାର ସଞ୍ଜିବ କୁମାର ପାତ୍ର ବିଭିନ୍ନ ବେଆଇନ ଇଟା ଭାଟିରେ ବୁଲିଥିବା ଜଣାପଡିଛି । ଏହି ସମୟରେ ଇଟାଭାଟିର ମାଲିକମାନେ ଚମ୍ପଟ ମାରିଥିବା ବେଳେ କାମ କରୁଥିବା ଶ୍ରମିକଙ୍କୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହିତ ୭ ଦିନ ମଧ୍ୟରେ ଆବଶ୍ୟକୀୟ କାଗଜପତ୍ର ତହସିଲରେ ପୈଠ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ନିଜ ନିଜ ଅଞ୍ଚଳରେ ଗଢିଉଠିଥିବା ଏହି ବେଆଇନ ଇଟାଭାଟିଗୁଡିକୁ ନୋଟିସ ଜାରି କରିବାକୁ ତହସିଲଦାର ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ସମସ୍ତ ବେଆଇନ ଇଟାଭାଟିକୁ ବନ୍ଦ କରିବାକୁ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ତହସିଲଦାର ଶ୍ରୀ ମଲିକ ସୂଚନା ଦେଇଛନ୍ତି ।

# ଯୁବକଙ୍କୁ ବିଭତ୍ସ ହତ୍ୟା

**ତାଳଚେର, ୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ତାଳଚେର ଥାନା ସମ୍ମୁଖରେ ଯୁବକଙ୍କୁ ବିଭତ୍ସ ହତ୍ୟା । ମୃତକ ତାଳଚେର ଟାଉନ୍ ବଡଦାଣ୍ଡ ସାହିର ସନ୍ତୋଷ ମହାପାତ୍ର ବୋଲି ଜଣାପଡିଛି । ରୋଷେଇରେ ଟଙ୍କା ଦେଣନେଣକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ହୋଇଛି ସୂଚନା ମିଳିଛ । ତେବେ ଅଭିଯୁକ୍ତ ବଡଦାଣ୍ଡ ସାହି ଘୋଡାଶାଳର ଚଗଲା ଅମାନ୍ତ ହୋଇଥିବା ବେଳେ ସେ ଘଟଣାସ୍ଥଳରୁ ଫେରାର ଥିବା ଜଣାପଡିଛି ।

ସୂଚନା ମୁତାବକ,ଥାନା ସମ୍ମୁଖରେ ଆଜି ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ସନ୍ତୋଷ ଥାନା ସମ୍ମୁଖ ରାସ୍ତାରେ ଯାଉଥିଲେ । ସେହି ସମୟରେ ସେଠାରେ ପୂର୍ବରୁ ଜଗି ରହିଥିବା ଚଗଲା ଲୁହାଛଡରେ ସନ୍ତୋଷ ମୁଣ୍ଡକୁ ଆକ୍ରମଣ କରିଥିଲା । ଏହାପରେ ସଙ୍ଗେ ସଙ୍ଗେ ତଣ୍ଟିରେ ପୁରେଇ ଦେଇଥିଲା । ଏନେଇ ସନ୍ତୋଷଙ୍କ ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ତାଳଚେର ମୁଖ୍ୟ ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଡାକ୍ତରଖାନା ସମେତ ତାଳଚେର ଥାନା ସମ୍ମୁଖରେ ଲୋକଙ୍କ ପ୍ରବଳ ଭିଡ ଜମି ରହିଛି । ରକ୍ତସ୍ରାବ ହୋଇ ପଡ଼ିଥିବା ସ୍ଥାନକୁ ପୁଲିସ ବାରିକେଡ ଲଗାଇ ଜଗି ରହିଛନ୍ତି । ପୁଲିସ ସାଇଣ୍ଟିଫିକ୍ ଟିମ ଅପରାହ୍ନରେ ଆସି ତଦନ୍ତ କରିବାର ରହିଛି ଛ ଖୋଦ୍ ଥାନା ସମ୍ମୁଖରେ ଏଭଳି ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ତାଳଚେରରେ ପୁଲିସକୁ ଅପରାଧୀମାନେ ଆଉ ଭୟ କରୁନଥିବା ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛ ।

## ବେକରେ ଆପ୍ଛୁନ ଲଗାଇ ଆତ୍ମହତ୍ୟା

**ସୋର, ୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ପୌରପରିଷଦ ଅନ୍ତର୍ଗତ କମରପୁରର ଜଣେ ଯୁବକ ମାନସିକ ଭାରସାମ୍ୟ ହରାଇ ବେକରେ ଏକ ଆପ୍ଛୁନ ବାନ୍ଧି ଆତ୍ମହତ୍ୟା କରିଥିବା ଦେଖାଯାଇଛି। ଦୀନବନ୍ଧୁ ରାୟଙ୍କ ପୁତ୍ର ଦିଲ୍ଲୀପ କୁମାର ରାୟ(ତପୁ) ଶୁକ୍ରବାର ଅପରାହ୍ନ ୨ଟା ସମୟରେ ନିଜ ଘର ଭିତରେ ଫ୍ୟାନରେ ଏକ ଆପ୍ଛୁନ୍ ବାନ୍ଧି ଝୁଲିପଡ଼ିଥିଲେ। ଏହା ଜାଣିପାରି ପାଖ ଦୋକାନୀ ଏବଂ ଘର ଲୋକ ତାଙ୍କ ଝୁଲନ୍ତ ଅସ୍ଥାରେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ହେରୋଇନ୍ ଜବତ, ନିଶା ବେପାରୀ ଗିରଫ

**ଜଗତସିଂହପୁର, ୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ବଜାର ଠାରେ ଚଢଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଥାନା । ଯାଞ୍ଚ ପରେ ତାଙ୍କ ପାଖରୁ ୧୯ ଗ୍ରାମର ହେରୋଇନ୍ ଜବତ କରାଯାଇଛି ।

ସୂଚନାଯୋଗ୍ୟ ଯେ ରାଇବରେଇ ଗ୍ରାମର ସୋମନାଥ ସାହୁ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କ ରେ ଜଗତସିଂହପୁର ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଥାନାର ଉପନିରିକ୍ଷକ ଭାଗ୍ୟଲକ୍ଷ୍ମୀ ଦଳାଇଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ସିଙ୍ଗିପୁର ବଜାର ରେ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ରାଇବରେଇ ଗ୍ରାମର ସ୍ୱର୍ଗତ ଅକ୍ଷୟ ନାୟକଙ୍କ ପୁତ୍ର ସୋମନାଥ ନାୟକ(୨୬) । ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧,୯୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା



ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜ୍ତ କୁ ପଠାଇଛନ୍ତି । ନାର୍କୋଟିକ୍ସ ବ୍ୟବସାୟ ବିରୋଧରେ ଚଢାଉ କୁ ଅଧିକ ତୀବ୍ରତର କରାଯିବ ସହ ଶୂନ୍ୟସହନଶୀଳ ନୀତିରେ ଏହି ବ୍ୟବସାୟ ସହିତ ଜଡିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରି ରଖିବ ବୋଲି ଅବକାରୀ ଅଧିକ୍ଷିକା ଶ୍ରୀମତୀ ଅନିତା ପ୍ରଧାନ ପ୍ରକାଶ କରିଛନ୍ତି । ଅବକାରୀ ବିଭାଗକୁ ଅଭିଯୁକ୍ତମାନଙ୍କ ର ଲୋକେସନ ଏବଂ କଲ ଟ୍ରାକିଙ୍ଗର ସୁବିଧା ପ୍ରଦାନ କରଗଲେ ଅବକାରୀ ବିଭାଗ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଜନସାଧାରଣରେ ମତ ପ୍ରକାଶ ପାଉଛି ।

## ଖୋଲିଲା ଜଳଭଣ୍ଡାର ଗେଟ୍

**ବରଗଡ଼, ୩।୧ : : ଏକ୍ସପ୍ରେସ୍ ନ୍ୟୁଜ୍**

ହୀରାକୁଦ ଜଳଭଣ୍ଡାରରୁ ବରଗଡ଼ ମୁଖ୍ୟ କେନାଲକୁ ଶନିବାର ପାଣି ଛଡ଼ାଯାଇଛି । ରବିଚାଷ ପାଇଁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀବୃନ୍ଦ ଉପସ୍ଥିତ ରହି ପୂର୍ବାହ୍ନ ୧୧ଟା ୨ମିନିଟରେ ହୀରାକୁଦ ଜଳଭଣ୍ଡାର ରାଇଟ ବାଇକ୍ ଉପରେ ରହିଥିବା ଏଚଆର୍ ଗେଟ ଖୋଲିଥିଲେ । ପ୍ରଥମ ପର୍ଯ୍ୟାୟରେ ବରଗଡ଼ ମୁଖ୍ୟ କେନାଲକୁ ୫୦୦ କ୍ୟୁସେକ୍ ପାଣି ଛଡ଼ାଯାଇଛି ।

## ବଟେଶ୍ୱର ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ

**ଗଞ୍ଜାମ, ୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଦ ପଞ୍ଚାୟତ କଣ୍ଟିଆ ଗଡ଼ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବ ପୀଠ ବଟେଶ୍ୱର ପୀଠକୁ ସଂଯୋଗ ରାସ୍ତା ନିର୍ମାଣାଧୀନ କାର୍ଯ୍ୟରେ ଅହେତୁକ ବିଳମ୍ବ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବା ଜଣାପଡିଛି । ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁ ପର୍ଯ୍ୟଟକଙ୍କ ମଧ୍ୟରେ ଘୋର ଅସନ୍ତୋଷ ମଧ୍ୟ ପ୍ରକାଶ ପାଉଛି । ଗୁରୁବାର ନୂତନ ବର୍ଷ ଯୋଗୁ ବଟେଶ୍ୱର ପୀଠରେ ଭକ୍ତଙ୍କ ଭିଡ଼ ହେଉଥିବାବେଳେ ରାସ୍ତାର ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱରେ ଖୋଳା ଯାଇଥିବା ଯୋଗୁ ଯାନବାହାନ ଯିବା ଆସିବାରେ ଅସୁଥିବା ସୃଷ୍ଟି ହେଉଛି । ଏକ ମାସ ହେଲା ଖୋଳା ହୋଇ ପଡ଼ିଥିବା ଯୋଗୁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି । ଏହା ବିଳମ୍ବ ଯୋଗୁ ଦୁର୍ଘଟଣା ମଧ୍ୟ ହେଉଛି । ଯାହାକୁ ନେଇ ସାଧାରଣରେ ମଧ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ବର୍ତ୍ତମାନ ପିକନିକ ପାଇଁ ପର୍ଯ୍ୟଟକ ପ୍ରତ୍ୟେକ ଦିନ ଆସୁଥିବା ବେଳେ ରାସ୍ତା ପାଇଁ ସମସ୍ୟା ସୃଷ୍ଟି ହେଉଛି । ପ୍ରଶାସନ ପକ୍ଷରୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ୬ ଖଣ୍ଡ ଗ୍ରାମର ଜନସାଧାରଣ ପକ୍ଷରୁ ଦାବି ହେଉଛି । ପ୍ରକାଶ ଯୋଗ୍ୟ ଯେ, ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି । ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ଅର୍ଥ ବ୍ୟୟବରାଦ ହୋଇଛି । ପ୍ରାୟ ୫ କୋଟି ୪୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି । ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ ନିର୍ମାଣ କାର୍ଯ୍ୟ ଠିକ ଭାବେ ତ୍ୱରାନ୍ୱିତ କରୁନାହାନ୍ତି । ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି । ଆଗାମୀ ଦିନରେ ବିଳମ୍ବ ହେଲେ ଜିଲାପାଳ ଏବଂ ବିଭୀଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଯିବା ନେଇ ନିଷ୍ପତ୍ତି ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି ।

# ହାର ମାନିଲେ କନ୍ଧମାଳ ଡିପିଏମ

**ଫୁଲବାଣୀ, ୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଉପଖଣ୍ଡ ବାଲିଗୁଡା ସ୍ୱାସ୍ଥ୍ୟ ବିଭାଗ, ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଅନ୍ୟାୟ ଭାବେ ଡିପିଏମଙ୍କ ଦ୍ୱାରା ଛଟେଇ କରାଯାଇଥିଲା, ତା'ର ଦୃଢ଼ ପ୍ରତିବାଦ ସ୍ୱରୂପ ସଂଘର କର୍ମକର୍ତ୍ତାମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାମ୍ନାରେ ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ତରଫରୁ ଗତ ତା.୨୯.୧୨.୨୦୨୫ ରିଖରୁ ଶାନ୍ତିପୂର୍ଣ୍ଣ ଧର୍ମଘଟ କରାଯାଇଥିଲା । ଦୀର୍ଘ ଚାରି ଦିନର ଆନ୍ଦୋଳନ ତୀବ୍ରତାକୁ ହୃଦବଦ୍ଧ କରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଏନଆରଏଚଏମର ଡିପିଏମ ଆନ୍ଦୋଳନ ଆଗରେ ହାର ମାନି ସଂଘର ସମସ୍ତ ଦାବିକୁ ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ଅଧିକାରୀ ଦ୍ୱୟ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ହୋଇଥିବା ଯୋଗୁଁ ସଂଘ ତରଫରୁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମହୋଦୟଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ସଫେଇ କର୍ମଚାରୀମାନଙ୍କ ଆନ୍ଦୋଳନ ସହିତ ଜଡିତ ଥିବା ଗଣମାଧ୍ୟମ ପ୍ରତିନିଧି ବନ୍ଧୁ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ କନ୍ଧମାଳ ଶାଖା ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛି ସଙ୍ଘ । କାରଣ ଏହି ଲଢେଇର ନ୍ୟାୟ କେବଳ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପାଇଁ ଆଜି ସଫଳ ହେଇପାରିଛି ବୋଲି ରାଜ୍ୟ ସଙ୍ଘର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ଏହା ସହିତ ଜିଲ୍ଲା ସଙ୍ଘର ସଭାପତି ସରୋଜ କୁମାର ନାୟକ, ମୁଖ୍ୟ ପ୍ରବକ୍ତା ବ୍ରଜ କିଶୋର ପଟ୍ଟନାୟକ, ପଦ୍ମ ଚରଣ ମହାନ୍ତି ଉପସ୍ଥିତ ରହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏନ୍‌ଆର୍‌ଏଚ୍‌ଏମ୍‌ର ଡିପିଏମ ମହୋଦୟାଙ୍କ ଠାରୁ ଛଟେଇ ହୋଇଥିବା କର୍ମଚାରୀଙ୍କ ପୁନଃ ନିଯୁକ୍ତି ପତ୍ର ଆଣି ଛଟେଇ କର୍ମଚାରୀଙ୍କ ମୁହଁରେ ହସ ଫୁଟାଇବା ସହିତ ଖୁସିର ବାର୍ତ୍ତା ଦେଇଥିଲେ ଓ ନିଜ ନିଜ କାମରେ ଯୋଗଦାନ କରି ସୁଚାରୁରୂପେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ୫୦ ବର୍ଷୀୟ କର୍ମଚାରୀମାନଙ୍କ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମିଶନ ନିର୍ଦ୍ଦେଶ କରିଥିବା ସ୍ୱଷ୍ଟିକରଣ ପତ୍ର ଉପସ୍ଥାପନା କରି ସେମାନଙ୍କୁ ଛୋଟେଇ ନ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି । କହିଛନ୍ତି ତୁମେମାନେ ପ୍ରତକ୍ଷ୍ୟ ଭାବେ କାମ କରୁଥାଅ, ଓ ଆମେ ନିର୍ଦ୍ଦେଶକଙ୍କ ପାଖକୁ ଯାଇ ଆପଣମାନେ ନିୟମିତ କାମ କରିବେ ବୋଲି ଆଦେଶ ଆଣିବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହାପରେ ଆଜିର ଧାରଣାରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସତ୍ୟ ନାରାୟଣ ପଣ୍ଡା କୋଷାଧକ୍ଷ ଲଳିତ କୁମାର ଜେନା, ସୂର୍ଯ୍ୟ ନାରାୟଣ ସାହୁ କୃଷ୍ଣ ଚନ୍ଦ୍ର ମହାନ୍ତି ଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସଭାପତି ନନ୍ଦନ ମୁଖି, ବିଶ୍ୱ ବେହେରା ରବି ବେହେରା, ଉମା ବେହେରା, ବସନ୍ତ ପପ୍ରଧାନ ବିଜୟ ପ୍ରଧାନ, ପତିତପାବନ ଦାସ, ମିନାକ୍ଷୀ ମହାପାତ୍ର ଓ ପ୍ରଦ୍ୟୁମ୍ନ କହଁର ଉପସ୍ଥିତ ଥିଲେ । ଭବିଷ୍ୟତରେ ଯଦି କନ୍ଧମାଳଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଓ ଡିପିଏମ ମହୋଦୟା ନିଷ୍ପତି ବିରୁଦ୍ଧରେ କାର୍ଯ୍ୟକାରୀ ପୁନର୍ବାର ଛୋଟେଇ କରିବା ପାଇଁ ବ୍ୟବସ୍ଥା କରନ୍ତି ତାହେଲେ ସଙ୍ଘ ହଙ୍ଗର ଷ୍ଟ୍ରାଇକ ସହିତ ଆଇନ ଅମାନ୍ୟ ଆନ୍ଦୋଳନ କରିବାକୁ ପଛାଇବ ନାହିଁ ବୋଲି ରାଜ୍ୟ ସଙ୍ଘ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର ପ୍ରଶାସନ କୁ ସତର୍କ କରିଦେଇଥିବା ଦେଖିବାକୁ ମିଳିଛି । ହେଲେ ଦେଖାଯାଉ ଆଗକୁ ଘଟଣା କେଉଁ ମୋଡ଼ ନେଉଛି ତାହା ଆଗାମୀ ଦିନରେ ଜଣା ପଡିବ ।



ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୨୫ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଆଶାୟୀମାନଙ୍କୁ ହତାଶ କରିଛି । ୭ଟି ସେବାରେ ୩୧୪ ପଦବୀ ପାଇଁ ପରୀକ୍ଷା ନିଷ୍ପତ୍ତି ହୋଇଛି । ମାତ୍ର ଏଥିରେ ଓଏଏସ୍, ଓଆରଏସ୍ ଏବଂ ଓଏଫ୍‌ଏସ୍ ପାଇଁ ଗୋଟିଏ ପଦବୀ ବାହାରି ନାହିଁ । ଫଳରେ ଯେଉଁମାନେ ବର୍ଷ ବର୍ଷ ଧରି ପ୍ରସ୍ତୁତ ହୋଇ ଓଡ଼ିଶା ପ୍ରଶାସନିକ ଅଧିକାରୀ ହେବାର ସ୍ୱପ୍ନ ଦେଖୁଥିଲେ ସେମାନଙ୍କ ସ୍ୱପ୍ନ ଧୂଳିସାତ ହୋଇଛି । ମେଧାଙ୍କ ସହ ସରକାର ଖେଳୁଛନ୍ତି ବୋଲି ଅଭିଯୋଗ ହେଉଛି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୪ ଜାନୁଆରୀ ୨୦୨୬ | ରବିବାର


## ଓଡ଼ିଶା ଏକ୍ସପ୍ରେସ୍

### ପରୀକ୍ଷା ପ୍ରସ୍ତୁତିର ଅବଧି ଚିରସ୍ଥାୟୀ ହୋଇନଥାଏ

ଯେକୌଣସି ପରୀକ୍ଷା ପାଇଁ ପ୍ରସ୍ତୁତିର ଏକ ବୟସ ଥାଏ, ବୟସ ଗଡ଼ିଗଲେ ଆଗ୍ରହ କମିଯାଏ, ଆଉ ଜିଦ୍ ରହେନି । ମଣିଷର ବୟସ ଯେତେବେଳେ ବଢ଼େ ମଣିଷ ମସ୍ତିଷ୍କର ଅବକ୍ଷୟ ମଧ୍ୟ ସେତେବେଳେ ବଢ଼ିଥାଏ । ପରିଣତ ବୟସରେ ଲୋକେ କ'ଣ ସବୁଭଲା ମନେରଖିପାରନ୍ତି ? ତେଣୁ ମସ୍ତିଷ୍କ ଏକଦମ୍ ସୁସ୍ଥ ଏବଂ ତାଜା ଥିବା ସମୟରେ ହିଁ ସବୁପ୍ରକାର ପରୀକ୍ଷା ମଣିଷ ଦେଇଥାଏ । ପାଠପଢ଼ା ଏବଂ ଅଧିକାଂଶ ପରୀକ୍ଷା ଯୁବକ ଅବସ୍ଥାରେ ହିଁ ଶେଷ ହୁଏ । ଯୁବକ ଅବସ୍ଥା ହିଁ ସବୁଠୁ ଭଲ ସମୟ ପ୍ରତିଟି କାମ କରିବା ପାଇଁ । ଏ ବୟସରେ ଦେହମନ ସତେଜ ଥାଏ । ମଣିଷ ମସ୍ତିଷ୍କରେ ଅନେକ ସ୍ଥାନ ଖାଲିଥାଏ ନୂଆ ତଥ୍ୟକୁ ସାଇତିବା ପାଇଁ । ବୟସ ବଢ଼ିବା ସହିତ ମଣିଷ ମସ୍ତିଷ୍କର ମେମୋରି ଡିସ୍କ ପୂର୍ଣ୍ଣ ହୋଇଆସେ, ତେଣୁ ନୂଆ ତଥ୍ୟ ପାଇଁ ସ୍ଥାନର ଅଭାବ ଦେଖାଦିଏ ।

ଆମ ମସ୍ତିଷ୍କ ଠିକ୍ ଏକ କମ୍ପ୍ୟୁଟର ଭଳି । କମ୍ପ୍ୟୁଟରରେ ଯେମିତି ହାର୍ଡଡିସ୍କ ରହିଛି ଆମ ମସ୍ତିଷ୍କରେ ମଧ୍ୟ ଠିକ୍ ସେଇଭଳି ଏକ ହାର୍ଡଡିସ୍କ ଅଛି, ଯେଉଁଥିରେ ସ୍ମୃତି ସାଇତା ହୋଇ ରହେ । କିନ୍ତୁ କମ୍ପ୍ୟୁଟର ଆଉ ମସ୍ତିଷ୍କ ଭିତରେ ଫରକ ଏତିକି ଯେ- କମ୍ପ୍ୟୁଟର ତଥ୍ୟକୁ ଡିଲିଟ୍ ବା ଲିଭେଇଦେଇ ହୁଏ, କିନ୍ତୁ ମଣିଷ ତା'ର ସ୍ମୃତି ଏବଂ ସାଇତା ତଥ୍ୟକୁ ଡିଲିଟ କରିପାରେନା । ଏ କ୍ଷମତା ମଣିଷର ନାହିଁ । ମଣିଷ ସେତେବେଳେ ତା'ର ପୁରୁଣା କଥା ମନେପକେଇପାରେନି ଯେତେବେଳେ ତା'ର ମସ୍ତିଷ୍କ ଅସୁସ୍ଥ ବୋଲି ଧରାଯାଏ । ଆଜିକାଲି ଆଲଜାଇମର ଏବଂ ଡିମେନସିଆ ଭଳି ରୋଗରେ ମଣିଷର ସ୍ମରଣ ଶକ୍ତି କମିଯାଉଛି । ନିଜ ଆତ୍ମୀୟମାନଙ୍କୁ ମଧ୍ୟ ଏ ରୋଗୀ ଚିହ୍ନିପାରନ୍ତି ନାହିଁ । ବୟସ ବଢ଼ିବା ସହିତ ଏସବୁ ରୋଗ ଆଜିକାଲି ଅଧିକ ଦେଖାଯାଉଛି । ଠିକ୍ ଏଇ କାରଣରୁ ବିଭିନ୍ନ ପରୀକ୍ଷା ସହିତ ପ୍ରବେଶିକା ପରୀକ୍ଷା ଏବଂ ଚାକିରି ଅବସର ନେବାର ଏକ ବୟସ ସ୍ଥିର କରାଯାଇଛି, ବିଜ୍ଞାନ ସମ୍ମତ ନିଷ୍ପତ୍ତିରେ । ଆଜିକାଲି ସରକାର ଏ ବୟସକୁ ବଢ଼େଇ ଚାଲିଛନ୍ତି ଯେତେବେଳେ ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ଯୋଗ୍ୟ ବ୍ୟକ୍ତିଙ୍କ ଅଭାବ ଦେଖାଯାଉଛି । ପ୍ରଶ୍ନ ଉଠୁଛି ୬୫ ବର୍ଷ ପରେ ମଣିଷର ମସ୍ତିଷ୍କ କେତେ ସୁସ୍ଥ ରହୁଛି, ୭୦ ବର୍ଷର ଜଣେ ବ୍ୟକ୍ତିଙ୍କ ପାଖରେ ନିଷ୍ପତ୍ତି ନେବାର କ୍ଷମତା ଅଛି କି ନାହିଁ ତାହାର ଉଦାହରଣ ଅନେକ ଅଛି । ଯଦି ଜଣେ ସର୍ବୋଚ୍ଚ ଅଧିକାରୀ ୬୫/୭୦ ବର୍ଷ ଯାଏଁ କାମ କରିପାରିବେ ତା'ହେଲେ ଅନ୍ୟାନ୍ୟ ତଳିଆ କର୍ମଚାରୀଙ୍କ ପାଇଁ ଅବସର ବୟସ ସୀମା ଉଚ୍ଚ ଅଧିକାରୀଙ୍କଠାରୁ କମ୍ ରହିଛି କାହିଁକି? ଏମାନେ କ'ଣ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଉଛନ୍ତି କି ଉଚ୍ଚ ଅଧିକାରୀଙ୍କ ଭଳି?

ଏବେ କଥା କହିବାର ଅସଲ ଉଦ୍ଦେଶ୍ୟ ହେଲା-

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ୨୦୨୫ ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଆଶାୟୀମାନଙ୍କୁ ହତାଶ କରିଛି । ୭ଟି ସେବାରେ ୩୧୪ ପଦବୀ ପାଇଁ ପରୀକ୍ଷା ନିଷ୍ପତ୍ତି ହୋଇଛି । ମାତ୍ର ଏଥିରେ ଓଏଏସ୍, ଓଆରଏସ୍ ଏବଂ ଓଏଫ୍‌ଏସ୍ ପାଇଁ ଗୋଟିଏ ପଦବୀ ବାହାରି ନାହିଁ । ଫଳରେ ଯେଉଁମାନେ ବର୍ଷ ବର୍ଷ ଧରି ପ୍ରସ୍ତୁତ ହୋଇ ଓଡ଼ିଶା ପ୍ରଶାସନିକ ଅଧିକାରୀ ହେବାର ସ୍ୱପ୍ନ ଦେଖୁଥିଲେ ସେମାନଙ୍କ ସ୍ୱପ୍ନ ଧୂଳିସାତ ହୋଇଛି । ମେଧାଙ୍କ ସହ ସରକାର ଖେଳୁଛନ୍ତି ବୋଲି ଅଭିଯୋଗ ହେଉଛି ।

ଯେଉଁମାନେ ଏବକୁ ପରୀକ୍ଷା ପାଇଁ ମାନସିକ ପ୍ରସ୍ତୁତି କରିଥିଲେ ଦିନରାତି ପରିଶ୍ରମ କରି ସେମାନଙ୍କର ସେ ଜିଦ୍ ଆଉ ରହିବ କି ବୟସ ବଢ଼ିବା ସହିତ? ବୟସ ବଢ଼ିଲେ ପ୍ରସ୍ତୁତି ନିଷ୍ଚିତ ଭାବରେ ଦୁର୍ବଳ ହୋଇଆସିବ । ଆଗାମୀ ଦିନମାନଙ୍କରେ ପରୀକ୍ଷାର୍ଥୀମାନଙ୍କୁ ଅଧିକ ତଥ୍ୟ ଏବଂ ଜ୍ଞାନ ଆହରଣ କରିବାକୁ ପଡ଼ିବ ଦୁନିଆ ବଦଳିବା ସହିତ । ତେବେ ମଣିଷର ମସ୍ତିଷ୍କରେ ବୟସ ବଢ଼ିବା ପରେ ଜାଗା ମିଳିବ ତ ଏତେସବୁ ତଥ୍ୟକୁ ସାଇତିବା ପାଇଁ? ପ୍ରସ୍ତୁତିର ତାଜାପଣ ଏବଂ ଅବଧି କ'ଣ ଚିରସ୍ଥାୟୀ କି? ଆଜିର ପ୍ରସ୍ତୁତି ଯେ ଆଗାମୀ ଦି'ବର୍ଷ ପରେ କାମରେ ଲାଗିବ ଏକଥା ଚିନ୍ତା କରିବା ଭୁଲ୍ । ତେଣୁ ଏ ତିନୋଟି ପଦ ପାଇଁ ଆଶାୟୀମାନେ ହତାଶ ହେବା ସ୍ୱାଭାବିକ ।

# ବନ୍ଦେ ମାତରମ୍ ଆଲୋଚନାକୁ ମନା ନାହିଁ



## ମୂଲ୍ୟବୋଧ

**ଅରବିନ୍ଦ ରାଉତରାୟ**

ଦେଶ ଓ ଦଶର କଲ୍ୟାଣ ପାଇଁ ପ୍ରସଙ୍ଗଭିତ୍ତିକ ଆଲୋଚନା ଲାଗି ଉଦ୍ଦିଷ୍ଟ ସଂସଦ ଭବନରେ ରଚନାର ଦେଢ଼ଶହ ବର୍ଷ ପୂର୍ତ୍ତି ଅବସରରେ 'ବନ୍ଦେ ମାତରମ୍' ଉପରେ ଦଶଘଣ୍ଟିଆ ଆଲୋଚନା ଶେଷ ହୋଇଛି । ଲୋକସଭାକୁ ଏହି ଆଲୋଚନା ପାଇଁ ନଅକୋଟି ଟଙ୍କାର ବ୍ୟୟ ବୋଝ ମୁଣ୍ଡାଇବାକୁ ପଡିଛି । ଦେଶବାସୀଙ୍କ ଟିକସ ରାଜସ୍ୱରୁ ଖର୍ଚ୍ଚ ହୋଇଥିବା ଏହି ବିପୁଳ ରାଶି ସାମଗ୍ରୀକ ଜାତୀୟ ଉତ୍ପାଦନ ବା ଜିଡିପି ଅଭିବୃଦ୍ଧିରେ କେତେଦୂର ସହାୟକ ହୋଇଛି ତାହା ଆକଳନ କରିବା ସହଜ ନୁହେଁ । କାରଣ ଯେଉଁ ଜିଡିପି ମାପଦଣ୍ଡରେ ଭାରତ ସମଗ୍ର ବିଶ୍ୱ ଅର୍ଥନୈତିକ ଶକ୍ତ ରାଷ୍ଟ୍ର ତାଲିକାରେ ଜାପାନକୁ ହଟାଇ ଚତୁର୍ଥ ସ୍ଥାନକୁ ଯାଇଥିଲା, ଏବେ ସେଥିରେ ପରିବର୍ତ୍ତନ ଘଟିଛି । ଜାପାନ ପୂର୍ବସ୍ଥାନକୁ ଫେରିଯିବା ଯୋଗୁ ଭାରତ ପଞ୍ଚମ ସ୍ଥାନକୁ ଖସିଆସିବା ପାଇଁ ବାଧ ହୋଇଛି । ଦେଶରୁ ବୈଦେଶିକ ବିନିମୟ ମୁଦ୍ରା ଉଠାଣ ଓ ବିନିଯୁକ୍ତ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ବନ୍ଦ ହେବାର ନାଁ ଧରୁ ନଥିବାରୁ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର କ୍ରୟ ଶକ୍ତି ଏକାନବେ ଟଙ୍କାକୁ ଛୁଇଁ ଗଲାଣି । ଦୁର୍ବଳ ମୁଦ୍ରାକୁ ସବଳ କରିବା ପ୍ରସଙ୍ଗ ଭାରତ ପ୍ରତି ଏକ ଆହ୍ୱାନ ହୋଇଥିବା ବେଳେ ସଂସଦରେ ସମ୍ବେଦନଶୀଳ ପ୍ରସଙ୍ଗ ପରିବର୍ତ୍ତେ 'ବନ୍ଦେ ମାତରମ୍' ଆଲୋଚନା ଜୋର ଧରିଥିଲା । ଖୋଦ୍ ପ୍ରଧାନମନ୍ତ୍ରୀ ଏ ସଂପର୍କିତ ଗୁରୁତ୍ୱପୂର୍ଣ୍ଣ ସୂଚନା ମାଧ୍ୟମରେ ପ୍ରାୟ ଏକଘଣ୍ଟା ସମୟ ବିତାଇ ଦେଇଥିଲେ । ହେଲେ ବିଗତ ଏଗାର ବାର ବର୍ଷରେ ମୁଦ୍ରାର କ୍ରୟଶକ୍ତିକୁ କେଉଁ ଉପାୟରେ ସୁଦୃଢ଼ କରାଯାଇପାରିଥାନ୍ତା, ତା'ଉପରେ ପଦୁଟିଏ ସୂଚନା ଦେଲେ ନାହିଁ । ଅର୍ଥମନ୍ତ୍ରୀ ହୁଅନ୍ତୁ ବା ଶାସକ ଦଳର ପୁରୁଖା ଓ ଅଭିଜ୍ଞ ନେତା ମୂଳ ପ୍ରସଙ୍ଗଠାରୁ ଦୂରେଇ ଯାଇ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁଙ୍କୁ ଦେଶ ବିଭାଜନ ପାଇଁ ଦାୟୀ କରିବାକୁ ପଛାଇଲେ ନାହିଁ । ବିରୋଧୀ ପକ୍ଷ ମଧ୍ୟ ଗୃହରେ ଏଭଳି ଅଣପ୍ରାସଙ୍ଗିକ ଆଲୋଚନାର ଦୃଢ଼ ବିରୋଧ କରି ଭାଷଣ ବାଜି ଜାରି ରଖିବାକୁ ପସନ୍ଦ କଲେ । ହେଲେ ବିଶ୍ୱବ୍ୟାଙ୍କ ଋଣ ତାଲିକାର ଶୀର୍ଷରେ ଥିବା ଦେଶ ଭାରତର କଷ୍ଟଲବ୍ଧ ଟିକସ ରାଜସ୍ୱର ଅପରିପକ୍ୱ ବ୍ୟୟକୁ ରୋକିବାକୁ ନା ସରକାରୀ ନା ବିରୋଧୀ କେହି ଆଗଭର ହେଲେ ନାହିଁ । ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବାରୁ ସମ୍ବେଦନଶୀଳ ନିର୍ବାଚନୀ ପ୍ରସଙ୍ଗ ସୃଷ୍ଟି ଆଲୋଚନାର ମୂଳଲକ୍ଷ୍ୟ ବୋଲି ବିରୋଧୀ ପକ୍ଷ ସୂଚାଇ ଦେଲେ ।

ବନ୍ଦେ ମାତରମ୍ ସଙ୍ଗୀତର ଇତିହାସ ପୃଷ୍ଠା ଲେଉଟାଇଲେ ସଠିକ ତଥ୍ୟ ନ ମିଳିବାର ଅବକାଶ ନାହିଁ । ଏହାର ରଚନା ହୁଏ ୧୮୭୫ ମସିହାରେ ସଂସ୍କୃତ ମିଶା ବଙ୍ଗଳା ଭାଷାରେ । ବଙ୍ଗୀୟ କବି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ସଙ୍ଗୀତର ପ୍ରଥମ ଦୁଇପଦକୁ ସେତେବେଳେ ଲେଖିଥିଲେ । ସେଥିରେ ଭାରତକୁ ମାଆ ଭାବେ ବର୍ଣ୍ଣନା କରାଯାଇଛି । ୧୮୮୨ରେ ବଙ୍କିମଚନ୍ଦ୍ର ଯେତେବେଳେ ଆନନ୍ଦ ମଠ ଉପନ୍ୟାସ ରଚନା କଲେ, ସେତେବେଳେ ଅବଶିଷ୍ଟ ପଦ ଯୋଡା ଯାଇଥିଲା । ପ୍ରଥମ ଦୁଇପଦରେ ଦେଶମାତୃକାର ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି ଓ ମାଆ ଶକ୍ତିର ଉତ୍ସ ଭାବେ ପ୍ରତିପାଦିତ ହୋଇଛନ୍ତି । ସମଗ୍ର ଦେଶବାସୀଙ୍କ ପାଇଁ ସେହି ମୂଳ ଦୁଇପଦ ପ୍ରେରଣାର ଉତ୍ସ ହେବା ସ୍ୱାଭାବିକ । ଆଉ ଏକ ପ୍ରେରଣାର ବଳିଷ୍ଠ ନିଦର୍ଶନ ହେଲା ୧୮୯୬ ମସିହାରେ ଆହୂତ କଂଗ୍ରେସ ଅଧିବେଶନ । ବିଶ୍ୱଗୁରୁ କବି ରବିନ୍ଦ୍ରନାଥ ଠାକୁର ସଂପୂର୍ଣ୍ଣ ସଂଗୀତକୁ ସେଠାରେ ଗାନ କରିଥିଲେ ଓ ପରବର୍ତ୍ତୀ ସମୟରେ ଦକ୍ଷିଣ ସେନ ଏବଂ ସାରଦାଦେବୀ ବିଭିନ୍ନ ଅଧିବେଶନରେ ବନ୍ଦେ ମାତରମ୍ ଗାନ କରି ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିପାରିଥିଲେ । ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀମାନେ ଦେଶ ମାତୃକାକୁ ପରାଧୀନତା ମୁକ୍ତ କରିବା ପାଇଁ ସେହି ସଂଗୀତର ମୂର୍ଚ୍ଛନାରେ ନିଜ ନିଜକୁ ହଜାଇ ଦେଇଥିଲେ । ସହିଦ୍ ଭଗତ୍ ସିଂହ ଓ ଖୁଦିରାମଙ୍କ ଭଳି ମହାନ ବିପ୍ଲବୀ ସେତେବେଳେ ମୁକ୍ତ କଣ୍ଠରେ ଗାଇ ଗାଇ ଫାଶୀଖୁଣ୍ଟକୁ ଆଦରି ନେଇଥିଲେ । ୧୯୦୫ ମସିହାରେ ବଙ୍ଗଭଙ୍ଗ ବିରୋଧରେ ସୃଷ୍ଟ ଆନ୍ଦୋଳନରେ ବନ୍ଦେ ମାତରମ୍ ପ୍ରେରଣାର କେନ୍ଦ୍ରବିନ୍ଦୁ ପାଲଟିଥିଲା ।

୧୯୩୭ ମସିହାରେ ସଂଗୀତର ପ୍ରଥମ ଦୁଇପଦ ବ୍ୟତୀତ ଅନ୍ୟ ପଦଗୁଡ଼ିକୁ ବାଦ ଦିଆଯିବାକୁ ଯେତେବେଳେ ପ୍ରସ୍ତାବ ଆସିଲା, ସେତେବେଳେ କଂଗ୍ରେସ ସଭାପତି ଜବାହାରଲାଲ ନେହରୁ ସେହି ବର୍ଷ ଅକ୍ଟୋବର ମାସରେ ସୁଭାଷ ବୋଷଙ୍କ ମତ ଲୋଡିଥିଲେ । କେବଳ ସେତିକି ନୁହେଁ, କଲିକତାରେ ବିଶ୍ୱଗୁରୁଙ୍କୁ ଭେଟି ତାଙ୍କ ମତାମତ ଲୋଡିବାକୁ ନେହରୁ ନିଜେ ଯିବାକୁ ପ୍ରସ୍ତୁତ ହୋଇଥିଲେ । ବନ୍ଦେ ମାତରମ୍‌ର ପ୍ରଥମ ଦୁଇପଦକୁ କଂଗ୍ରେସ ଅଧିବେଶନରେ ଗାନ କରାଯିବାରେ ଆପତ୍ତି ନାହିଁ ବୋଲି ରବୀନ୍ଦ୍ରନାଥ ମଧ୍ୟ ସ୍ପଷ୍ଟ କରି ଦେଇଥିଲେ । କଲିକତାରେ ଆହୂତ କଂଗ୍ରେସ ଅଧିବେଶନ ଏହା ଉପରେ ଆଲୋଚନା କରିଥିଲା ଓ କାର୍ଯ୍ୟକାରୀ କମିଟି ସଦସ୍ୟ ବଲ୍ଲଭାଇ ପଟେଲ, ରାଜେନ୍ଦ୍ର ପ୍ରସାଦ, ନରେନ୍ଦ୍ର ଦେବ, ସୁଭାଷ ବୋଷ, ମହାତ୍ମା ଗାନ୍ଧୀ ଓ ମୌଲାନୀ ଆଜାଦ ପ୍ରମୁଖ ଆନନ୍ଦମଠର ପ୍ରଥମ ଦୁଇପଦକୁ ଅଧିବେଶନର ପ୍ରାରମ୍ଭିକ ଗାନ ଭାବେ ଗ୍ରହଣ କରିଥିଲେ । ଏପରିକି ଦେଶ ସ୍ୱାଧୀନ ହେବାବେଳେ ମଧ୍ୟ ବନ୍ଦେ ମାତରମ୍‌କୁ ଗାନ କରାଯାଇ ଭାରତ ସରକାର ପ୍ରାଥମିକ କାର୍ଯ୍ୟ ଆରମ୍ଭ କରିଥିଲେ । କାରଣ ଜନଗଣମନ ସେତେବେଳେ ଜାତୀୟ ସଂଗୀତର ମାନ୍ୟତା ହାସଲ କରି ନଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହିନ୍ଦୁ ମହାସଭାର ସଦସ୍ୟ ଶ୍ୟାମାପ୍ରସାଦ ମୁଖାର୍ଜୀ ମନ୍ତ୍ରିମଣ୍ଡଳର ସଦସ୍ୟ ଥାଇ ମଧ୍ୟ ବନ୍ଦେ ମାତରମ୍ ଉପରେ ପଦୁଟିଏ ପ୍ରତିବାଦ ଉଠାଇ ନଥିଲେ । ଏପରିକି ହିନ୍ଦୁ ପ୍ରାଧାନ୍ୟ ପ୍ରତିଷ୍ଠା ସମ୍ଭବ ହୋଇନଥିବାରୁ କେତେକ ସପକ୍ଷବାଦୀ ବ୍ରିଟିଶ ଶାସନକୁ କୁଆଡ଼େ ଏକମାତ୍ର ବିକଳ୍ପ ଭାବେ ଆଦରି ନେଇଥିଲେ । କାରଣ ସେତେବେଳେ ଇଂରେଜମାନଙ୍କ ହାତରେ ଥିବା ସୁସଜ୍ଜିତ ଗୁଳିଗୋଳା ଓ ସୈନ୍ୟବାହିନୀକୁ କୌଣସି ସଂଖ୍ୟାଲଘୁ ସାମ୍ରାଜ୍ୟ ହଟାଇବା ବା ପରାସ୍ତ କରିବା ସହଜ ନଥିଲା । ବ୍ରିଟିଶ ଶାସନ ଅଧୀନରେ ଉଚ୍ଚ ପଦପଦବୀରେ କାର୍ଯ୍ୟ କରୁଥିବା ବଙ୍କିମଚନ୍ଦ୍ର ଇଂରେଜ ଶାସନର ଗୁଣଗାନ କରିବା ସହିତ ହିନ୍ଦୁରାଷ୍ଟ୍ର ପ୍ରତିଷ୍ଠା ସକାଶେ ଏକ ସେତୁର ଶିଳାନ୍ୟାସ କରିଥିଲେ । ସେ ଯାହା ହେଉନା କାହିଁକି, ଦୀର୍ଘ ଏଗାରବର୍ଷ କେନ୍ଦ୍ର ଓ ବହୁ ରାଜ୍ୟ ଶାସନ କ୍ଷମତାରେ ରହି ଏକ ବୃହତ ରାଜନୈତିକ ଦଳ ହଠାତ୍ ବନ୍ଦେ ମାତରମ୍ ସଙ୍ଗୀତକୁ ନେଇ ଦୀର୍ଘ ସମୟ ସଂସଦରେ ଆଲୋଚନା କରିବା ଓ କରାଇବାର ଆବଶ୍ୟକତା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦେଢ଼ଶହ ବର୍ଷର ପୁରୁଣା ସଙ୍ଗୀତକୁ ନେଇ ବଙ୍ଗୀୟ ମତ ବିଭାଜନ କାହିଁକି ଏତେ ଜରୁରୀ ହୋଇପଡିଲା, ତାହା ଦେଶବାସୀଙ୍କୁ ଭଲ ଭାବେ ଜଣା । ଦେଶର ଅର୍ଥନୈତିକ ସ୍ଥିତି ସଂବେଦନଶୀଳ ପ୍ରକ୍ରିୟା ଦେଇ ଗତି କରୁଛି ଓ ନିଯୁକ୍ତି ସଂକୋଚନ କାୟାବିସ୍ତାର କରିଚାଲିଛି । ଦେଶରେ ଦୁଇଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର, ମଧ୍ୟମ ଓ ବୃହତ ଶିଳ୍ପ ଉତ୍ପାଦନ ବନ୍ଦ ରଖି ବେକାରୀ ସମସ୍ୟା ବଢାଇବାରେ ଭାଗିଦାରୀ ହୋଇଥିଲେ ସୁଦ୍ଧା ସରକାର ସେ ସଂପର୍କିତ ପ୍ରତିକାର ବ୍ୟବସ୍ଥାକୁ ପାଶୋରୀ ଯାଉଛନ୍ତି । ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତିର ସୁଯୋଗ ନେଇ ପଡ଼ୋଶୀ ରାଷ୍ଟ୍ର ଚୀନ, ପାକିସ୍ଥାନ, ବାଂଲାଦେଶ ଭାରତକୁ ନାଲି ଆଖି ଦେଖାଇବାକୁ ପଛାଉନାହାନ୍ତି । ଛୋଟିଆ ହିନ୍ଦୁ ଦେଶ ନେପାଳ ମଧ୍ୟ ଭାରତ ବିରୋଧୀ ମନୋଭାବରୁ ନିଜକୁ ନିବୃତ୍ତ ରଖୁନାହିଁ । ଅରୁଣାଚଳ ପ୍ରଦେଶରେ ଚୀନର ଦାଦାଗିରି ଦେଶର ସୁରକ୍ଷିତ ସାର୍ବଭୌମତ୍ୱ ପ୍ରତି ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମୋଦି ସରକାର ସେହି ସମ୍ବେଦନଶୀଳ ସୁରକ୍ଷା ପ୍ରସଙ୍ଗରେ ଚୀନର ବିସ୍ତାରବାଦୀ ମନୋଭାବର ବିରୋଧ କରୁନାହିଁ । ବରଂ ସଫେଇ ଦେଇ ଦେଶର କୌଣସି ଅଞ୍ଚଳରେ ଶତ୍ରୁପକ୍ଷ ଦଖଲରେ ନାହାନ୍ତି ବୋଲି ସୂଚନା ଦେଉଛି ।

ଅନ୍ୟପକ୍ଷରେ ବ୍ୟାଙ୍କ ଶିଳ୍ପଦେଶର ଅର୍ଥନୈତିକ ହୃତ୍‌ପିଣ୍ଡ ହୋଇଥିଲେ ସୁଦ୍ଧା ସାମାଜିକ କଲ୍ୟାଣ ଲକ୍ଷ୍ୟ ହାସଲ ପାଇଁ କୋଡ଼ିଏଟି ଘରୋଇ ବିତ୍ତାନୁଷ୍ଠାନକୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଜାତୀୟକରଣ କରିଥିଲେ । ମାତ୍ର ବର୍ତ୍ତମାନର କେନ୍ଦ୍ରସରକାର ଏ କ୍ଷେତ୍ରରେ ଘରୋଇକରଣ ପ୍ରକ୍ରିୟାକୁ ଅଗ୍ରାଧିକାର ଦେବା ସହ ସେହି ସଂଖ୍ୟା ବାରକୁ ଖସାଇ ଆଣିବାରେ ସଫଳ ହୋଇଛି । ଜାତୀୟକରଣ ବ୍ୟାଙ୍କ ସଂଖ୍ୟାକୁ ଚାରି ବା ପାଞ୍ଚକୁ ଖସାଇ ଆଣିବା ପ୍ରକ୍ରିୟାକୁ ବେଶ୍ ତ୍ୱରାନ୍ୱିତ କରାଯାଉଛି । ବ୍ୟାଙ୍କ ଶିଳ୍ପରେ ଅନାଦେୟ ପୁଞ୍ଜି ଓ 'ରାଇଟ୍‌ଅଫ୍' ପ୍ରକ୍ରିୟା ଦିନୁଦିନ ସବଳ ହୋଇଚାଲିଲା ଥିବା ସ୍ଥଳେ ଆର୍ଥିକ ସ୍ୱାସ୍ଥ୍ୟ ଦୁର୍ବଳ ହେବାରେ ଲାଗିଛି । ବିଭିନ୍ନ କ୍ଷେତ୍ରରେ ଋଣ ଲଗାଣ ତୁଳନାରେ ପୁଂଜି ସଂଗ୍ରହ ହ୍ରାସ ପାଇବା ଏକ ଦୁର୍ବଳ ଅର୍ଥନୈତିକ ସ୍ଥିତିର ସୂଚନା ଦେଉଛି ।

କେବଳ ସେତିକି ନୁହେଁ, କେନ୍ଦ୍ରୀୟ ବ୍ୟାଙ୍କର ଯୋଜନା ଓ ଅଣଯୋଜନା ଭିତ୍ତିକ ଉଦ୍ୟମ ସତ୍ତ୍ୱେ ପ୍ରତିଭୂତି ବଜାରରୁ ବୈଦେଶିକ ପୁଞ୍ଜି ପ୍ରତ୍ୟାହାର ବନ୍ଦ ହେବାରେ ନାଁ ଧରୁନାହିଁ । ଏଣେ ଆମଦାନୀ ବାଣିଜ୍ୟ ରପ୍ତାନୀ ବାଣିଜ୍ୟକୁ ମାଡି ଯାଉଥିବାରୁ ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାର ଦୁର୍ବଳ ହେବାରେ ଲାଗିଛି । ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ନକରାତ୍ମକ ମନ୍ତବ୍ୟ ବିଦେଶୀ ପୁଂଜି ଲଗାଣକାରୀଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବାରେ ବିଫଳ ହେଉଛି । ପୁଂଜି ନିବେଶର ଲାଭାଂଶ ପାଇବା ଦୂରର କଥା ମୂଳ ପୁଂଜି ଠିକଣା ସମୟରେ ଫେରିପାଇବାର ଗ୍ୟାରେଣ୍ଟି କ୍ରମଶଃ ଆଶଂକା ପରିସରଭୁକ୍ତ ହୋଇଯାଉଛି ।

ସେଦିନର ସଂକଳ୍ପବଦ୍ଧ ଆତ୍ମନିର୍ଭର ଭାରତ କେଇଟା ବର୍ଷରେ ଏତେ ପରଜୀବୀ ହୋଇଯାଇଛି ଯେ, ଦେଶର ବାଣିଜ୍ୟିକ ନିଅଣ୍ଟ ଚଳିତ ବର୍ଷ ଅକ୍ଟୋବର ମାସରେ ତିନିଲକ୍ଷ ଏକସ୍ତରୀ ହଜାର କୋଟି ଟଙ୍କାରେ ପହଞ୍ଚି ରେକର୍ଡ ସୃଷ୍ଟି କରିଛି । ୨୦୨୪ର ସେହି ସମୟରେ ଏହି ନିଅ ପରିମାଣ ଦୁଇଲକ୍ଷ କୋଡ଼ିଏ ହଜାର କୋଟିରେ ସୀମିତ ଥିଲା । ଏହା ଅର୍ଥ ଦେଶର ଆମଦାନୀ ବାଣିଜ୍ୟ ଏତେ ମାତ୍ରାରେ ବଢ଼ିଯାଉଛି ଯେ, ନିଅଣ୍ଟ ଭରଣା ପାଇଁ ରପ୍ତାନୀ କ୍ଷେତ୍ର ନତମସ୍ତକ ହୋଇଯାଉଛି । ଏହାର ବହୁବିଧ ପ୍ରଭାବ କେନ୍ଦ୍ରୀଭୂତ ହେଉଛି ବିନିମୟ ମୁଦ୍ରା ଉପରେ । ଫଳତଃ ଟଙ୍କାର କ୍ରୟଶକ୍ତି ଦୁର୍ବଳରୁ ଅତି ଦୁର୍ବଳ ହେବାରେ ଲାଗିଛି । ଏହାର କାରଣ ଓ ନିରାକରଣ ପ୍ରକ୍ରିୟା ବିକଶିତ ରାଷ୍ଟ୍ର ପରିକଳ୍ପନା କରିଥିବା ରାଷ୍ଟ୍ର ଭାରତ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ହେଲେ ସୁଦ୍ଧା ସଂସଦୀୟ ଆଲୋଚନା ପରିସରଭୁକ୍ତ ହୋଇପାରୁ ନାହିଁ । ଦେଶଜ କମ୍ପାନୀ ଗୁଡ଼ିକର ବାହ୍ୟଋଣ ସମେତ ଦେଶର ସାମଗ୍ରୀକ ବାହ୍ୟଋଣ ୨୦୨୫ ଜୁନ୍ ସୁଦ୍ଧା ୬୭ ଲକ୍ଷ ୨୦ ହଜାର କୋଟି ଟଙ୍କା ଛୁଇଁଥିଲା । ସେଥିମଧ୍ୟରୁ ୫୫ ଶତାଂଶ ବା ୪୧ ହଜାର କୋଟି ଡଲାର ଋଣ ଆକାରରେ ନିଆଯାଇଥିବାରୁ ଋଣ ପରିଶୋଧ ଡଲାର ମାଧ୍ୟମରେ କରାଯିବା ବାଧ୍ୟତାମୂଳକ । ସୁଧହାର ସମାନ ରହିଲେ ସୁଦ୍ଧା ଡଲାର ତୁଳନାରେ ଟଙ୍କାର ଅହେତୁକ ମୂଲ୍ୟହ୍ରାସ ଯୋଗୁ ଋଣ ପରିଶୋଧ ବାବଦରେ ବିପୁଳ ଅତିରିକ୍ତ ରାଶିର ଆବଶ୍ୟକତା ଦେଖା ଦେଇଛି । ଏହି ଲକ୍ଷ୍ୟ ହାସଲ ପାଇଁ ଦେଶକୁ ସମାଜ କଲ୍ୟାଣ ଓ ବିକାଶମୂଳକ କାର୍ଯ୍ୟ ଲାଗି ଆବିତ ରାଶିକୁ କମାଇବା ଏକପ୍ରକାର ବାଧ୍ୟତାମୂଳକ ହୋଇଯାଇଛି । ରପ୍ତାନୀ ଶିଳ୍ପ ସ୍ୱଳ୍ପ ଲାଭରେ ଉତ୍ପାଦନ ଜାରି ରଖିବାକୁ ବାଧ ହେବାର ସମୟ ଆସିଗଲାଣି । ଅନ୍ୟପକ୍ଷରେ ଦେଶରେ ଅଶୋଧିତ ତୈଳ ଚାହିଦାର ୮୮ ପ୍ରତିଶତ ବିଦେଶରୁ ଆମଦାନୀ ହେଉଥିବାରୁ ତୈଳ ଦର ବଢିବା ପରିସ୍ଥିତି ଉପୁଜିଛି । ଏହାର ପ୍ରଭାବରେ ପରିବହନ ଓ ଖାଦ୍ୟଯୋଗାଣ ବ୍ୟୟ ବଢିଲେ, ପ୍ରତ୍ୟକ୍ଷ ପ୍ରଭାବ ପଡିବ ସାଧାରଣ ଖାଉଟିଙ୍କ ଉପରେ । ଏସବୁ ସମ୍ବେଦନଶୀଳ ଅର୍ଥନୈତିକ ପ୍ରସଙ୍ଗ ଉପରୁ ଲୋକଙ୍କ ନଜର ହଟାଇ ବନ୍ଦେ ମାତରମ୍ ଉପରେ ବିଶଦ ଆଲୋଚନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରାଯିବା ଅର୍ଥନୀତି ପାଇଁ ପ୍ରତିକୂଳ ସିନା ଅନୁକୂଳ ହୋଇନପାରେ । ହଁ, ଆଲୋଚନା ମାଧ୍ୟମରେ ସତ୍ୟର ଅପଳାପ ଅସତ୍ୟ ସିନା ସତ୍ୟତା ଠାରୁ ବହୁ ଦୂରରେ । ତେବେ ସାଂପ୍ରତିକ ପରିବେଶରେ ବନ୍ଦେ ମାତରମ୍ ଆଲୋଚନା ଅଧିକ ସମ୍ବେଦନଶୀଳ ନା ଅର୍ଥନୈତିକ ପ୍ରସଙ୍ଗ ଦେଶ ପାଇଁ ଜରୁରୀ, ତାହାହିଁ ଦେଶବାସୀଙ୍କ ସମ୍ମୁଖରେ ବଡ଼ ପ୍ରଶ୍ନ । ସାଧାରଣ ଭାବେ ଦେଖିବାକୁ ଗଲେ ବନ୍ଦେ ମାତରମ୍ ଉପରେ ଆଲୋଚନାକୁ ମନା ନାହିଁ ।


**ବରିଷ୍ଠ ସାମ୍ବାଦିକ, କଟକ**
**ମୋ– ୯୪୩୭୧୩୪୪୦୦**


# ସନ୍ତ ମଣିଷ ପାଟକୁରା ଗାନ୍ଧୀ ରାଜକିଶୋର ନାୟକ

■ ନିରାକାର ଦାସ ■

ସେବା, ତ୍ୟାଗ ଓ କର୍ତ୍ତବ୍ୟ ନିଷ୍ଠାର ମୂର୍ତ୍ତିମନ୍ତ ପ୍ରତୀକ ରାଜକିଶୋର ନାୟକ ଥିଲେ ଗାନ୍ଧୀ ଯୁଗର ଶେଷ ସନ୍ଥ । ଗାନ୍ଧିଜୀ, ବିନୋବା ଭାବେ, ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ର ଜୀବନରୁ ଦେଶସେବା ପ୍ରତି ସମର୍ପିତ ହୋଇଥିଲେ । ୧୯୩୪ ମସିହା ମେ ମାସ ୨୬ ତାରିଖ ଦିନ ମହାତ୍ମା ଗାନ୍ଧୀଜୀ ପଦଯାତ୍ରାରେ ସଲାର ପଡ଼ିଆରେ ପହଁଚିଥିଲେ । ନଅବର୍ଷ ବୟସର ରାଜକିଶୋର, ସ୍ୱାଧୀନତା ସଂଗ୍ରାମୀ ପୁରୁଷୋତ୍ତମ ନାୟକଙ୍କ ସହ ଗାନ୍ଧୀଙ୍କୁ ଦର୍ଶନ କରିବା ସହ କଥା ମଧ୍ୟ ହୋଇଥିଲେ । ଲୁଚି ଲୁଚି ବାନର ସେନାରେ ମଧ୍ୟ କାର୍ଯ୍ୟ କରିଥିଲେ । ୧୯୫୫ ମସିହାରେ ବିନୋବାଜୀଙ୍କର ତେଣ୍ଡାକୁଡ଼ା ଆଗମନକୁ ସ୍ୱାଗତ କରିବା ସହ ଭୂଦାନ ଓ ସର୍ବୋଦୟରେ ଖୁବ୍ ନୀତିନିଷ୍ଠ ଭାବେ କାର୍ଯ୍ୟ କରିଥିଲେ । ୧୯୬୬ରେ ବିଜୁବାବୁଙ୍କ ପରାମର୍ଶରେ ଶିକ୍ଷକତା ଛାଡ଼ି ରାଜନୀତିରେ ଯୋଗଦାନ କରିଥିଲେ । ୧୯୭୧ ମସିହାରେ ଉତ୍କଳ କଂଗ୍ରେସ ଟିକେଟ୍‌ରେ ପାଟକୁରାରେ ବିଧାୟକ ହୋଇଥିଲେ । ଏହି ମହାନ୍ ଜନନାୟକଙ୍କ ଜୀବନଚର୍ଯ୍ୟା ଥିଲା ଖୁବ୍ ସାଧନାମୟ ଓ ତ୍ୟାଗପୂର୍ଣ୍ଣ । ରାଜନୀତିରେ ଥାଇ ବି ଜଣେ ସନ୍ନ୍ୟାସୀର ଜୀବନ ବିତାଉଥିଲେ । ରାଜର୍ଷି ଜନକଙ୍କ ପରି ସମ୍ପଦ ମଧ୍ୟରେ ଥାଇ ବି ତାଙ୍କୁ ସମ୍ପଦ ସ୍ପର୍ଶ କରି ନ ଥିଲା । କ୍ଷମତା ମଧ୍ୟରେ ଥାଇବି କ୍ଷମତାର ଗନ୍ଧ ତାଙ୍କ ଦେହରେ ବାଜି ନ ଥିଲା । କଠୋର କର୍ତ୍ତବ୍ୟନିଷ୍ଠା, ନୀତିନୀଷ୍ଠ ରାଜନୈତିକ ବିଚାରଧାରାର କଷଟି ପଥରରେ ଘଷି ହୋଇ ତାଙ୍କ ଜୀବନ ମାନବବାଦର ଏକ ଉତ୍ତୁଙ୍ଗ ଶିଖରରେ ପହଁଚି ପାରିଥିଲା । ରାଜତନ୍ତ୍ରରେ ରାଜନୀତି ଭୋଗ୍ୟବାଦ ଉପରେ ପ୍ରତିଷ୍ଠିତ ଥିଲା । ପ୍ରାଚୁର୍ଯ୍ୟର ପାହାଡ଼ ଶିଖରରେ ରାଜାଙ୍କ ସିଂହାସନ ପ୍ରତିଷ୍ଠା ହେଉଥିଲା । ୧୮୪୮ ମସିହାରେ ମହାନ୍ ଦାର୍ଶନିକ କାର୍ଲମାର୍କ୍ସଙ୍କ ଦ୍ୱାରା କମ୍ୟୁନିଷ୍ଟ ମେନିଫେଷ୍ଟୋ ଜନ୍ମ ନେଲାପରେ ରାଜନୀତି ଭୋଗବାଦ ଓ ପ୍ରାଚୁର୍ଯ୍ୟ ପ୍ରହରଣ ମୁକ୍ତହେଲା । ୧୯୧୭ ମସିହାରେ ଋଷିଆ ବିପ୍ଳବ ପରେ ଲେନିନ୍ ପ୍ରମାଣ କରି ଦେଖେଇ ଦେଲେ ସାରା ବିଶ୍ୱକୁ ଯେ ଭୋଗ ବଦଳରେ ତ୍ୟାଗ, ତିତିକ୍ଷା ଦ୍ୱାରା କିଭଳି ରାଜନୀତି, ରାଜ୍ୟ ଶାସନ କରିହୁଏ । ବ୍ୟକ୍ତି ସମ୍ପତ୍ତି ହୀନ ଓ ବ୍ୟକ୍ତି ସମ୍ପତ୍ତି ଚେତନା ବିହୀନ ମାନବବାଦ ହିଁ ସାମ୍ୟବାଦ ଯାହା ରାଜକିଶୋର ନାୟକ ତାଙ୍କ ସମଗ୍ର ଜୀବନରେ ପ୍ରମାଣ କରି ଦେଖେଇ ଯାଇଛନ୍ତି । ରାଜନୀତି ଭୋଗ, ବିଳାସ ଓ ପ୍ରାଚୁର୍ଯ୍ୟରେ ନ ଥାଏ । ରାଜନୀତି ତ୍ୟାଗ ଓ ମାନବସେବାରେ ଥାଏ ବୋଲି ସେ ଦୁଇ ଦୁଇ ଥର ବିଧାୟକ, ଦୁଇଥର ଖଦୀବୋର୍ଡ ଚେୟାରମ୍ୟାନ୍, ବ୍ଲକ୍ ଚେୟାରମ୍ୟାନ୍ ଇତ୍ୟାଦି ରାଜନୈତିକ ପଦପଦବୀରେ ଅଧିଷ୍ଠିତ ଥାଇ ପ୍ରମାଣିତ କରିଯାଇଛନ୍ତି । ତାଙ୍କୁ ସମ୍ପଦର ମୋହ ଜମା ସ୍ପର୍ଶ କରି ନ ଥିଲା । ନିଜ ପତ୍ନୀଙ୍କର ଅଳଙ୍କାର ବିକ୍ରି କରି ଜଣେ ଇଞ୍ଜିନିୟର ଛାତ୍ରର ପାଠପଢା ଖର୍ଚ୍ଚ ଦେଇଥିଲେ । ଦରମା ପଇସାରୁ ଗ୍ରାମର ଦଳିତ, ନିଷ୍ପେଷିତ ମଣିଷଙ୍କୁ ଆବଶ୍ୟକସ୍ଥଳେ ସାହାଯ୍ୟ କରୁଥିଲେ । ଏପରିକି ତାଙ୍କ ପେନ୍‌ସନ୍ ପଇସାରୁ ଅଧା ନିଜେ ପ୍ରତିଷ୍ଠା କରିଥିବା ଅସୁରେଶ୍ୱର ଗୋରକ୍ଷଣୀକୁ ଦେବା ସହ ଆଉ କିଛି ଟଙ୍କା ଗରୀବ ଲୋକଙ୍କୁ ଦେଉଥିଲେ । ଏପରିକି ତାଙ୍କ ସୁ-ପୁତ୍ର ପ୍ରାକ୍ତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ରାଜନୀତିକ ବିରୋଧିକୁ ମଧ୍ୟ ଅର୍ଥ ପ୍ରଦାନ କରୁଥିଲେ । ପଚାରିଲେ କୁହନ୍ତି- ମଣିଷ କେବେ ବି ମଣିଷର ଶତ୍ରୁ ନୁହେଁ । ମଣିଷ ଜନ୍ମ ହେଇଚି ମଣିଷର ଉପକାର ପାଇଁ । ସଂକୀର୍ଣ୍ଣ ରାଜନୀତିରେ ଶତ୍ରୁମିତ୍ର ଥାଇପାରନ୍ତି । କିନ୍ତୁ ତା'ଠାରୁ ଉର୍ଦ୍ଧ୍ୱକୁ ଗଲେ, ସାରାଜଗତ ଗୋଟିଏ ପରିବାର । ଏପରିକି ନିଜ ପୁଅ ଓ ଝିଅମାନଙ୍କୁ କିଛି ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଦାୟିତ୍ୱ ପ୍ରଦାନ କରିଥିଲେ । ପିଲାମାନେ ପୂଜା ପାର୍ବଣରେ ନୂଆ ପୋଷାକ ପିନ୍ଧିବାକୁ ଅଳି କଲେ, ସେ ବୁଝାନ୍ତି- ଗାଁର ସବୁ ଘରର ପିଲା ଯେଉଁଦିନ ନୂଆ ପିନ୍ଧି ପାରିବେ, ତମେ ସେହିଦିନ ପିନ୍ଧିବ । ତମେ ନୂଆ ପିନ୍ଧିବ, ଅଥଚ ଗରିବ ପିଲାଟିଏ ଛିଣ୍ଡାଫଟା ପିନ୍ଧିଥିବ, ତୁମକୁ ଭଲ ଲାଗିବ କି ? ଏହିଭଳି ସନ୍ନ୍ୟାସ ମାନସିକତାର ମଣିଷଟିଏ ଥିଲେ ରାଜକିଶୋର ନାୟକ । ନିଜେ ଧୋତି ଓ ଚାଦର ପିନ୍ଧି ସାରା ଜୀବନ ବିତେଇ ଦେଲେ । ପାଟକୁରାର ବିଧାୟକ ଥାଇ ବି ଦିନେ ଅଯଥା ଖର୍ଚ୍ଚ କରି ନାହାନ୍ତି କି ଆମୋଦ ପ୍ରମୋଦରେ ଜୀବନ କାଟି ନାହାନ୍ତି । ସବୁବେଳେ ସେ କହୁଥିଲେ, ତମ ନିଜଠୁ ତଳେ ଥିବା ଲୋକଟିକୁ ଚାହିଁ, ଦେଖିବ ଭଗବାନ୍ ତୁମକୁ କେତେ ସୁଖରେ ରଖିବେ । ଖଦୀ ବୋର୍ଡର ଅଧ୍ୟକ୍ଷ ଥାଇ ବି ବ୍ୟକ୍ତିଗତ କାର୍ଯ୍ୟରେ ଦିନେ ସରକାରୀ ଗାଡ଼ି ବ୍ୟବହାର କରିନାହାନ୍ତି ।

୧୯୨୫ ମସିହା କାର୍ତ୍ତିକ ପୂର୍ଣ୍ଣିମା ଦିନ ପାଟକୁରାଥାନା ଅନ୍ତର୍ଗତ ଅରିଲୋ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଏହି ତ୍ୟାଗପୂତ ମହାପୁରୁଷ, ପୂର୍ଣ୍ଣ ପ୍ରାଣରେ ଗରିବ ମଣିଷଙ୍କ ସେବା ସହ ପଶୁ, ପକ୍ଷୀଙ୍କ ସେବାରେ ବି ଊଣା କରିନାହାନ୍ତି, ଅସୁରେଶ୍ୱର ଗୋରକ୍ଷଣୀ ପ୍ରତିଷ୍ଠା କରି ପରିତ୍ୟକ୍ତ ଗାଈ ବଳଦମାନଙ୍କୁ ରଖି ତାଙ୍କର ସେବା କରୁଥିଲେ । ସେବାର ସେ ଥିଲେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଉଚ୍ଚାରଣ ଓ ଆଚରଣରେ ଅଭିନ୍ନ କର୍ମଯୋଗୀ, କ୍ରାନ୍ତିକାରୀ କର୍ମବୀର, ଗୁରୁପ୍ରାଣ ଯୋଗୀ, ଗାନ୍ଧୀଯୁଗର ଶେଷ ସନ୍ଥ, ଭବିଷ୍ୟ ଦ୍ରଷ୍ଟା, ସ୍ଥିତପ୍ରଜ୍ଞ ମାନବବାଦୀ, ଦୟା, ପ୍ରେମ ଓ କରୁଣାର ଶୁଦ୍ଧପୂତ ମଣିଷ ରାଜକିଶୋର ନାୟକଙ୍କ ଜୀବନ ଦର୍ଶନ ଆଜିର ସମସ୍ତ ରାଜନେତାମାନଙ୍କ ପାଇଁ ପ୍ରେରଣାର ଉତ୍ସ । ଏହି ମହାନ୍ ଜନନାୟକ ୨୦୧୦ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ ।


ମୋ – ୯୪୩୭୦୧୩୧୩୯


# କୋଟିଏରେ ଗୋଟିଏ ଋଷିପ୍ରାଣ ରାଜକିଶୋର



**ପ୍ରହଲାଦ କୁମାର ସିଂହ**

ସେ ବାକ୍ୟବୀର ନୁହନ୍ତି, କର୍ମବୀର । ସତ୍ୟ, ଅହିଂସା, ସେବା, ସଂଘର୍ଷ, ଶ୍ରମ, ଶୃଙ୍ଖଳା, ସାଧନା, ସ୍ୱାଧ୍ୟାୟ, ସଂକଳ୍ପ, ସ୍ୱାଭିମାନ ଓ ସମର୍ପଣର ସମଷ୍ଟିରେ ଗଢ଼ାଥିଲା ତାଙ୍କର ନଶ୍ୱର ଶରୀର ଓ ଅବିନାଶୀ ଆତ୍ମା । ତାଙ୍କର ପ୍ରତ୍ୟେକ ରକ୍ତ କଣିକାରେ ଭରି ରହିଥିଲା ଗାନ୍ଧୀ ବିଚାର । ସ୍ପଷ୍ଟବାଦିତା, ନିର୍ଭୀକତା, ଦୃଢ଼ ମନୋବଳ, କର୍ତ୍ତବ୍ୟନିଷ୍ଠା କ୍ଷେତ୍ରରେ ସେ ଅନେକଙ୍କ ପାଇଁ ଥିଲେ ପ୍ରେରଣାର ଉତ୍ସ । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ ସ୍ୱାଧୀନତା ଆନ୍ଦୋଳନ, ଆଚାର୍ଯ୍ୟ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଓ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସେ ଥିଲେ ଜଣେ ସମର୍ପିତ ସୈନିକ । ଆତ୍ମପ୍ରଚାରରୁ ନିଜକୁ ଊର୍ଦ୍ଧ୍ୱରେ ରଖି ସରଳ ଜୀବନ ଓ ଉଚ୍ଚ ଚିନ୍ତନର ଗୁରୁମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ସଚ୍ଚୋଟ ଭାବେ ସାର୍ବଜନୀନ କ୍ଷେତ୍ରରେ ସେ ଛାଡ଼ି ଯାଇଛନ୍ତି ଅନେକ ସ୍ୱୀକୃତିର ପଦଚିହ୍ନ । ଏଭଳି ଜଣେ ନିରଳସ ସାଧକ, ସମାଜସେବୀ ଓ ସଂସ୍କାରକ ପାଟକୁରା ଗାନ୍ଧୀ ଭାବେ ପରିଚିତ ରାଜକିଶୋର ନାୟକ। ସମୟ ସୁଅର ଅନୁକୂଳରେ କୁଟା, କାଠି, ପତର ପରି ଭାସି ନ ଯାଇ ପ୍ରତିକୂଳ ଦିଗରେ ସନ୍ତରଣ କରି ସେ ଜୀବନର ସାର୍ଥକତା ପ୍ରତିପାଦିତ କରିଛନ୍ତି ।

ବର୍ତ୍ତମାନର କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ପାଟକୁରା ଅଞ୍ଚଳରେ ତାଙ୍କର ଜନ୍ମ ଏକ ସଂସ୍କାର ସମ୍ପନ୍ନ ମଧ୍ୟବି ପରିବାରରେ ୧୯୨୫ ନଭେମ୍ବର ୧୨ ତାରିଖ କାର୍ତ୍ତିକ ପୂର୍ଣ୍ଣିମା ତିଥିରେ । ପରିବାରର ମୂଳଦୁଆ ଆଧ୍ୟାତ୍ମବାଦ ଉପରେ ବଢୁଥିବା ବେଳେ ମାତ୍ର ୧୪ ବର୍ଷ ବୟସରେ ରାଜକିଶୋର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦିଅନ୍ତି ଜଣେ ବାନର ସେନା ଭାବେ। ସେତେବେଳୁ ତାଙ୍କ ମନରେ ଦେଶ ସେବାର ବୀଜ ବପନ ହୋଇସାରିଥିଲା। ବିଶେଷ କରି ବନ୍ୟା ପ୍ଲାବିତ ପାଟକୁରା ଅଞ୍ଚଳରେ ଛାତ୍ରାବସ୍ଥାରୁ ତ୍ରାଣ କାର୍ଯ୍ୟ ସତେ ଯେମିତି ତାଙ୍କ ଜୀବନର ଅଙ୍ଗ ପାଲଟିଗଲା। ରେଭେନ୍ସା କଲେଜରେ ପଢୁଥିବା ବେଳେ ଭାରତଛାଡ଼ ଆନ୍ଦୋଳନର 'କର ବା ମର' ଆହ୍ୱାନ ତାଙ୍କ ଯୁବପ୍ରାଣକୁ ଚହଲାଇ ଦେଇଥିଲା ଓ ଆଗପଛ ନ ବିଚାରି ସେ ଏଥିରେ ଝାସ ଦେଲେ। ମହାତ୍ମା ଗାନ୍ଧୀଙ୍କ ସମେତ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଶିବାନନ୍ଦ, ସ୍ୱାମୀ ନିଗମାନନ୍ଦ, ଆଚାର୍ଯ୍ୟ ହରିହର, ମା' ରମାଦେବୀ, ଗୋପବନ୍ଧୁ ଚୌଧୁରୀ ଆଦିଙ୍କ ସେବା, ସାଧନା ଓ ସଂଗ୍ରାମର ମାର୍ଗ ତାଙ୍କୁ ବହୁଭାବେ ଅନୁପ୍ରାଣିତ କରିଥିଲା ।

ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ରାଜନୈତିକ ଜୀବନରେ ସାଧୁତା, ସଚ୍ଚୋଟତା, ସମୟାନୁବର୍ତ୍ତିତା ଓ ଦକ୍ଷତା ମାପିବା ପାଇଁ ଯଦି ରାଜକିଶୋର ନାୟକଙ୍କୁ ମାନଦଣ୍ଡ ଭାବେ ଗ୍ରହଣ କରାଯାଏ ତା'ହେଲେ ବର୍ତ୍ତମାନ ପିଢ଼ିର ବହୁ ରାଜନୈତିକ ନେତା ଓ ସମାଜସେବୀଙ୍କ ଚେହେରା ଏକ ମହାଦ୍ରୁମ ନିକଟରେ ଦୁବଘାସ ଠାରୁ ବି ଆହୁରି ଛୋଟ ଜଣାପଡ଼ିବ । ଆଚରଣ ଓ ଉଚ୍ଚାରଣ ମଧ୍ୟରେ ତାଙ୍କର କିଛି ଭିନ୍ନତା ନ ଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ମାନଦଣ୍ଡ ଅନୁଯାୟୀ ଯେଉଁ ମଣିଷର ଚିନ୍ତା, କାମ ଓ କଥା ସତ୍‌ର ସରଳରେଖା ଉପରେ ତିନୋଟି ବିନ୍ଦୁ ଭାବେ ରହିପାରିବ ସେ ବାସ୍ତବରେ ଜଣେ ଭଲ ମଣିଷ। ବାସ୍ତବରେ ଗାନ୍ଧୀଜୀଙ୍କ ଏହି ମାନଦଣ୍ଡର ଜଣେ ଠିକଣା ମଣିଷ ଥିଲେ ରାଜକିଶୋର ।



କୃତି ଛାତ୍ର ଥିବାରୁ ଚାହିଁଥିଲେ ସେତେବେଳେ ବେଶ୍ ବଡ଼ ଚାକିରି କରିପାରିଥାନ୍ତେ । କିନ୍ତୁ ତ୍ୟାଗ ଓ ସେବାର ଭାବନା ତାଙ୍କ ମନପ୍ରାଣକୁ ଏଭଳି ଆନ୍ଦୋଳିତ କରିଥିଲା ଯେ ଉଚ୍ଚଶିକ୍ଷା ସମାପ୍ତି ପରେ ଶିକ୍ଷକତା ଓ ଗାନ୍ଧୀଜୀଙ୍କ ରଚନାତ୍ମକ କାର୍ଯ୍ୟରେ ସେ ମାତିଲେ। ତାଙ୍କ ହାତଗଢ଼ା ଅନେକ ଆଦର୍ଶ ଛାତ୍ର ଯେଉଁମାନେ ପରବର୍ତ୍ତୀ ଜୀବନରେ ଉଚ୍ଚ ପଦପଦବୀ ମଣ୍ଡନ କରିଛନ୍ତି ସେମାନେ ଏବେ ବି ଗର୍ବର ସହିତ କହନ୍ତି, 'ଆମେ ରାଜୁ ସାର୍‌ଙ୍କ ଛାତ୍ର'। ଶିକ୍ଷକତା ସମୟରେ ବି ବନ୍ୟା ରିଲିଫ୍ ବନ ଓ ଭୂଦାନ ଆନ୍ଦୋଳନରେ ତାଙ୍କର ସକ୍ରିୟ ଯୋଗଦାନ ରହୁଥିଲା। ସେ ସମୟରେ ଯୌତୁକ ବିହୀନ ନିରାଡମ୍ବର ବିବାହ କରି ସେ ଏକ ଉଚ୍ଚ ଆଦର୍ଶର କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଥିଲେ। ବର୍ତ୍ତମାନ ପିଢ଼ି ହୁଏତ ଶୁଣିଲେ ବିଶ୍ୱାସ କରିବେ ନାହିଁ ଯେ ବିବାହ ପରେ ନବପରିଣୀତା ଜୀବନସାଥୀ ନିର୍ମଳାଙ୍କୁ ଧରି ସେ ପାଦରେ ଚାଲି ଘରକୁ ଫେରିବା ଭଳି ନିଷ୍ପତ୍ତି ନେଇପାରୁଥିଲେ ।

ତାଙ୍କ ତ୍ୟାଗପୂର୍ଣ୍ଣ ଜୀବନର ଯଶ, ଖ୍ୟାତି ସେତେବେଳକୁ ପାଟକୁରା ମାଟି ଡେଇଁ ସାରା ଓଡ଼ିଶାରେ ବ୍ୟାପ୍ତ ହୋଇଥାଏ । ଏ ପରିପ୍ରେକ୍ଷୀରେ ବିଜୁ ପଟ୍ଟନାୟକଙ୍କ ଆହ୍ୱାନରେ ଶିକ୍ଷକ ଚାକିରିରୁ ଇସ୍ତଫା ଦେଇ ସେ ପ୍ରତ୍ୟକ୍ଷ ରାଜନୀତି କ୍ଷେତ୍ରକୁ ଆସିଲେ । ପ୍ରଥମେ ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ପରେ ୧୯୭୧ ଓ ୭୪ରେ ସେ ନିର୍ବାଚିତ ହେଲେ ପାଟକୁରାର ବିଧାୟକ ଭାବେ ।

୧୯୭୭ ମସିହାରେ ରାଜକିଶୋର ନାୟକଙ୍କୁ ପୁନର୍ବାର ପାଟକୁରାରୁ ବିଧାୟକ କରିବା ପାଇଁ ବିଜୁ ପଟ୍ଟନାୟକ, ନୀଳମଣି ରାଉତରାୟ, ବିଶ୍ୱନାଥ ପଣ୍ଡିତ ଆଦି ନିଷ୍ପତ୍ତି ନେଇ ଦଳୀୟ ଟିକେଟ୍ ଦେଇସାରଇଥିଲେ ମଧ୍ୟ କୁଚକ୍ରୀ ଗୋଷ୍ଠୀଙ୍କ ଷଡ଼ଯନ୍ତ୍ର କ୍ରମେ ସେ ଟିକେଟ୍ ଫେରାଇ ଥିଲେ। ଯେଉଁମାନେ ଏହି ଚକ୍ରାନ୍ତର ସୂତ୍ରଧର ଥିଲେ ପରବର୍ତ୍ତୀ ସମୟରେ ସେମାନଙ୍କ ରାଜନୈତିକ ଜୀବନ ଦୈବୀ ଚଡ଼କରେ ଭାଙ୍ଗିରୁଜି ଚୁରମାର୍ ହୋଇଯାଇଛି। ତେବେ ଏହି ଚକ୍ରାନ୍ତ ବିଷୟରେ ଅବଗତ ହେବା ପରେ ବିଜୁ ବାବୁ ତାଙ୍କୁ ଓଡ଼ିଶା ଖଦି ବୋର୍ଡର ସଭାପତି କରାଇଥିଲେ। ୧୯୯୩ରେ ପୁଣିଥରେ ବିଜୁବାବୁଙ୍କ ଆହ୍ୱାନରେ ସେ ଓଡ଼ିଶା ଖଦିବୋର୍ଡର ଦାୟିତ୍ୱ ନେଇଥିଲେ। ସେତେବେଳକୁ ସେ ଖଦି କମିଶନଙ୍କ ପୂର୍ବାଞ୍ଚଳ ଖଦି ପ୍ରମାଣନ ସମିତିର ଅଧ୍ୟକ୍ଷ ମଧ୍ୟ ଥିଲେ। ପୂର୍ବରୁ ଜଡ଼ିତ ଥିବା ଅସୁରେଶ୍ୱର ଗୋରକ୍ଷଣୀର ଅବୈତନିକ ସମ୍ପାଦକ ଦାୟିତ୍ୱ ୧୯୯୫ରୁ ବହନ କରି ଶେଷନିଃଶ୍ୱାସ ଛାଡ଼ିବା ପର୍ଯ୍ୟନ୍ତ ଏହି କାର୍ଯ୍ୟକୁ ସେ ସଫଳତାର ସହ ସମ୍ପାଦନ କରିଥିଲେ ।

ନିଜ ସୁଖ ସ୍ୱାଚ୍ଛନ୍ଦକୁ ଭୁଲିଯାଇ କେବଳ ଲୋକଙ୍କ କାମ ଓ କାମ ଭିତରେ ସେ ନିଜକୁ ଏତେ ବୁଡ଼ାଇ ରଖିଥିଲେ ଯେ ଶରୀର ପ୍ରତି ମଧ୍ୟ ଠିକଣା ଯତ୍ନ ନେଉନଥିଲେ । ଫଳସ୍ୱରୂପ ବେମାର ପଡ଼ିଲେ ଏବଂ ବିଜୁବାବୁ ଓ ଜ୍ଞାନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଦିଲ୍ଲୀରେ ଅସ୍ତ୍ରୋପଚାର କରାଇବାକୁ ବାଧ ହେଲେ । ଏହି ଅଜାତଶତ୍ରୁ ଯେତେବେଳେ ଯେଉଁ ଦାୟିତ୍ୱରେ ରହିଛନ୍ତି ତାକୁ ଏତେ ସୁଚାରୁରୂପେ ସମ୍ପାଦନ କରିଛନ୍ତି ଯେ ତାଙ୍କ କର୍ତ୍ତବ୍ୟ ନିଷ୍ଠା, ସାଧୁତା ଓ ସଚ୍ଚୋଟତା ପ୍ରତି କେହି ଅଙ୍ଗୁଳି ଉଠାଇବାକୁ ମଧ୍ୟ ସାହସ କରିନାହାନ୍ତି। ଭୋଗ ଓ ନେବା ସର୍ବସ୍ୱ ପ୍ରଚଳିତ ରାଜନୈତିକ ବ୍ୟବସ୍ଥାର ନୂଆପିଢ଼ି ଆଶ୍ଚର୍ଯ୍ୟ ହେବେ ଯେ ବିଭିନ୍ନ ସମୟରେ ଏତେ ଗୁରୁଦାୟିତ୍ୱ ମୁଣ୍ଡାଇ ବି ନମ୍ର ରାଜକିଶୋର କେବଳ ଜଣେ ସନ୍ଥ ବା ଟ୍ରଷ୍ଟୀ ଭାବେ ନୁହେଁ, ଅନ୍ୟତମ କ୍ରାନ୍ତିକାରୀ ଭାବେ ତ୍ୟାଗ, ସେବା ଓ ସଚ୍ଚୋଟତାକୁ ତାଙ୍କ ଜୀବନର ବୀଜମନ୍ତ୍ର କରି ସଫଳତାର ପାହାଚ ପରେ ପାହାଚ ଚଢୁଥିଲେ । ମାନବବାଦୀ ରାଜୁବାବୁଙ୍କ କୋମଳ ହୃଦୟ ଯେକୌଣସି ଅଞ୍ଚଳର ବିପନ୍ନଙ୍କ ପାଇଁ କାନ୍ଦି ଉଠୁଥିଲା ।

ତାଙ୍କ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଥିଲା ଅସୁରେଶ୍ୱର ଗୋରକ୍ଷଣୀ। ଏହାର ଅବୈତନିକ ସମ୍ପାଦକ ଭାବେ ଦୀର୍ଘବର୍ଷ ଧରି ସେ ଆଦର୍ଶ ସେବା ଦେଇଆସିଛନ୍ତି। ଏମିତିକି ମୃତ୍ୟୁର କିଛିଦିନ ପୂର୍ବ ପର୍ଯ୍ୟନ୍ତ ସେ ଭୁବନେଶ୍ୱରରୁ ଅସୁରେଶ୍ୱର ଯାଇ ସେଠାରେ ଗୋରକ୍ଷଣୀରେ ଥିବା ଭିନ୍ନକ୍ଷମ ଗୋମାତାମାନଙ୍କ କଥା ବୁଝୁଥିଲେ। ମଣିଷ ଭଳି କଥା କହିପାରୁନଥିଲେ ବି ଏହି ଗୋରକ୍ଷଣୀର ଅନ୍ତେବାସୀ ଗୋମାତାମାନେ ରାଜୁବାବୁଙ୍କ ଦର୍ଶନ ଓ ସ୍ପର୍ଶ ପାଇ କେତେ ଆହ୍ଲାଦିତ ଓ ରୋମାଞ୍ଚିତ ହେଉଥିଲେ ତାହା ନ ଦେଖିଲା ଲୋକ କଳ୍ପନା କରିପାରିବ ନାହିଁ । ତାଙ୍କର ସମର୍ପିତ ସେବା ପାଇଁ ରାଜ୍ୟ ଓ ଜାତୀୟ ସ୍ତରର ଅନେକ ମର୍ଯ୍ୟାଦାଜନକ ଅନୁଷ୍ଠାନ ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଛନ୍ତି । ତେବେ ଯଶ, ପ୍ରତିଷ୍ଠା ଓ ପ୍ରାପ୍ତିର ଊର୍ଦ୍ଧ୍ୱରେ ଥିବା ନିଷ୍ଠାରେ ଅଟଳ ଏହି ଅବିଚଳିତ ତପସ୍ୱୀଙ୍କୁ ତାହା ଆମୋଦିତ କରୁନଥିଲା, ବରଂ ଏଗୁଡ଼ିକ ତାଙ୍କୁ ତାଙ୍କ କର୍ତ୍ତବ୍ୟ ପାଇଁ ପୁଣି ସ୍ମରଣ କରାଇ ଦେଉଥିଲା । ଏହି କର୍ମଯୋଗୀ ମହାମନିଷୀଙ୍କ ପ୍ରାୟ ୮୫ ବର୍ଷର ଦୀର୍ଘ କର୍ମମୟ ଜୀବନର ଅବସାନ ଘଟିଲା ୨୦୧୦ ଜାନୁଆରୀ ୪ ତାରିଖରେ । ହେଲେ ସେବା, ସଂଗ୍ରାମ, ସାଧନା ଓ ସତ୍ୟନିଷ୍ଠାର ଯେଉଁ ପଦଚିହ୍ନ ସେ ଛାଡ଼ି ଯାଇଛନ୍ତି ତାହା ଅନେକଙ୍କୁ ଏବେ ବି ଅନୁପ୍ରାଣୀତ କରି ରଖିଛି ଓ ରଖୁଥିବ। ଦେଶ ମାତୃକାର ଏହି କୃତି ସନ୍ତାନଙ୍କ ଅମର ଆତ୍ମା ଉଦ୍ଦେଶ୍ୟରେ ତାଙ୍କ ପୁଣ୍ୟତିଥିରେ ଦିବ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କଲାବେଳେ ଏବେ ବି ମାନସପଟରେ ତାଙ୍କ କର୍ମମୟ ମୂର୍ତ୍ତି ଉଦ୍ଭାସିତ ହୁଏ ।


ମୋ. ୯୪୩୭୦୧୭୩୯୫

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




ଲୁଇସ୍ ବ୍ରେଲିଙ୍କ ଜନ୍ମଦିନକୁ ସ୍ୱୀକୃତି ଦେବା ଏବଂ ଦୃଷ୍ଟିହୀନ ଏବଂ ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଯୋଗ ପଦ୍ଧତି ଭାବରେ ବ୍ରେଲର ଗୁରୁତ୍ୱକୁ ଉଜ୍ଜ୍ୱଳ କରିବା ପାଇଁ ପ୍ରତି ଜାନୁଆରୀ ୪ ତାରିଖରେ ବିଶ୍ୱ ବ୍ରେଲି ଦିବସ ପାଳନ କରାଯାଏ, ଯାହା ଅନ୍ତର୍ଭୁକ୍ତିକରଣ, ସ୍ୱାଧୀନତା ଏବଂ ସୂଚନା, ଶିକ୍ଷା ଏବଂ ସୁଯୋଗ ପାଇଁ ସମାନ ପ୍ରବେଶକୁ ପ୍ରୋତ୍ସାହିତ କରେ । ୨୦୧୮ ମସିହାରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ପ୍ରତିଷ୍ଠିତ, ଏହା ଦୃଷ୍ଟିହୀନ ଲୋକଙ୍କୁ ସମାଜରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବା ଏବଂ ସେମାନଙ୍କର ମାନବାଧିକାର ପ୍ରୟୋଗ କରିବା ପାଇଁ ବ୍ରେଲ କିପରି ସଶକ୍ତ କରେ ତାହା ଉପରେ ଗୁରୁତ୍ୱାରୋପ କରେ ।



# ବିଶ୍ୱ ବ୍ରେଲି ଦିବସ ସମାନତାର ଏକ ଉତ୍ସବ






ବିଶ୍ୱ ବ୍ରେଲି ଦିବସ ଗଭୀର ଗୁରୁତ୍ୱ ରଖେ କାରଣ ଏହା ସଶକ୍ତିକରଣର ଏକ ଉପକରଣ ଭାବରେ ବ୍ରେଲର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଥାଏ । ବ୍ରେଲି ଉଠାଯାଇଥିବା ବିନ୍ଦୁଗୁଡ଼ିକର ଏକ ବ୍ୟବସ୍ଥା ଅପେକ୍ଷା ଅଧିକ ଏହା ମୁକ୍ତିର ଏକ ଭାଷା । ଦୃଷ୍ଟିହୀନ ଏବଂ ଦୃଷ୍ଟିହୀନ ଲୋକମାନଙ୍କୁ ପଢ଼ିବା ଏବଂ ଲେଖିବା ପାଇଁ ସକ୍ଷମ କରି, ବ୍ରେଲି ଶିକ୍ଷା, ନିଯୁକ୍ତି ଏବଂ ନାଗରିକ ଜୀବନରେ ଅଂଶଗ୍ରହଣ ପାଇଁ ଦ୍ୱାର ଖୋଲିଥାଏ । ଏହା ନିଶ୍ଚିତ କରେ ଯେ ଯେଉଁମାନେ ଦୃଷ୍ଟିଶକ୍ତି ଉପରେ ନିର୍ଭର କରିପାରିବେ ନାହିଁ ସେମାନେ ସାହିତ୍ୟ, ବିଜ୍ଞାନ, ଗଣିତ କିମ୍ବା ସଙ୍ଗୀତରେ ହେଉ, ଲିଖିତ ଶବ୍ଦରୁ ବାଦ ପଡ଼ିବେ ନାହିଁ । ଏହିପରି ଭାବରେ, ବ୍ରେଲି କେବଳ ଏକ ଲିପି ନୁହେଁ ବରଂ ମର୍ଯ୍ୟାଦା ଏବଂ ସ୍ୱାବଲମ୍ବନର ଏକ ସେତୁ ।

ଲୁଇସ୍ ବ୍ରେଲି ନିଜେ ସ୍ଥିରତାର ପ୍ରତୀକ ଥିଲେ । ୧୮୦୯ ମସିହାରେ ଫ୍ରାନ୍ସରେ ଜନ୍ମଗ୍ରହଣ କରିଥିଲେ, ସେ ଏକ ଦୁର୍ଘଟଣା ଯୋଗୁଁ ତିନି ବର୍ଷ ବୟସରେ ଦୃଷ୍ଟିଶକ୍ତି ହରାଇଥିଲେ । ତଥାପି ତାଙ୍କର ଅକ୍ଷମତା ତାଙ୍କୁ ଜ୍ଞାନ ଅଧ୍ୟୟନ କରିବାରୁ ବାଧା ଦେଇ ନଥିଲା । ମାତ୍ର ପନ୍ଦର ବର୍ଷ ବୟସରେ, ସେ ନୀରବ ଯୋଗାଯୋଗ ପାଇଁ ବ୍ୟବହୃତ ଉଚ୍ଚ ବିନ୍ଦୁଗୁଡ଼ିକର ଏକ ସାମରିକ ସଂହିତା ଦ୍ୱାରା ଅନୁପ୍ରାଣିତ ହୋଇ ବ୍ରେଲି ପ୍ରଣାଳୀ ଉଦ୍ଭାବନ କରିଥିଲେ । ତାଙ୍କର ଉଦ୍ଭାବନ ଏକ ବିପ୍ଳବୀ ଥିଲା, ପଠନ ଏବଂ ଲେଖିବାର ଏକ ସ୍ପର୍ଶକାତର ପଦ୍ଧତି ପ୍ରଦାନ କରିଥିଲା ଯାହା ଭାଷା ଏବଂ ଶୃଙ୍ଖଳା ମଧ୍ୟରେ ସରଳ, ଦକ୍ଷ ଏବଂ ଅନୁକୂଳନୀୟ ଥିଲା । ଆଜି, ବ୍ରେଲି ପ୍ରବେଶଯୋଗ୍ୟତାର ଏକ ମୂଳଦୁଆ ଭାବରେ ରହିଛି, ଯାହା ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଲୋକଙ୍କ ଦ୍ୱାରା ବ୍ୟବହୃତ ହୁଏ ।

ସଂଯୁକ୍ତ ରାଷ୍ଟ୍ରସଂଘ ୨୦୧୯ରେ ବିଶ୍ୱ ବ୍ରେଲି ଦିବସକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଥିଲା, ଏହାର ବିଶ୍ୱବ୍ୟାପୀ ଗୁରୁତ୍ୱକୁ ଗୁରୁତ୍ୱ ଦେଇଥିଲା । ସେବେଠାରୁ, ଜାନୁଆରୀ ୪ ତାରିଖ ଅନ୍ତର୍ଭୁକ୍ତି ଏବଂ ପ୍ରବେଶଯୋଗ୍ୟତା ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିବାର ଦିନ ପାଲଟିଛି । ଏହା ଏକ ସ୍ମରଣକାରୀ ଯେ ଶାରୀରିକ କ୍ଷମତା ନିର୍ବିଶେଷରେ, ସମସ୍ତଙ୍କ ପାଇଁ ସୂଚନା ଉପଲବ୍ଧ ହେବା ନିଶ୍ଚିତ ନକରି ସମାନତା ହାସଲ କରାଯାଇପାରିବ ନାହିଁ । ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ପ୍ରାଧାନ୍ୟ ଦେଉଥିବା ଏକ ଯୁଗରେ, ବ୍ରେଲି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ସ୍କ୍ରିନ୍ ରିଡର୍ ଏବଂ ଅଡିଓ ପୁସ୍ତକ ମୂଲ୍ୟବାନ, କିନ୍ତୁ ସେମାନେ ବ୍ରେଲି ପ୍ରଦାନ କରୁଥିବା ସ୍ପର୍ଶକାତର ସାକ୍ଷରତାକୁ ବଦଳାଇ ପାରିବେ ନାହିଁ । ସ୍ପର୍ଶ ମାଧ୍ୟମରେ ପଠନ ଗଭୀର




ବୋଧଗମ୍ୟତା ଏବଂ ସ୍ୱାଧୀନତାକୁ ପ୍ରୋତ୍ସାହିତ କରେ, ବ୍ୟକ୍ତିମାନଙ୍କୁ ପାଠ୍ୟ ସହିତ ଏପରି ଭାବରେ ଜଡିତ ହେବାକୁ ଅନୁମତି ଦିଏ ଯାହା ନିଷ୍କ୍ରିୟ ନୁହେଁ ବରଂ ସକ୍ରିୟ ।

ପ୍ରଗତି ସତ୍ତ୍ୱେ, ଅନେକ ଦୃଷ୍ଟିହୀନ ବ୍ୟକ୍ତି ଶିକ୍ଷା, ନିଯୁକ୍ତି ଏବଂ ସାର୍ବଜନୀନ ସେବା ପାଇବାରେ ଏପର୍ଯ୍ୟନ୍ତ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ବିଶ୍ୱର ଅନେକ ସ୍ଥାନରେ, ବ୍ରେଲ ସାମଗ୍ରୀର ଅଭାବ ରହିଛି ଏବଂ ଅନ୍ତର୍ଭୁକ୍ତ ଭିତ୍ତିଭୂମିର ଅଭାବ ରହିଛି । ଏହି ଦିନ ସରକାର, ଅନୁଷ୍ଠାନ ଏବଂ ସମ୍ପ୍ରଦାୟକୁ ସୁଗମ ଫର୍ମାଟ୍, ଅନ୍ତର୍ଭୁକ୍ତ ଶିକ୍ଷା ଏବଂ ଆଧୁନିକ ଉପକରଣ ସହିତ ବ୍ରେଲକୁ ସମନ୍ୱିତ କରୁଥିବା ପ୍ରଯୁକ୍ତିବିଦ୍ୟାରେ ବିନିଯୋଗ କରିବାକୁ ଅନୁରୋଧ କରେ । ଏହା ନିଶ୍ଚିତ କରିବା ବିଷୟରେ ଯେ ଜ୍ଞାନ ଏବଂ ସୁଯୋଗ ହାସଲ କରିବାରେ କେହି ପଛରେ ନ ପଡ଼ନ୍ତି । ବ୍ରେଲର ପ୍ରତୀକାତ୍ମକତା ସାକ୍ଷରତାଠାରୁ ଅଧିକ ବ୍ୟାପିଛି । ଏହା ଅକ୍ଷମତା ଅଧିକାର ଏବଂ ସାମାଜିକ ନ୍ୟାୟ ପାଇଁ ବ୍ୟାପକ ସଂଘର୍ଷକୁ ପ୍ରତିନିଧିତ୍ୱ କରେ । ଯେପରି ବ୍ରେଲ ଲିଖିତ ଜଗତରେ ଦୃଷ୍ଟିହୀନ ସମ୍ପ୍ରଦାୟକୁ ଏକ ସ୍ୱର ଦେଇଥିଲା, ସେହିପରି ଏହା ଆମକୁ ସମାଜରେ ପୂର୍ଣ୍ଣ ଅଂଶଗ୍ରହଣକୁ ବାଧା ଦେଉଥିବା ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାର ଆବଶ୍ୟକତାକୁ ମନେ ପକାଇ ଦିଏ । ପ୍ରବେଶଯୋଗ୍ୟତା ଦାନ ନୁହେଁ ଏହା ଅଧିକାରର ବିଷୟ । ଏହିପରି ବିଶ୍ୱ ବ୍ରେଲ ଦିବସ କାର୍ଯ୍ୟ ପାଇଁ ଏକ ଆହ୍ୱାନ ହୋଇଯାଏ, ସମାଜକୁ ବିବିଧତାକୁ ଗ୍ରହଣ କରିବାକୁ ଏବଂ ପ୍ରତ୍ୟେକ ବ୍ୟକ୍ତି ଉନ୍ନତି କରିପାରିବା ପାଇଁ ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ କରେ ।

ସ୍କୁଲ, ପାଠାଗାର ଏବଂ କର୍ମକ୍ଷେତ୍ରରେ, ବ୍ରେଲ ପ୍ରେରଣା ଦେଇ ଚାଲିଛି । ଏହା ଦୃଷ୍ଟିହୀନ ପିଲାମାନଙ୍କୁ ସେମାନଙ୍କ ସହକର୍ମୀଙ୍କ ସହ ଶିଖିବାକୁ ଅନୁମତି ଦିଏ, ଛୋଟ ବୟସରୁ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରେ । ଏହା ବୃତ୍ତିଗତମାନଙ୍କୁ ସେମାନଙ୍କର ଅକ୍ଷମତା ଦ୍ୱାରା ବାଧାପ୍ରାପ୍ତ ନ ହୋଇ ଆଇନ, ବିଜ୍ଞାନ ଏବଂ କଳା କ୍ଷେତ୍ରରେ କ୍ୟାରିୟର କରିବାକୁ ସକ୍ଷମ କରିଥାଏ । ଏହା ସାହିତ୍ୟ ଏବଂ ସଙ୍ଗୀତକୁ ସୁଗମ କରି ସାଂସ୍କୃତିକ ଜୀବନକୁ ସମୃଦ୍ଧ କରିଥାଏ । ପ୍ରତ୍ୟେକ କ୍ଷେତ୍ରରେ, ବ୍ରେଲି ପ୍ରଦର୍ଶନ କରେ ଯେ ଅକ୍ଷମତା ଅର୍ଥ ଅକ୍ଷମତା ନୁହେଁ । ବିଶ୍ୱ ବ୍ରେଲି ଦିବସ ପାଳନ ମଧ୍ୟ ମାନବ ସୃଜନଶୀଳତା ପ୍ରତି ଏକ ଶ୍ରଦ୍ଧାଞ୍ଜଳି । ଲୁଇସ୍ ବ୍ରେଲିଙ୍କ ଉଦ୍ଭାବନ କୌଣସି ପ୍ରୟୋଗଶାଳାରେ ଜନ୍ମ ନେଇନଥିଲା ବରଂ ଏକ ଦୃଢ଼ କିଶୋର ମନରେ ଜନ୍ମ ହୋଇଥିଲା ଯିଏ ବାଦ ଦେବାକୁ ମନା କରିଥିଲା । ତାଙ୍କର ଐତିହ୍ୟ ଆମକୁ ଶିଖାଏ ଯେ ନବସୃଜନ ପ୍ରାୟତଃ ଆବଶ୍ୟକତାରୁ ଉତ୍ପନ୍ନ ହୁଏ ଏବଂ ସହାନୁଭୂତି ପ୍ରଗତିକୁ ଆଗେଇ ନେଇପାରେ । ତାଙ୍କ ଅବଦାନକୁ ସମ୍ମାନିତ କରି, ଆମେ ସ୍ଥିରତାର ଆତ୍ମା ଏବଂ ଜ୍ଞାନ ସାର୍ବଜନୀନ ହେବା ଉଚିତ ବୋଲି ବିଶ୍ୱାସକୁ ସମ୍ମାନ କରୁ ।

ଆଜିର ପରସ୍ପର ସଂଯୁକ୍ତ ବିଶ୍ୱରେ, ବ୍ରେଲିର ପ୍ରାସଙ୍ଗିକତା ବିକଶିତ ହେଉଛି । ଡିଜିଟାଲ୍ ବ୍ରେଲି ପ୍ରଦର୍ଶନ, ଇଲେକ୍ଟ୍ରୋନିକ୍ ନୋଟେକର୍ ଏବଂ ରିଫ୍ରେସେବଲ୍ ବ୍ରେଲି ଟାବଲେଟ୍ ସ୍ପର୍ଶକାତର ସାକ୍ଷରତାକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହିତ ସଂଯୁକ୍ତ କରୁଛନ୍ତି । ଏହି ନବସୃଜନଗୁଡ଼ିକ ନିଶ୍ଚିତ କରେ ଯେ ବ୍ରେଲି ଡିଜିଟାଲ୍ ଯୁଗରେ ପ୍ରାସଙ୍ଗିକ ରହିବ, ଦୃଷ୍ଟିହୀନ ବ୍ୟକ୍ତିମାନଙ୍କୁ ଅନଲାଇନ୍ ବିଷୟବସ୍ତୁ ପ୍ରବେଶ କରିବାକୁ, ବିଶ୍ୱ ସ୍ତରରେ ଯୋଗାଯୋଗ କରିବାକୁ ଏବଂ ସୂଚନା ଅର୍ଥନୀତିରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଏ । ତେଣୁ ବିଶ୍ୱ ବ୍ରେଲି ଦିବସ କେବଳ ଇତିହାସ ବିଷୟରେ ନୁହେଁ ବରଂ ଭବିଷ୍ୟତ ବିଷୟରେ– ନୂତନ ପ୍ରସଙ୍ଗରେ ବ୍ରେଲିକୁ ଗ୍ରହଣ କରିବା ଏବଂ ଏହା ଆଗାମୀ ପିଢ଼ିକୁ ସଶକ୍ତ କରିବା ନିଶ୍ଚିତ କରିବା ବିଷୟରେ ।

ବିଶ୍ୱ ବ୍ରେଲି ଦିବସ ସମାନତାର ଏକ ଉତ୍ସବ । ଏହା ଆମକୁ ମନେ ପକାଇ ଦିଏ ଯେ ଲିଖିତ ଶବ୍ଦ ସମସ୍ତଙ୍କର, କେବଳ ଯେଉଁମାନେ ଦେଖିପାରନ୍ତି ସେମାନଙ୍କର ନୁହେଁ । ଏହା ଅନ୍ତର୍ଭୁକ୍ତ ସମାଜ ଗଠନରେ ହୋଇଥିବା ପ୍ରଗତି ଏବଂ କରିବାକୁ ଥିବା କାର୍ଯ୍ୟ ଉପରେ ପ୍ରତିଫଳିତ କରିବାର ଏକ ଦିନ । ଏହା ଦୃଷ୍ଟିହୀନ ଭାବରେ ବିଶ୍ୱରେ ନାଭିଗେଟ୍ କରୁଥିବା ଲୋକମାନଙ୍କର ସ୍ଥିରତାକୁ ସମ୍ମାନ କରିବା ଏବଂ ସେମାନଙ୍କ ମର୍ଯ୍ୟାଦାକୁ ସମ୍ମାନ କରୁଥିବା ବ୍ୟବସ୍ଥା ନିର୍ମାଣ ପାଇଁ ନିଜକୁ ପ୍ରତିବଦ୍ଧ କରିବାର ଏକ ଦିନ । ଯେତେବେଳେ ଆମେ ପ୍ରତିବର୍ଷ ଜାନୁଆରୀ ୪ ପାଳନ କରୁ, ଆମକୁ ମାନବତା ପ୍ରତି ଲୁଇସ୍ ବ୍ରେଲିଙ୍କ ଉପହାରକୁ ମନେ ପକାଇବାକୁ ଏବଂ ସୁଗମତା ପ୍ରତି ଆମର ଉତ୍ସର୍ଗକୁ ନବୀକରଣ କରିବାକୁ ଆହ୍ୱାନ କରାଯାଏ । ବ୍ରେଲି କେବଳ ବିନ୍ଦୁଗୁଡ଼ିକର ଏକ ସଂହିତା ନୁହେଁ ଏହା ଆଶା, ସ୍ୱାଧୀନତା ଏବଂ ନ୍ୟାୟର ପ୍ରତୀକ । ତେଣୁ ବିଶ୍ୱ ବ୍ରେଲି ଦିବସ ଏକ ସ୍ମୃତିଚାରଣ ଅପେକ୍ଷା ଅଧିକ– ଏହା ଏକ ଆନ୍ଦୋଳନ, ଏକ ସ୍ମରଣକାରୀ ଯେ ପ୍ରକୃତ ପ୍ରଗତି ନିଶ୍ଚିତ କରିବାରେ ନିହିତ ଅଛି ଯେ ପ୍ରତ୍ୟେକ ବ୍ୟକ୍ତି, କ୍ଷମତା ନିର୍ବିଶେଷରେ, ପଢିବା, ଶିଖିବା ଏବଂ ନେତୃତ୍ୱ ନେବା ପାଇଁ ଉପକରଣ ପାଇପାରିବେ ।


**ଅସିତ ମହାନ୍ତି**
ସୁଜନପୁର, ଯାଜପୁର
ମୋ. ୯୪୩୭୨୮୮୦୨୮







# ସେନ୍ସୋରିନ୍ୟୁରାଲ ହିୟରିଂ ଲସ୍



ଆପଣ ଉଚ୍ଚ ସ୍ୱରରେ ଗୀତ ଶୁଣୁଛନ୍ତି କି? ସହଜେ ତ ବିବାହ ବା ବିଭିନ୍ନ ସାମାଜିକ ଏପରିକି ରାଜନୈତିକ କାର୍ଯ୍ୟକ୍ରମରେ କାନଫଟା ବାଜା ଗୀତର ରୋଷଣୀ ଦିନକୁ ଦିନ ଅତ୍ୟନ୍ତ ଉତ୍କଟ ହେଉଛି । ତେବେ ଏସବୁ ଭିତରେ ଆପଣ ନିଜେ ଟିକେ ସତର୍କ ହୋଇଯାଆନ୍ତୁ । ସୁମଧୁର ଓ ଶ୍ରୁତିପୂର୍ଣ୍ଣ ସଂଗୀତ ସମସ୍ତଙ୍କୁ ଶାନ୍ତି ଦେଇଥାଏ । ତେବେ ନିକଟରେ ଏକ ଚମକପ୍ରଦ ଘଟଣା ଅଗଣିତ ଭାରତୀୟ ମାନଙ୍କୁ ନୁହେଁ ସଙ୍ଗୀତପ୍ରେମୀଙ୍କୁ ଗଭୀର ଦୁଃଖ ଭିତରକୁ ଠେଲି ଦେଇଛି । ଆମ ସମୟର ତଥା ବଲିଉଡର ଲୋକପ୍ରିୟ ପ୍ରତିଥଯଶା ସୁମଧୁର ଗାୟିକା ଏହି ଉଚ୍ଚ ଶ୍ରବଣ ବିଶୃଙ୍ଖଳାର ଶିକାର ହୋଇ ନିଜେ ପ୍ରମୁଖ ଖବର ପାଲଟିଛନ୍ତି । ପରର୍ବୀ ସମୟରେ ବାକଶ୍ରବଣ ବିଶେଷଜ୍ଞଙ୍କ ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ ଏହା ଏକ ବିରଳ ଭୂତାଣୁଜନିତ ସ୍ନାୟୁବିକ ଶ୍ରବଣ ହୀନତା ବୋଲି ଜଣାପଡ଼ିଲା । ଯାହାକୁ ଆମ ଇଏନଟି ଚିକିତ୍ସା ପାଠରେ ସେନ୍ସୋରିନ୍ୟୁରାଲ ହିୟରିଂ ଲସ ବୋଲି କୁହାଯାଏ । ଏହି ସମସ୍ୟାରେ ରୋଗୀଙ୍କର କାନର ଭିତର ଅଂଶ ବା ଅଡଟୋରି ନର୍ଭକୁ କ୍ଷତି ପହଞ୍ଚାଇଥାଏ । ଆମ ମାନଙ୍କର ସ୍ୱାଭାବିକ କାନ ଶୁଣିବା ପାଇଁ ୭୦ ଡେସିବିଲ ତୀବ୍ରତାର ଶବ୍ଦ ନିରାପଦ ରହିଛି । ତେବେ ଉପରୋକ୍ତ ସେନ୍ସୋରିନ୍ୟୁରାଲ ହିୟରିଂ ଲସ କାରଣ ପାଇଁ ପାଖାପାଖି ୯୦ ପ୍ରତିଶତ ଶ୍ରବଣ ଶକ୍ତି କମିଯାଇଥାଏ। ଏହି ରୋଗର କାରଣ ବିଶେଷ ଭାବେ ଅତ୍ୟଧିକ ଶବ୍ଦ ଶୁଣିବାରୁ ହୋଇଥାଏ। ତେବେ କେତେକଙ୍କ କ୍ଷେତ୍ରରେ ଏହା ଜେନେଟିକ ହୋଇଥିବାବେଳେ କିଛି କ୍ଷେତ୍ରରେ ବୟସ କାରଣରୁ ହୋଇଥାଏ। ଆମ କାନର ଭିତର ଅଂଶରେ ଏକ ଅଙ୍ଗ ରହିଛି ଯାହାକୁ କକ୍ଲିଆ, ଯେଉଁଥିରେ ଛୋଟ ଛୋଟ କେଶ ଭଳି କୋଷିକାମାନ ରହିଥାନ୍ତି। ଏଗୁଡ଼ିକ ସାଉଣ୍ଡ ୱେଭରୁ ମିଳୁଥିବା ଭାଇବ୍ରେସନରୁ ନ୍ୟୁରାଲ ସିଗନାଲରେ ପରିଣତ କରିଥାଏ, ଯାହା ଅଡିଟୋରି ନର୍ଭ ମାଧ୍ୟମରେ ବ୍ରେନକୁ ପହଞ୍ଚିଥାଏ । ତେବେ ୮୫ ଡେସିବେଲରୁ ଅଧିକ ଶବ୍ଦ ଶୁଣିବା ଦ୍ୱାରା ଆମ କାନରେ ଥିବା ଏହି କେଶକୁ କ୍ଷତି ପହଞ୍ଚିଥାଏ, ଯେଉଁ କାରଣରୁ ଆମର ଶୁଣିବା ଶକ୍ତି କମିଥାଏ। ଏହାର ବିଭିନ୍ନ ପ୍ରକାର ମଧ୍ୟ ରହିଛି। ତେବେ ଏହାର କିଛି ଲକ୍ଷଣ ରହିଛି ଯାହାକୁ ଚିହ୍ନଟ କରି ଚିକିତ୍ସା କରାଇପାରିଲେ ଆମେ ଏହି ସମସ୍ୟାରୁ ମୁକ୍ତି ପାଇପାରିବା। ତେଣୁ ଯଦି କୌଣସି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।




ଯେତେବେଳେ ବ୍ୟାଗଗ୍ରାଉଣ୍ଡ ମ୍ୟୁଜିକ ଅଧିକ ରହିଛି ସେତେବେଳେ ଶୁଣିବାରେ ଅସୁବିଧା ହେବା। ବିଶେଷଭାବେ ସ୍ତ୍ରୀ କିମ୍ବା ପୁରୁଷ ପିଲାମାନଙ୍କର କଥା ଶୁଣି ବୁଝିବାରେ ଅସୁବିଧା ହେବା, ସନ୍ତୁଳନରେ ଅସୁବିଧା। ଅତ୍ୟଧିକ ପିଚର ଶବ୍ଦ ଶୁଣିବାରେ ଅସୁବିଧା ହେବା, ବେଳେ ବେଳେ ଶୁଣିପାରୁ ହେଲେ କଣ କୁହାଯାଉଛି ବୁଝି ପାରିନଥାଉ। ସେହିପରି ଏକାଦିକ୍ରମେ ସଂଗୀତ ଶୁଣିବା ଅବଧିକୁ କମାଇବା ସହ ଶ୍ରବଣ ବିଶୃଙ୍ଖଳାର ସାମାନ୍ୟତମ କୌଣସି ସମସ୍ୟା ବା ଲକ୍ଷଣ ଦେଖାଦେଲେ ଆପଣ ତୁରନ୍ତ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଘା ଘା ଧରି ହିୟରିଂ କଡ଼ର ଅଯଥା ବ୍ୟବହାରରୁ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। ସେହିପରି କେହି କେହି ବିଚାର କରନ୍ତି ଯେ କମ ଶୁଣିବା ମଧ୍ୟ ଭଲ ଅଭ୍ୟାସ କିନ୍ତୁ ଏହା ମଧ୍ୟ ଠିକ ନୁହେଁ। ଆପଣଙ୍କ ଖାନ ଶୁଣିବାର ଏକ ନିର୍ଦ୍ଦିଷ୍ଟ କ୍ଷମତା ଅଛି । ଏହାକୁ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶରେ ମାପକରି ସେହି ଅନୁଯାୟୀ ଶୁଣିବାର କ୍ଷମତା ରଖନ୍ତୁ। କେତେକଙ୍କ କ୍ଷେତ୍ରରେ କର୍ଣ୍ଣପଟ୍ଟଳ କୌଣସି ଦୁର୍ଘଟଣା ବଶତଃ ଆଘାତ ପ୍ରାପ୍ତ ହୋଇଥିଲେ, କୌଣସି ଔଷଧର ପରିପାର୍ଶ୍ୱିକ ପ୍ରତିକ୍ରିୟା ଏପରିକି ନିଶାଦ୍ରବ୍ୟର କାରଣ ପାଇଁ ମଧ୍ୟ ଏହି ସମସ୍ୟା ଅନ୍ୟତମ କାରକ ଭାବେ ଗ୍ରହଣ କରାଯାଏ। ପିଲାମାନଙ୍କୁ ଛୋଟବେଳୁ ଏ ଅଭ୍ୟାସରୁ କମ କିପରି କରାଯାଇପାରିବ ସେ ଶିକ୍ଷା ଦିଅନ୍ତୁ। ଏହାସହ ନିୟମିତ ଭାବେ ବାକ୍ ଶ୍ରବଣ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ଏବଂ କୌଣସି ଶ୍ରବଣ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ମନଇଛା ପେନକ୍ଲିଅର ବା ଇୟର ଡ୍ରପ ବ୍ୟବହାର କରନ୍ତୁ ନାହିଁ। ଆପଣଙ୍କ ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ପନିପରିବାକୁ ଗୁରୁତ୍ୱ ଦିଅନ୍ତୁ। ଗାଡ଼ି ଚାଳନା ବେଳେ ବା ରାତିରେ ଶୋଇବା ବେଳେ ଏପରିକି ପ୍ରାତଃ ଭ୍ରମଣ ହେଉ ବା ଯୋଗପ୍ରାଣାୟମ ସେ ସମୟରେ କାନରେ ହିୟରିଂ କଡ଼ ବ୍ୟବହାର କରିବା ଅଭ୍ୟାସ ପରିତ୍ୟାଗ କରନ୍ତୁ। କେତେକ ଅଛନ୍ତି କାନରେ ମଇଳା ଜମିଛି ଭାବି ମନଇଛା ଅନାବଶ୍ୟକ ଏଣୁତେଣୁ କାଠି ପୁରାଇ କର୍ଣ୍ଣ ଗହ୍ୱରକୁ ପରିଷ୍କାର କରିବାକୁ ଅପଚେଷ୍ଟା କରିଥାନ୍ତି। ଏହା କେବଳ ମାରାତ୍ମକ ନୁହେଁ ବରଂ ଘାତକ ମଧ୍ୟ। ଦେଶୀୟ ବା ତୁତୁକା ତୁଟୁକି ପ୍ରାଚୀନ ବ୍ୟବସ୍ଥାର କୌଣସି ତେଲ କାନ ସଫା ପାଇଁ ଆଦୌ ପକାନ୍ତୁ ନାହିଁ। ନିଜ ଶରୀରକୁ କେବଳ ନୁହେଁ କାନ ଯେ ଆପଣଙ୍କର ଶରୀରର ଗୁରୁତ୍ୱପୂର୍ଣ୍ଣ ଅଂଶ ଏହାକୁ ଆଦୌ ଭୁଲନ୍ତୁ ନାହିଁ। କାନ ସମ୍ବନ୍ଧୀୟ ପରାମର୍ଶ ନେଇ ଆଲୋଚନା କଲାବେଳେ ଡିଜେ ସଂଗୀତ ଏକ ମାରାତ୍ମକ ପ୍ରସଙ୍ଗ। ଅନେକ ଏହାକୁ ଅଣଦେଖା କରିଥାନ୍ତି। ଯଥା ସମ୍ଭବ ଡିଜେ ବ୍ୟବହାର ହେଉଥିବା ସ୍ଥାନ ଠାରୁ ନିଜକୁ ଦୂରେଇବା ପାଇଁ ଚେଷ୍ଟା କରନ୍ତୁ। କାନରେ ପାଣି ପଶିଗଲେ କିମ୍ବା ଏବେ ଯେହେତୁ ବର୍ଷାଦିନ ବ୍ୟବହାରିକ ସାଧାରଣ ଜୀବନରେ ବର୍ଷାରେ ଭିଜିବା ସମୟରେ କାନ ଭିତରକୁ ପାଣି ଚାଲି





ଯାଉଥିଲେ ଏ ଦିଗକୁ ଅଣଦେଖା କରନ୍ତୁନାହିଁ। ପରିଷ୍କାର ବିଶୋଧିତ ତୁଳା ଦ୍ୱାରା କାନ ସଫା କରନ୍ତୁ। ପାଣିରେ ବୁଡ଼ି ସ୍ନାନ କରିବା ଅଭ୍ୟାସ ଥିଲେ ଏଥିରୁ ନିବୃ ରହିବା ଖୁବ ଭଲ। ଅନେକ ହୁଏତ ଜାଣିନଥାନ୍ତି କାନ ସହିତ ସ୍ନାୟୁଗତ ଭାବେ ମସ୍ତିଷ୍କର ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଓ ସମ୍ପର୍କ ରହିଛି। ତେଣୁ ଅନେକ କ୍ଷେତ୍ରରେ ଏହା ସ୍ନାୟୁ ମସ୍ତିଷ୍କଜନିତ ସମସ୍ୟାକୁ ବିଗାଡ଼ି ଦେଇଥାଏ। ଶ୍ରୁତିମଧୁର ସଂଗୀତ ଜୀବନର ଆନନ୍ଦ ମହୌଷଧି। ଏହା ଯଦି ଦୁଃଖଦ ହୋଇ ଆପଣଙ୍କ ଶ୍ରବଣ ଶକ୍ତିକୁ ସବୁଦିନ ପାଇଁ ବନ୍ଦ କରିଦିଚଏ ତାହାହେଲେ ଟିକେ ଚିନ୍ତା କରନ୍ତୁ ଆପଣଙ୍କ ଜୀବନଟି କିପରି ଏକ ଅସଜଡ଼ା ହେବନାହିଁ ବରଂ ଆପଣଙ୍କ ଆଖପାଖ ପରିବେଶ, ସମୟ ଆଉ ସମସ୍ତଙ୍କୁ ଶୁଣିବାର ଅନୁଭବକୁ ହରାଇ ବସିବେ।


**ନାରାୟଣ ଚନ୍ଦ୍ର ବିଶ୍ୱାଳ**
ମୋ. ୯୪୩୮୨୭୬୭୬୦


# ପାଟକୁରା ଗାନ୍ଧୀ ରାଜକିଶୋର ନାୟକ



ଗାନ୍ଧିବାଦୀ ରାଜକିଶୋର ନାୟକ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ଓ ଶିକ୍ଷକ। ତାଙ୍କ ସରଳ ନିରାଡ଼ମ୍ବର ଜୀବନ କେବଳ ପୀଡ଼ିତଙ୍କ ଲାଗି ଉତ୍ସର୍ଗ ଥିଲା। ନିଃସ୍ୱାର୍ଥପର ଏହି ଜନସେବକ ପାଟକୁରା ଗାନ୍ଧୀ ଭାବେ ପରିଚିତ। କେନ୍ଦ୍ରାପଡ଼ାର ପାଟକୁରା ସ୍ଥିତ ଅରିଲୋ। ଗ୍ରାମରେ ଜନ୍ମିତ ରାଜକିଶୋର ୧୯୭୦ରେ ପାଟକୁରା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ। ବନ୍ୟା–ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟରେ ପୀଡ଼ିତଙ୍କ ଉଦ୍ଧାର ଲାଗି ସେ ଦେବଦୂତ ସାଜୁଥିଲେ। ରାଜନୀତି ପ୍ରତି ମଧ୍ୟ ତାଙ୍କର ଆଗ୍ରହ ଥିଲା। ପାଟକୁରାରୁ ଦୁଇ ଦୁଇଥର ବିଧାନସଭା ନିର୍ବାଚନ ଜିତି ଅନେକ ଜନମଙ୍ଗଳ କାର୍ଯ୍ୟ ସେ କରିଥିଲେ। ୧୯୭୭ ଓ ୧୯୯୩ରେ ଦୁଇଥର ଓଡ଼ିଶା ଖଦି ଓ ଗ୍ରାମଦ୍ୟୋଗ ବୋର୍ଡ଼ର ସେ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିଷୟରେ ଏକ ଉଲ୍ଲେଖଯୋଗ୍ୟ କଥା ହେଉଛି, ଉତ୍କଳ କଂଗ୍ରେସର ସଭାପତି ବିଜୁବାବୁ ନିର୍ବାଚନ ଲଢ଼ିବା ଲାଗି ଖର୍ଚ୍ଚ ବାବଦକୁ ଯାହା ଅର୍ଥ ପ୍ରଦାନ କରିଥିଲେ, ତନ୍ମଧ୍ୟରୁ ରାଜକିଶୋର ଅଧା ଖର୍ଚ୍ଚ କରି ବାକି ଫେରାଇ ଦେଇଥିଲେ। ଏଥିରୁ ତାଙ୍କ ସଚ୍ଚୋଟତା ସ୍ପଷ୍ଟ ଅନୁମେୟ। ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏହା ଏକ ବିରଳ ଘଟଣା।

ରାଜନୀତିରୁ ଅବସର ପରେ ଗୋସେବାରେ ସେ ସମୟ ବିତାଉଥିଲେ। ସ୍ୱାସ୍ଥ୍ୟବସ୍ଥା ଖରାପ ଥିଲେ ବି ସେ ଭାଙ୍ଗି ପଡ଼ିନଥିଲେ। ଶେଷ ପର୍ଯ୍ୟନ୍ତ ଅସୁରେଶ୍ୱର ସ୍ଥିତି ଗୋଶାଳର ଦେଖାଶୁଣା କରିଥିଲେ। ଦୀର୍ଘ ଦିନର ଅସୁସ୍ଥତା ପରେ ୨୦୧୦ ଜାନୁଆରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା। ସମସାମୟିକ ଓଡ଼ିଶା ରାଜନୀତିରେ ତାଙ୍କ ପରି ଜଣେ ନିର୍ବିବାଦୀୟ, ଗାନ୍ଧୀବାଦୀ, ସାଧୁତା ଓ ସଚ୍ଚୋଟତା, ରାଜନୀତିକୁ ସେବା ଭାବୁଥିବା ନେତୃତ୍ୱ ଅତ୍ୟନ୍ତ ବିରଳ। ଓଡ଼ିଶାବାସୀ ତାଙ୍କୁ ଚିରକାଳ ମନେ ରଖିବେ। ସବୁଠାରୁ ଉଲ୍ଲେଖନୀୟ କଥା ହେଉଛି ପାଟକୁରା ଗାନ୍ଧୀ ଭାବେ ପରିଚିତ ଏହି ବ୍ୟକ୍ତିତ୍ୱଙ୍କ ସୁଯୋଗ୍ୟ ଦାୟଦ ଯିଏକି ତାଙ୍କ ପିତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଛି ସେ ହେଉଛନ୍ତି ଆଜିର ବିଜେଡ଼ି ଦଳର ଅନ୍ୟତମ ମାର୍ଗ ପୁରୋଧା, ଯୁବନେତୃତ୍ୱର ଅଧିକାରୀ ତଥା ନବୀନ ବାବୁଙ୍କ ଅତ୍ୟନ୍ତ ଅନୁଗତ ଓ ବିଶ୍ୱସ୍ତ ତାଙ୍କ ପୁତ୍ର ଅତନୁ ସବ୍ୟସାଚୀ ନାୟକ। ଏହି ଲେଖକ ତାଙ୍କର ସାନ୍ନିଧ ଓ ବ୍ୟକ୍ତିଗତ ସ୍ନେହ ଭଲପାଇବା ଯାହା ପାଇଛି ତାହା ଚିରସ୍ମରଣୀୟ ହୋଇ ରହିବ। ଆସନ୍ତୁ ଆଜିପରି ସ୍ମରଣୀୟ ଦିନରେ ଏପରି ଦିନରେ ଜଣେ ସ୍ମରଣୀୟ ଓ କିମ୍ବଦନ୍ତୀ ମହାନାୟକ ସଂଗ୍ରାମୀ ରାଜନେତାଙ୍କୁ ସ୍ମରଣ କରିବା। ତାଙ୍କ ଅବିସ୍ମରଣରେ କେବଳ କେନ୍ଦ୍ରାପଡ଼ା ନୁହେଁ ଓଡ଼ିଶା ପ୍ରଗତି କରୁ ଏହା ହିଁ ହେବ ତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି।

୧୯୨୫ ମସିହା କାର୍ତ୍ତିକ ପୂର୍ଣ୍ଣିମା ଦିନ ପାଟକୁରାଥାନା ଅନ୍ତର୍ଗତ ଅରିଲୋ। ଗ୍ରାମରେ ଜନ୍ମଗ୍ରହଣ କରିଥିବା ଏହି ତ୍ୟାଗପୂତ ମହାପୁରୁଷ, ପୂର୍ଣ୍ଣ ପ୍ରାଣରେ ଗରିବ ମଣିଷଙ୍କ ସେବା ସହ ପଶୁ, ପକ୍ଷୀଙ୍କ ସେବାରେ ବି ଊଣା କରିନାହାନ୍ତି, ଅସୁରେଶ୍ୱର ଗୋରକ୍ଷଣୀ ପ୍ରତିଷ୍ଠା କରି ପରିତ୍ୟକ୍ତ ଗାଈ ବଳଦମାନଙ୍କୁ ରଖି ତାଙ୍କର ସେବା କରୁଥିଲେ । ସେବାର ସେ ଥିଲେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଉଚ୍ଚାରଣ ଓ ଆଚରଣରେ ଅଭିନ୍ନ କର୍ମଯୋଗୀ, କ୍ରାନ୍ତିକାରୀ କର୍ମବୀର, ଗୁରୁପ୍ରାଣ ଯୋଗୀ, ଗାନ୍ଧୀଯୁଗର ଶେଷ ସନ୍ଥ, ଭବିଷ୍ୟ ଦ୍ରଷ୍ଟା, ସ୍ଥିତପ୍ରଜ୍ଞ ମାନବବାଦୀ, ଦୟା, ପ୍ରେମ ଓ କରୁଣାର ଶୁଦ୍ଧପୂତ ମଣିଷ ରାଜକିଶୋର ନାୟକଙ୍କ ଜୀବନ ଦର୍ଶନ ଆଜିର ସମସ୍ତ ରାଜନେତାମାନଙ୍କ ପାଇଁ ପ୍ରେରଣାର ଉତ୍ସ। ଏହି ମହାନ୍ ଜନନାୟକ ୨୦୧୦ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ ।


**ଇନ୍ଦୁ ଭୂଷଣ ଭୂୟାଁ**
ମୋ. ୭୪୮୮୯୯୮୫୩୨

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୪ ଜାନୁଆରୀ ୨୦୨୬ । ରବିବାର

# ଓଏଲଏମ୍‌ରେ ଦୁର୍ନୀତି ଓ ଅନିୟମିତତା

**ଗୋପ,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାର ମହିଳା ସଶକ୍ତିକରଣ ଓ ଜୀବିକା ମିଶନ (ଓଏଲଏମ୍)ରେ ଦୁର୍ନୀତି ଓ ଅନିୟମିତତାକୁ ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ପୁରୀ ଜିଲ୍ଲାର ଗୋପ ବ୍ଲକରେ କେତେକ କର୍ମଚାରୀ ୫ରୁ ଅଧିକ ଆଉ କେତେକ ତ ୧୦ ବର୍ଷରୁ ଅଧିକ ସମୟ ଧରି ଏକେ ସ୍ଥାନରେ କାର୍ଯ୍ୟରତ ରହିଥିବା ସତ୍ତ୍ୱେ ସରକାରୀ ସ୍ଥାନାନ୍ତର ନୀତିକୁ ଖୋଲାମେଲା ଭାବେ ଉଲ୍ଲଘଂନ କରାଯାଉଛି । କିଛି ମହିଳା ସଂଗଠନ ଦ୍ୱାରା ଦାଖଲ ହୋଇଥିବା ଲେଖିତ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ସରକାରଙ୍କ ନୀତି ଅନୁଯାୟୀ କୌଣସି କର୍ମଚାରୀ ଏକ ସ୍ଥାନରେ ସର୍ବାଧିକ ୪ ବର୍ଷ ରହିପାରିବେ । କିନ୍ତୁ ଗୋପ୍ ବ୍ଲକରେ ଏହି ନୀତି ପୂରାପୂରି ଅଣଦେଖା କରାଯାଇଛି । ଅଭିଯୋଗ ଅନୁଯାୟୀ ଚିନ୍ମୟ କୋଠାରୀ (୨୯.୭.୨୦୧୫ ଠାରୁ), ମଞ୍ଜୁଲତା ପ୍ରଧାନ (୧୮.୮.୨୦୧୮ ଠାରୁ), ରୁବିଲତା ଓଝା ଓ ପ୍ରଭାତୀ ପଟ୍ଟନାୟକ (୧୮.୨.୨୦୧୦ ଠାରୁ), ଯୋଷ୍ନାରାଣୀ ପ୍ରଧାନ (୫.୨.୨୦୧୮ ଠାରୁ) ଦୀର୍ଘ ସମୟ ଧରି ଗୋପ ବ୍ଲକରେ କାର୍ଯ୍ୟରତ ରହିଛନ୍ତି, ଯାହା ସରକାରୀ ସ୍ଥାନାନ୍ତର ନୀତିର ସ୍ପଷ୍ଟ ଉଲ୍ଲଘଂନ।

ସ୍ଥାନୀୟ ସାମାଜିକ କର୍ମୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମହଲରୁ ବାରମ୍ବାର ଅଭିଯୋଗ ଆସୁଛି ଯେ, ଏହି ଦୀର୍ଘକାଳୀନ ଏଠାରେ ରହିବା ଫଳରେ ଏସ୍‌ଏଚ୍‌ଜି, ଗ୍ରାମ୍ୟ ପଞ୍ଚାୟତ ଲେଭେଲ୍ ଫେଡାରେସନ୍ (ଜିପିଏଲ୍‌ଏଫ୍) ଓ ବ୍ଲକ୍ ଲେଭେଲ୍ ଫେଡାରେସନ୍ (ବିଏଲ୍‌ଏଫ୍)ରେ ପକ୍ଷପାତିତା, ଅନିୟମିତତା, ଆର୍ଥିକ ଦୁର୍ନୀତି ଓ ଅଧିକାରର ଦୁର୍ବ୍ୟବହାର ବଢ଼ିଛି । ଗତ କିଛି ଦିନ ପୂର୍ବରୁ କୋଣାର୍କ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ପଞ୍ଚାୟତରୁ ମହିଳାଙ୍କୁ ଡାକି ଟିଫିନ ପାଇଁ ୭୫ ହଜାର ଟଙ୍କାର ଘୋଟାଲା ହୋଇଥିବା ନେଇ ଚର୍ଚ୍ଚା ହେଉଛି । ଗୋପରେ ଥିବା କାର୍ଯ୍ୟାଳୟକୁ ନିଜସ୍ୱ ଘର ଭାବେ ବ୍ୟବହାର କରୁଛନ୍ତି ଦାୟିତ୍ୱରେ କର୍ମଚାରୀମାନେ ଯଥା:- କାର୍ଯ୍ୟାଳୟରେ ରୋଷାଇ କରି ଖାଇବା ସହିତ ନିରାପଦରେ ଓ ନିଘୋଡ ନିଦରେ ଶୋଉଚ୍ନ୍ତି । କାରଣ ଉକ୍ତ ସ୍ଥାନରେ ଦୀର୍ଘ ବର୍ଷଧରି ନିଜର ଆଧିପତ୍ୟ ବିସ୍ତାର ଯେହେତୁ କରିସାରିଛନ୍ତି ।

ଏହା ମହିଳା ସଶକ୍ତିକରଣ ଓ ଜୀବିକା ମିଶନର ମୂଳ ଉଦ୍ଦେଶ୍ୟକୁ ଗୁରୁତର ଭାବେ କ୍ଷତିଗ୍ରସ୍ତ କରିଛି । ମାର୍ଚ୍ଚ ୨୦୨୫ର ଉପସ୍ଥିତି ଓ କାର୍ଯ୍ୟ ବିବରଣୀ ମଧ୍ୟ ଏହି ଅନିୟମିତତାକୁ ସ୍ପଷ୍ଟ କରୁଛି । ତଥାପି, ସରକାରଙ୍କ ପକ୍ଷରୁ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ନ ହେବା ଗଭୀର ପ୍ରଶ୍ନ ଉଠାଉଛି, କାହିଁକି ଏହି କର୍ମଚାରୀମାନଙ୍କୁ ଅନ୍ୟ ବ୍ଲକକୁ ବଦଳାଯାଉନାହିଁ? କ'ଣ ଏହା ପଛରେ କୌଣସି ବିଶେଷ ଗୋଷ୍ଠୀର ଅନୁଗ୍ରହ କାର୍ଯ୍ୟ କରୁଛି କି? ଏମିତି ନାନାଦି କଥା ଚର୍ଚ୍ଚା ହେଉଛି ।

ଏହାର ବିପରୀତ ଦୃଷ୍ଟାନ୍ତ ଭାବେ, ଅନ୍ୟ ଜିଲ୍ଲାର ବ୍ଲକରେ କାର୍ଯ୍ୟରତ ବିପିଏମ୍ ୧୨ ବର୍ଷରୁ ଅଧିକ ସମୟ ଧରି ଦୂରସ୍ଥାନରେ ସେବା ଦେଇଆସୁଥିବା ସତ୍ତ୍ୱେ ବ୍ୟକ୍ତିଗତ ଓ ପାରିବାରିକ କାରଣ ଦର୍ଶାୟୀ ରଖି ପୁରୀ ଜିଲ୍ଲାର ଗୋପ, ଅସ୍ତରଙ୍ଗ କିମ୍ବା ପିପିଲି ବ୍ଲକକୁ ସ୍ଥାନାନ୍ତର ପାଇଁ ଆବେଦନ କରୁଥିବା ସତ୍ତ୍ୱେ, ସେମାନଙ୍କ ଆବେଦନକୁ ଆଗ୍ରହ୍ୟ କରାଯାଉଛି । କିନ୍ତୁ ଦୁର୍ନୀତି ଅଭିଯୁକ୍ତ କର୍ମଚାରୀମାନେ ଏକ ସ୍ଥାନରେ ରହିବା ସରକାରୀ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି ।

ବିଦ୍ଧିଜୀବୀଙ୍କ ଦାବି ଯେ, ଗୋପ ବ୍ଲକରୁ ତୁରନ୍ତ ଏହି କର୍ମଚାରୀମାନଙ୍କୁ ଅନ୍ୟତ୍ରକୁ ସ୍ଥାନାନ୍ତର କରାଯାଇ, ନୂତନ କର୍ମଚାରୀଙ୍କୁ ନିଯୁକ୍ତି କରାବା ସହିତ ସମସ୍ତ ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ । ମହିଳା ସଶକ୍ତିକରଣ ଭଳି ଗୁରୁତ୍ୱପୂର୍ଣ୍ଣ ମିଶନରେ ଏପରି ଅନିୟମିତତା କାର୍ଯ୍ୟରେ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷଙ୍କୁ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ସାଧାରଣରେ ଦାବି ।

## ଗଳାକାଟି ଯୁବକଙ୍କୁ ହତ୍ୟା

**ମଥୁରାନଗରୀ,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବରେ ବରଗଡ଼ ସହର ଉତ୍ସବମୁଖର ହୋଇ ପଡିଥିବାବେଳେ ଶୁକ୍ରବାର ବିଳମ୍ବିତ ରାତିରେ ନିକଟସ୍ଥ ଘୁଲିପାଲିରେ ଜଣେ ଯୁବକଙ୍କୁ ଗଳାକାଟି ହତ୍ୟା କରାଯାଇଛି । ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ମୃତକ ଜଣକ ସ୍ଥାନୀୟ ବାନ୍ଦୁଟିକ୍ରା ନିବାସୀ ଚନ୍ଦନ ରାଉତ ବୋଲି ଜଣାପଡିଛି । ମୃତକଙ୍କ ଶରୀର ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକେ ଶନିବାର ସକାଳୁ ଦେଖିବାକୁ ପାଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତନାଘନା ଚଳାଇଛି ।

## ଜାତୀୟ ବିପର୍ଯ୍ୟୟ ସଦସ୍ୟାଙ୍କ ସାତଭାୟା ଗସ୍ତ

**ରାଜନଗର,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ତାପନ ଜଳବାୟୁର ଅହେତୁକ ପରିବର୍ତ୍ତନ ଫଳରେ ସମୁଦ୍ରର ଗତିପଥ ପରିବର୍ତ୍ତନ ଓ ତଟକ୍ଷୟ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲା ବଙ୍ଗୋପସାଗର ତଟବର୍ତ୍ତୀ ସାତଭାୟାବାସୀ ପୁରୁଷ ପୁରୁଷର ଭିଟାମାଟି ହରାଇଛନ୍ତି । ୨୦୧୮ ମସିହାଠାରୁ ସାତଭାୟାବାସୀ ବଗପାଟିଆ ଥଇଥାନସ୍ଥଳୀଠାରେ ବସବାସ କରୁଛନ୍ତି । ଜଳବାୟୁର ବିବର୍ତ୍ତନ ଫଳରେ ଭାରତବର୍ଷର ପ୍ରଥମ ଜନବସତି ସାତଭାୟା ବଙ୍ଗୋପସାଗରରେ ଲୀନ ହେଲା । ସାତଭାୟାବାସୀଙ୍କ ନୂଆ ଠିକଣା ବଗପାଟିଆ ଥଇଥାନସ୍ଥଳୀରେ ସେମାନଙ୍କର ନୂଆ ଜୀବନ ଜୀବିକା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବା ପାଇଁ ଜାତୀୟ ବିପର୍ଯ୍ୟୟ (ଏନଡିଏମଏ) କର୍ତ୍ତୃପକ୍ଷଙ୍କ ସଦସ୍ୟା ରୀତା ମିଶାଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୁରୁଣା ସାତଭାୟା ସମୁଦ୍ର କୂଳରେ ପହଞ୍ଚିଥିଲେ । ସେଠାରେ ସମୁଦ୍ରର ତଟକ୍ଷୟର ବିଭୀଷିକାକୁ ଅନୁଧ୍ୟାନ କରିଥିଲେ । ପରେ ବିସ୍ଥାପିତ ବଗପାଟିଆ ଥଇଥାନସ୍ଥଳୀରେ ପହଞ୍ଚିଥିଲେ । ସ୍ଥାନୀୟ ବହୁମୂଖୀ ବାତ୍ୟାଶ୍ରୟସ୍ଥଳୀରେ ସ୍ଥାନୀୟ ଲୋକମାନଙ୍କ ସହିତ ଭାବ ବିନିମୟ କରିଥିଲେ । ଝଡର ପୂର୍ବ ଓ ପର ସମୟର କରୁଣା ଚିତ୍ରକୁ ଲୋକମାନେ ଉପସ୍ଥାପନ କରିଥିଲେ । ସଦସ୍ୟା ଶ୍ରୀମତୀ ମିଶାଲ ବହୁମୁଖୀ ବାତ୍ୟାଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ପରିଚାଳନା କମିଟି, ସ୍ୱୟଂ ସହାୟକ ମହିଳାମାନଙ୍କ ସହିତ ଆଲୋଚନା କରିଥିଲେ । ତାଙ୍କ ସହିତ କେନ୍ଦ୍ରାପଡା ଏଡିଏମ ନବକୃଷ୍ଣ ଜେନା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଅମୀୟ କେତନ ସ୍ୱାଇଁ, ଓସଡମାର ଜେନେରାଲ ମ୍ୟାନେଜର ବେବିତା ମଞ୍ଜରୀ ନାୟକ, ବିଡିଓ ତିଲୋତ୍ତମା ପୃଷ୍ଟି, ସରଂପଚ ପ୍ରସନ୍ନକୁମାର ପରିଡା, ଓସଡମା ଅଧିକାରୀ ଅଜୟକୁମାର ମହାନ୍ତି, ଫରେଷ୍ଟର ରଂଜନକୁମାର ପାଣି, ନେଚର୍ସକ୍ଲବର ବିରଜା ପ୍ରସାଦ ପତିଙ୍କ ସହ କରୁଣାକର ସ୍ୱାଇଁ, ସୁଦର୍ଶନ ରାଉତ ପ୍ରମୁଖ ଯୋଗଦେଇଥିଲେ ।

## ପ୍ରାଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପଞ୍ଚାୟତର କଷୋଟି ଗ୍ରାମରେ ଅବସ୍ଥାନ କରୁଥିବା ମାର୍ଶାଘାଇ ବ୍ଲକ ଅଧିନ ଜମପଡା ଗ୍ରାମରେ ଜନ୍ମିତ ସୁଭଦ୍ରା ମହତାବ ମହାବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପରିଡାଙ୍କୁ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷା ଡ. ସୁପ୍ରଭା ପରିଡାଙ୍କ ପୌରହିତ୍ୟରେ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପ୍ରାକ୍ତନ ଅଧକ୍ଷ ଡ. ଦିଲ୍ଲିପ କୁମାର ମିଶ୍ର, ଶିକ୍ଷକ କର୍ମଚାରୀ ସଂଘ ସଭାପତି ପ୍ରତାପ କୁମାର ସାହୁ, ସମ୍ପାଦକ ମନମୋହନ ଖଟୁଆ, ପ୍ରାଧ୍ୟାପକ ବିରଞ୍ଚି ନାରାୟଣ ପଣ୍ଡା, ପ୍ରାଧ୍ୟାପକ ପଦାରବିନ୍ଦ ବିଶ୍ୱାଳ, ପ୍ରାଧ୍ୟାପକ ସୁଶାନ୍ତ କୁମାର ନାୟକ, କର୍ମଚାରୀ ଅଭିରାମ ନାୟକ, ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇ ପ୍ରାଧ୍ୟାପକ ଡ. ପରିଡାଙ୍କ ପ୍ରତିଭା, ନିଷ୍ଠା, କର୍ତ୍ତବ୍ୟ ପରାୟଣତା ଓ କଲେଜ ପ୍ରତି ଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖି ତାଙ୍କର ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ଅବସରରେ ପ୍ରାଧ୍ୟାପକ ଡ. ପରିଡାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ସମେତ ବିଭିନ୍ନ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରଜନୀକାନ୍ତ ପଣ୍ଡା, ଡ. କବିତା ଷଡଙ୍ଗୀ, ସୁଧିର କୁମାର ଦାସ, ଅନସୂୟା ରାଉତରାୟ, ଅଧ୍ୟାପକ ଅନମୋଲ, ମନୋଜ କୁମାର ରାଉତ, ଜ୍ୟୋତିପ୍ରଭା ସିଂହ, ବିଜୟ କୁମାର ପରିଡା, ରଞ୍ଜନ କୁମାର ସେଠୀ, ଲୋଲୁପ କୁମାର ମହାରଣା, ଅଞ୍ଜିତା ଦାଶ, ସ୍ୱାତୀ ସୁଚରିତା ଓ ବଳରାମ ସ୍ୱାଇଁ ପ୍ରମୁଖ ଡ. ପରିଡାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ସ୍ମୃତିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ସଡ଼କ ସୁରକ୍ଷା ସଚେତନତା



**ଭଦ୍ରକ,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାସ୍ତା ଦୁର୍ଘଟଣା ରୋକଥାମ ଓ ସାଧାରଣ ଜନସାଧାରଣଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉଦେଶ୍ୟରେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସହଯୋଗରେ ଜାତୀୟ ସଡ଼କ ସୁରକ୍ଷା ମାସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ 'ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନ' ବାର୍ତ୍ତାକୁ ଆଗେଇ ନେଇ ଜନସାଧାରଣଙ୍କୁ ଯାନଚାଳନା ସମୟରେ ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର, ମଦପାନ କରି ଗାଡ଼ି ଚାଳନା ନକରିବା, ଗତିସୀମା ମାନିବା ଓ ଟ୍ରାଫିକ୍ ନିୟମ ଅନୁସରଣ କରିବାକୁ ଆହ୍ୱାନ କରାଯାଇଥିଲା । ମୁଖ୍ୟଅତିଥି ରୂପେ ଯୋଗଦେଇ ଜିଲ୍ଲାପାଳ କହିଥିଲେ ଯେ ଦେଶରେ ପ୍ରତିଦିନ ପ୍ରାୟ ୧୪୦୦ଟି ସଡ଼କ ଦୁର୍ଘଟଣା ଘଟୁଥିବା ଗଭୀର ଚିନ୍ତାର ବିଷୟ ।

## ରାଜ୍ୟସ୍ତରୀୟ ନିମାପଡ଼ା କପ୍

**ନିମାପଡ଼ା,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟସ୍ତରୀୟ ୩୦ତମ ନିମାପଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜିଠୁ ଆରମ୍ଭ ହେଉଛି । ବିଗତ ଦିନରେ ଓଡ଼ିଶା କ୍ରିକେଟ ଜଗତରେ ରେକର୍ଡ଼ ସୃଷ୍ଟି କରିଥିବା ନିମାପଡ଼ାର ସୁନାମଧନ୍ୟ ଖେଳାଳି ସ୍ୱର୍ଗତଃ ତାପସ ଦାସଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କ୍ରିକେଟର ମହାକୁମ୍ଭ ୩୦ତମ ନିମାପଡ଼ା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମାପଡ଼ା ଆଥଲେଟିକ ଆସୋସିଏସନ ପକ୍ଷରୁ ଆୟୋଜିତ ହେଉଛି । ଆଜିଠାରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବାରବାଟୀ ପଡିଆ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ପୁରୀ ପାୟନୀୟର ସ୍ପୋର୍ଟିଂ ବନାମ ଭୁବନେଶ୍ୱର ପାରାମାଉଣ୍ଟ ମଧ୍ୟରେ ଖେଳାଯିବ । ସେହିଭଳି ୫ରେ କଟକ ସୋଲାର କ୍ରିକେଟ କ୍ଲବ ବନାମ ପ୍ରଗତି ସ୍ପୋର୍ଟିଂ, ୬ରେ ପ୍ରଥମ ସେମିଫାଇନାଲ, ୭ରେ ଖୋର୍ଦ୍ଧାଜିଲ୍ଲା କ୍ରିକେଟ ସଂଘ ବନାମ ନିମାପଡା ଆଥଲେଟିକ ଆସୋସିଏସନ, ୮ରେ ପାରାଦ୍ୱିପ କ୍ରିକେଟ କ୍ଲବ ବନାମ ରାମେଶ୍ୱର ସ୍ପୋର୍ଟିଂ, ୯ରେ ଦ୍ୱିତୀୟ ସେମିଫାଇନାଲ, ୧୦ରେ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍ ଏବଂ ୧୧ରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ । ସମ୍ପୂର୍ଣ୍ଣ ନକ୍ ଆଉଟ ଭିତ୍ତିକ ଏହି ଟୁର୍ଣ୍ଣାମେଣ୍ଟରେ ନିମାପଡା ସମେତ ରାଜ୍ୟର ୮ଟି କ୍ରିକେଟ ଦଳ ଭାଗ ନେଉଛନ୍ତି । ପ୍ରତେକ ମ୍ୟାଚ୍ ତିରିଶ ଓଭର ବିଶିଷ୍ଟ ହେବା ସହିତ ଖେଳାଳିମାନେ ଧଳା ପୋଷାକ ଓ ନାଲି ବଲରେ ଖେଳିବେ । ଚମ୍ପିୟାନ ଦଳକୁ ଟ୍ରଫି ସହ ୫୦ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରାଯିବ । ଏଥିସହିତ ପ୍ରତ୍ୟେକ ମ୍ୟାଚ୍‌ରେ ମ୍ୟାନ ଅଫ ଦି ମ୍ୟାଚ୍, ଶ୍ରେଷ୍ଠ ବ୍ୟାଟର ଓ ବୋଲରଙ୍କୁ ପୁରସ୍କୃତ କରାଯିବ ।

## ସାଧାରଣତନ୍ତ୍ର ଦିବସ ଲାଗି ପ୍ରସ୍ତୁତି




**ଜଗତସିଂହପୁର,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଆଗାମୀ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର ଭାବେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକର ନିଷ୍ପତ୍ତି ଅନୁଯାୟୀ ଜାନୁୟାରୀ ୨୬ଦିନ ପ୍ରାତଃ ଘ. ୪.୩୦ମିରେ ରାମଧୂନ୍, ପ୍ରଭାତ ଫେରି ସକାଳ ୬ ଘଟିକା, ବିଭିନ୍ନ ଅନୁଷ୍ଠାନମାନଙ୍କରେ ଜାତୀୟ ପତାକା ଉତ୍ତୋଳନ ସକାଳ ୭ ଘଟିକା ଏବଂ ଜିଲ୍ଲାସ୍ତରୀୟ ପତାକା ଉତ୍ତୋଳନ ପୂର୍ବାହ୍ନ ଘ ୮.୩୦ ମି ସମୟରେ ଅନୁଷ୍ଠିତ ହେବ । ପ୍ରତ୍ୟେକ କାର୍ଯ୍ୟାଳୟରେ ନୂତନ ପତାକା ବ୍ୟବହାର କରି ପତାକା ଉତ୍ତୋଳନ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଜାନୁୟାରୀ ୨୧ ଓ ୨୨ ତାରିଖ ଅପରାହ୍ନ ୩ ଘଟିକା ଓ ୨୪ ତାରିଖ ସକାଳ ୮ ଘଟିକା ସମୟରେ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ଅଭ୍ୟାସ ପ୍ୟାରେଡ ଅନୁଷ୍ଠିତ ହେବ । ପ୍ୟାରେଡରେ କେବଳ ଅଷ୍ଟମରୁ ଦଶମ ଓ କଲେଜ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ପ୍ରଥମରୁ ତୃତୀୟ, ୪ର୍ଥରୁ ୫ମ, ୬ଷ୍ଠ ରୁ ୮ମ, ହାଇସ୍କୁଲ ଓ କଲେଜସ୍ତରରେ ବକ୍ତୃତା, ଦେଶାତ୍ମ ବୋଧକ ସଙ୍ଗୀତ ଓ କୁଇଜ୍ ପ୍ରତିଯୋଗିତା ବ୍ଲକ ଓ ପୌର ପରିଷଦ ମଧ୍ୟରେ ୧୭ ତାରିଖ ଓ ଜିଲ୍ଲାସ୍ତରରେ ୨୦ ତାରିଖରେ ଅନୁଷ୍ଠିତ ହେବ । ପ୍ୟାରେଡ ପଡ଼ିଆରେ ଅନୁଷ୍ଠିତ ହେବାକୁଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ବିଦ୍ୟାଳୟ ମଧ୍ୟରେ ପ୍ରତିଯୋଗିତା କରି ୪ଟି ସାଂସ୍କୃତିକ ଦଳକୁ ବାଛିବେ । ସନ୍ଧ୍ୟାରେ ସ୍ଥାନୀୟ ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ସ୍ଥାନୀୟ ଅନୁଷ୍ଠାନମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଆଲୋକ ସଜ୍ଜା କରାଯିବ । ବିଭିନ୍ନ ବିଭାଗ ଓ ପାରାଦ୍ୱୀପର ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ପ୍ରଜ୍ଞାପନ ମେଢ଼ ପ୍ୟାରେଡ୍ ସମୟରେ ପ୍ରଦର୍ଶିତ ହେବ ।

## ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

**ବାରିପଦା,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବାରିପଦା ସହର ଭଞ୍ଜପୁର ଥାନା ଅନ୍ତର୍ଗତ ତକତପୁର ଛକ ନିକଟରେ ଥିବା ରାଜେଶ ମହାପାତ୍ର ଜୁଏଲର୍ସ ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଗହଣା ଚୋରି ହୋଇଥିବାର ସୂଚନା ମିଳିଛି । ଶୁକ୍ରବାର ରାତିରେ ଏହି ଘଟଣା ଘଟିଥିବା ବେଳେ ଶନିବାର ସକାଳୁ ଏହା ସାମ୍ନାକୁ ଆସିଛି । ସୂଚନା ଅନୁସାରେ, ଚୋରମାନେ ପ୍ରଥମେ ଦୋକାନର ସିସିଟିଭି କ୍ୟାମେରା ଉପରେ ବ୍ଲାକ୍ ସ୍ପ୍ରେ କରି ଦୃଶ୍ୟ ଅସ୍ପଷ୍ଟ କରିଥିଲେ । ପରେ ଗ୍ୟାସ୍ କଟର୍ ମାଧ୍ୟମରେ ତାଲା ଓ ଗ୍ରିଲ କାଟି ଦୋକାନ ଭିତରକୁ ପଶି ଲୋକର ଭାଙ୍ଗି ସୁନା-ରୁପା ଗହଣା ନେଇଯାଇଥିଲେ । ଚୋରମାନେ ସିସିଟିଭିର ହାର୍ଡଡିସ୍କକୁ ମଧ୍ୟ ନିଜ ସହିତ ନେଇଯାଇଥିବା କୁହାଯାଉଛି । ଘଟଣାସ୍ଥଳରେ ଭଞ୍ଜପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗହଣା ଦୋକାନର ମାଲିକଙ୍କ ବକ୍ତବ୍ୟ ଅନୁସାରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି । ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ମାମଲା ରୁଜୁ କରିଛି ।

## ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫାଇ



**କଳିଙ୍ଗନଗର,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଶନିବାର ଏକ ବ୍ୟାପକ ସଫାଇ କାର୍ଯ୍ୟକ୍ରମ ସୂଚାରୁ ଭାବେ ଅନୁଷ୍ଠିତ ହୋଇଯାଇଛି । ଏହି ସଫାଇ ଅଭିଯାନ ଦାନଗଦି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଅଧକ୍ଷ ଡାକ୍ତର ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିଲା । ଏଥିରେ ଡାକ୍ତରଖାନା ପରିସର ସହିତ ଚାରିପାଖ ଅଞ୍ଚଳ ଓ ସାଧାରଣ ସ୍ଥାନଗୁଡ଼ିକୁ ସୁନିଯୋଜିତ ଭାବେ ସୁଚିତାର ସହ ପରିଷ୍କାର କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସିମ ଏନଜିଓ ଓ ବୁଧରାଜ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ବହୁ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ଭାବେ ଭାଗ ନେଇଥିଲେ । ସମୂହ ଭାଗୀଦାରୀ ମାଧ୍ୟମରେ ସ୍ୱଚ୍ଛତା ସନ୍ଦେଶକୁ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରସାର କରାଯାଇଥିଲା । ଏହି ଅବସରରେ ଡାକ୍ତର ମହାପାତ୍ର ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ସୁସ୍ଥ ସମାଜ ଓ ସୁସ୍ଥ ଜୀବନ ଶୈଳୀ ପାଇଁ ସ୍ୱଚ୍ଛ ପରିବେଶ ଅତ୍ୟନ୍ତ ଆବଶ୍ୟକ । ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଗଲେ ସାମୂହିକ ସ୍ୱାସ୍ଥ୍ୟ ସୁରକ୍ଷା ସୁଦୃଢ଼ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ସ୍ୱଚ୍ଛ ଭାରତ ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପ୍ରୟାଗଜିତ୍ ରାଉତ ରାୟ, ପ୍ରସନ୍ନ କୁମାର ପଣ୍ଡା (ଫାର୍ମାସି ଅଧିକାରୀ), ଝରଣା ପ୍ରଧାନ ନର୍ସିଂ ଅଫିସର, ବିକାଶ ମଲ୍ଲିକ ବିପିଏମ ସହିତ ସଫେଇ କର୍ମଚାରୀମାନେ ମଧ୍ୟ ଉଲ୍ଲେଖନୀୟ ଭାବେ ଭାଗ ନେଇଥିଲେ ।

## 'ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଓ ଉପସ୍ଥପନା'




**ଭୁବନେଶ୍ୱର,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ୍ ପଦାଧିକାରୀ କଲ୍ୟାଣ ସମିତି ଓ ୱାଲେଟ୍ ଫର୍ ୱେଲଥ୍ ମିଳିତ ସହଯୋଗରେ ଏକ କର୍ମଶାଳା 'ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଓ ଉପସ୍ଥପନା' ଉପରେ ହୋଟେଲ ପ୍ରାଚୀର ସମ୍ମିଳନୀ ଗୃହରେ ସମିତିର ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଡଃ ସୁରେଶ ଦେବଦତ୍ତ ସିଂ, ପୋଲିସ କମିଶନର, ରାଜେଶ କୁମାର, ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ, ତ୍ରିନାଥ ଲେଙ୍କା, ମ୍ୟାନେଜିଂ ଡାଇରେକ୍ଟର ୱାଲେଟ ଫର୍ ୱେଲଥ୍ ଅତିଥି ଭାବେ ଯୋଗଦାନ କରିଥିଲେ । ସଂଗଠନ ସଂପାଦ ନୀଳମୋହନ ତ୍ରିପାଠୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ସଭାପତି ଶ୍ରୀ ତ୍ରିପାଠୀ ସମସ୍ତଙ୍କୁ କର୍ମଶାଳାକୁ ସ୍ୱାଗତ କରିଥିଲେ । ଅତିଥିମାନେ ଅବସରପ୍ରାପ୍ତ ପୋଲିସ୍ ଅଧିକାରୀମାନଙ୍କର ଏହି ମାସରେ ପଡୁଥିବା ଜନ୍ମ ଓ ବିବାହ ବାର୍ଷିକ ପାଇଁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ । ଏସ୍‌ଏସ୍‌ପି ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ପୋଲିସି ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ପଠାଇଥିବା ଶୁଭେଚ୍ଛା ବାର୍ତ୍ତାକୁ ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ ପଠନ କରିଥିଲେ । ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆଙ୍କୁ ପ୍ରତିନିଧିତ୍ୱ କରୁଥିବା ରାଜେଶ କୁମାର ଅବସରପ୍ରାପ୍ତ ପୋଲିସ୍ କର୍ମଚାରୀଙ୍କ ସମସ୍ୟା ନେଇ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ସର୍ବଦା ସହଯୋଗ କରୁଛନ୍ତି । ପୋଲିସ କମିଶନର ଡଃ ସିଂ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କାର୍ଯ୍ୟରତ ଓ ଅବରପ୍ରାପ୍ତ ପୋଲିସ କର୍ମଚାରୀମାନେ ଏକ ପରିବାର ଓ ବରିଷ୍ଠ ନାଗରିକ ଭାବେ ତାଙ୍କର ଅଭିଜ୍ଞତା ସମାଜ ପାଇଁ ଉଦ୍ଦିଷ୍ଟ । ମୁଖ୍ୟବକ୍ତା ତ୍ରିନାଥ ଲେଙ୍କା ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକଙ୍କର ଅର୍ଥନୈତିକ ସୁରକ୍ଷା, ସାଇବର କ୍ରାଇମ, ଇନକମ୍ ଟ୍ୟାକ୍ସ ଆଦି ଉପରେ ସଚେତନତା ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ ସଂଘ ତରଫରୁ ଉପସଭାପତି ସୁରେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ରାଧାନାଥ ମହାପାତ୍ର, କ୍ରୀଡ଼ା ସଂପାଦକ ସୁବେଶ କୁମାର ସାମଲ, ରବିନ୍ଦ୍ର କୁମାର ମହାପାତ୍ର, ବିମଳ କୁମାର ମହାନ୍ତି, ଗୁରୁଚରଣ ମହାନ୍ତି, ଲକ୍ଷ୍ମଣ କୁମାର ବେହେରା, ହରିଶ୍ଚନ୍ଦ୍ର ସେଠି, ନିତ୍ୟାନନ୍ଦ ନାୟକ ଏବଂ ୱାଲେଟ୍ ଫର୍ ୱେଲଥ୍ ତରଫରୁ ଦୀପ ସାଗର ନାୟକ, ରାଜେନ୍ଦ୍ର ନାୟକ, ସୌମ୍ୟରନ ରାଉତ, ଜିତେନ କର ଆଦି ସହଯୋଗ କରିଥିଲେ ବୋଲି ସଂଗଠନ ସଂପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି ।

## ଭାଷା ସାହିତ୍ୟର ବିକାଶ ପାଇଁ ଲେଖକ ଲେଖିକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




**ଭୁବନେଶ୍ୱର,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭାଷା ସାହିତ୍ୟର ବିକାଶ ପାଇଁ ଲେଖକ ଲେଖିକାମାନଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ ଅଟେ ବୋଲି ପୂଜ୍ୟ ପୂଜା ଓଡ଼ିଶା ପକ୍ଷରୁ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ବିଶିଷ୍ଟ ଲେଖକ ତଥା ଶିକ୍ଷାବିତ ଅନ୍ନଦା ପ୍ରସାଦ ରକ୍ଷିତଙ୍କ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ବିଶିଷ୍ଟ ଚିକିତ୍ସକ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ମତବ୍ୟକ୍ତ କରିଥିଲେ । ବିରଜା ପ୍ରସାଦ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଇଂ ଗଣେଶ ଚନ୍ଦ୍ର ପଣ୍ଡା, ଇଂ ସୁବାସ ଚନ୍ଦ୍ର ସାହୁ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ସୁରେଶ ଚନ୍ଦ୍ର ମହାନ୍ତି, ଶ୍ରୀବାସ ପ୍ରସ । ଦମହାପାତ୍ର ସତ୍ୟନାରାୟଣ ଆଚାର୍ଯ୍ୟ, ଅଶୋକ କୁମାର ଦାଶ ଅଶ୍ୱିନୀ ପଟ୍ଟନାୟକ, ପ୍ରବୋଧ କୁମାର ମହାନ୍ତ, ଦେବ କୁମାର କୁଣ୍ଡୁ, ପ୍ରତାପ ନାୟକ ଆଦି ରକ୍ଷିତଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅନଦା ବାବୁଙ୍କ ଉପରେ ଆଲୋଚନା କରି ସେ ବହୁମୁଖୀ ଅଧିକାରୀ ଥିଲେ ବୋଲି ପ୍ରତିପାଦିତ କରିଥିଲେ । ରଶ୍ମିତା ରାଉତ ସୁଲଳିତ କଣ୍ଠରେ ଭଜନ ଗାନ କରିଥିଲେ, ତା ରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ତପନ କୁମାର କର ଓ ଲେଖା କରଆୟୋଜନ କରି ପରିଚାଳିତ କରିଥିଲେ ।

## ଦୁଦୁଲି ମଞ୍ଚରେ ସାଂସ୍କୃତିକ ସମାଗମ

**ଝାରସୁଗୁଡ଼ା,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅସତ୍ୟ ଯୁଗରେ ସତ୍ୟର ସନ୍ଧାନ । ପାପର ନାଶରେ ପୂଣ୍ୟର ଆବିଷ୍କାର । ଶାନ୍ତି, ଶକ୍ତି ଓ ଧୈର୍ଯ୍ୟର ପ୍ରତୀକ ପ୍ରଭୁ ମହାଦେବ ସମୁଦ୍ର ମନ୍ଥନ ବେଳେ ବିଷପାନ କରି ନୀଳକଣ୍ଠେଶ୍ୱରର ରୂପ ଧାରଣ କରିଥିଲେ । ପୌରାଣିକ କଥାବସ୍ତୁକୁ ନେଇ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ 'ଦୁଦୁଲି'ର ଦ୍ୱିତୀୟ ଦିବସରେ ରୁଦ୍ରାକ୍ଷ ଫାଉଣ୍ଡେସନ ପକ୍ଷରୁ ପରିବେଷିତ ହୋଇଥିଲା ସମୁଦ୍ର ମନ୍ଥନ ନୃତ୍ୟ । ସମୁଦ୍ର ମନ୍ଥନ ନୃତ୍ୟ ଲୋକଙ୍କୁ ବିମୋହିତ କରିଥିଲା । ପୁରୀର ମାହାରୀ ନୃତ୍ୟରେ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ଏବଂ ତାଙ୍କର ଲୀଳା ଖେଳା ଆଦି ନୃତ୍ୟ ମାଧ୍ୟମରେ ପରିବେଷିତ ହୋଇଥିଲା । ଦୁଦୁଲିର ଦ୍ୱିତୀୟ ସନ୍ଧ୍ୟାରେ ଝାରସୁଗୁଡ଼ା ଜିଲ୍ଲାପରିଷଦ ଅଧକ୍ଷା ତୁଳା ବତୀ ମିଞ୍ଜ୍ ମୁଖ୍ୟଅତିଥି, ବେଦାନ୍ତର ଡେପୁଟି ସିଇଓ ଆଶିଷ ଦ୍ୱିବେଦୀ, ଝାରସୁଗୁଡ଼ା ପୌରପାଳିକା ଅଧକ୍ଷା ରାଣୀ ହାତୀ, କୋଲାବିରା ବ୍ଲକ ଅଧକ୍ଷ ଭୋଜରାଜ ପଟେଲ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ସମ୍ମାନିତ ଅତିଥ୍ୟ ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ ଦୁଦୁଲି କଳା ଓ ସଂସ୍କୃତିର ମିଳନସ୍ଥଳ ବୋଲି ମଞ୍ଚାସୀନ ଅତିଥୁ ପ୍ରକାଶ କରିଥିଲେ । ଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ ଲିମିଟେଡର ବରିଷ୍ଠ ଉପସଭାପତି ଅଜିତ ସିଂହ, ଝାରସୁଗୁଡ଼ା ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡର ୟୁନିଟ୍ ହେଡ୍ ପୁରୁଷୋତ୍ତମ ଭେମୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ଚିତ୍ତାକର୍ଷକ କଳା ପ୍ରଦର୍ଶନ କରିଥିଲେ । ବିମଳ ବିଭାରଙ୍କ ନେତୃତ୍ୱରେ ମା' ବୈଷ୍ଣବୀ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ପଞ୍ଚରାଶି ନୃତ୍ୟରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ପରେ ରୂପଶ୍ରୀ ମହାପାତ୍ରଙ୍କ ଦ୍ୱାରା ମାହାରୀ ନୃତ୍ୟ ଏବଂ ସତ୍ୟବାନ ମାଝୀଙ୍କ ସୁରଭି କଳାପରିଷଦ ଦ୍ୱାରା ଘୁଡୁକା ଲୋକନୃତ୍ୟ ପରିବେଷଣ କରାଯାଇଥିଲା ।

## ବାଇକ ଧକ୍କାରେ ଯୁବକ ମୃତ

**ଜୟପୁର,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜୟପୁର ସଦରଥାନା ଅନ୍ତର୍ଗତ ଗୌଡଗୁଡା ଗ୍ରାମର ଗଣେଶ ଗୌଡ ଏକ ବାଇକ ଧକ୍କାରେ ମୃତ୍ୟୁ ହୋଇଥିବା ନେଇ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି । ପୁଲିସ ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ପ୍ରାୟ ସାଢେ ୬ଟା ସମୟରେ ଗୌଡଗୁଡା ଗ୍ରାମର ଗଣେଶ ଗୌଡ ଏବଙ୍ଗ ତାଙ୍କ ସାଥୀ କଲି ହରିଜନ ଜୟପୁରରୁ କାମ ସାରି ଘରକୁ ଯିବା ସମୟରେ ପେପରମିଲ ଛକରେ ଥିବା ଏକ ମୋଟର ସାଇକଲ ଗ୍ୟାରେଜରେ ଗାଡି ମରାମତି କରିଥିଲେ । ସେଠାରୁ ଦୁଇ ସାଙ୍ଗ ଗଣେଶ ଗୌଡ ଏବଙ୍ଗ ତାଙ୍କ ସାଥୀ କଲି ହରିଜନ ଚାଲି ଚାଲି ଯାଉଥିବା ସମୟରେ ପଛପଟୁ ଏକ ଡିଲକ୍ସ ମୋଟର ସାଇକଲ (ଓଡି୧୦ଜେ୬୪୨୬) ଆସି ଧକ୍କା ଦେଇଥିଲା । ଗଣେଶ ଗୌଡଙ୍କୁ ଗୁରୁତର ଧକ୍କା ହୋଇଥିଲା । ତାଙ୍କୁ ତୁରନ୍ତ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତି କରାଯିବା ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା । କୋରାପୁଟରେ ଗଣେଶଙ୍କ ମୃତ୍ୟୁ ହୋଇଥିଲା । ଏନେଇ ଗଣେଶଙ୍କ ଭାଇ ସନ୍ୟାସୀ ଗୌଡ ଥାନାରେ ଏକ ଏତଲା ଦେବା ପରେ ପୁଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ମାଲବାହୀ ଟ୍ରେନ ଲାଇନଚ୍ୟୁତ



**ରାଉରକେଲା,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାଲବାହୀ ଟ୍ରେନ ଲାଇନଚ୍ୟୁତ । ରାଉରକେଲା ବନ୍ଦମୁଣ୍ଡା ରେଲଷ୍ଟେସନ ଅଞ୍ଚଳରେ ଟ୍ରେନ ଲାଇନଚ୍ୟୁତ ହୋଇଛି । ହାୱଡା-ମୁମ୍ବାଇ ମୁଖ୍ୟ ଲାଇନରେ ଟ୍ରେନର ଦୁଇଟି ୱାଗନ ଲାଇନଚ୍ୟୁତ ହୋଇଥିଲା । ଝାରସୁଗୁଡାର ଏକ୍ସଚେଞ୍ଜ ୟାର୍ଡରୁ ଏମସିଏଲକୁ ଯାଉଥିଲା ଟ୍ରେନ । ମାଲବାହୀ ଟ୍ରେନର ପ୍ରେସର ସସପେନସନ୍ ସିଷ୍ଟମର ଏକ ଅଂଶ ହଠାତ୍ ଖସିପଡ଼ିଥିଲା । ଫଳରେ ଟ୍ରେନ ୧୦୦ ମିଟର ପର୍ଯ୍ୟନ୍ତ ଟାଣି ହୋଇଯାଇଥିଲା । ଫଳରେ ଦୁଇଟି କୋଚ୍ ଲାଇନଚ୍ୟୁତ ହୋଇଛି । ଘଟଣାସ୍ଥଳରେ ପହଞ୍ଚିଛନ୍ତି ବରିଷ୍ଠ ରେଳ ଅଧିକାରୀ ଓ କର୍ମଚାରୀ । ଏବେ ବୈଷୟିକ ତଦନ୍ତ ଚାଲିଛି ।

## ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସପ୍ତାହ ବ୍ୟାପି ପୁରୀର ବଳିଆପଣ୍ଡା ଠାରେ ଅନୁଷ୍ଠିତ 'ଶ୍ରୀମଦ ଭାଗବତ କଥା' କାର୍ଯ୍ୟକ୍ରମ ଶେଷରେ ପରମ ପୂଜ୍ୟ ସନ୍ଥ ସ୍ୱାମୀ ଗୋବିନ୍ଦ ଦେବ ଗୀରିଜୀ ମହାରାଜ ଓଡିଶାରୁ ବିଦାୟ ନେଇଛନ୍ତି । ବିଜୁପଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ତାଙ୍କୁ ଗୀତା ପରିବାର ଓଡିଶା ତରଫରୁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ବିଦାୟ ପୂର୍ବରୁ ସ୍ୱାମୀଜୀ ତାଙ୍କ ଆଶୀର୍ବଚନରେ କହିଥିଲେ 'କୃଷ୍ଣମ୍ ବନ୍ଦେ ଜଗଦ୍‌ଗୁରୁମ୍ । ସମସ୍ତଙ୍କୁ ଜୟ ଶ୍ରୀକୃଷ୍ଣ । ଓଡ଼ିଶା ମାଟିରେ ଭଗବାନ ଜଗନ୍ନାଥଙ୍କ ଦରବାର ଏବଂ ଭଗବାନ ଲିଙ୍ଗରାଜଙ୍କ ଦରବାରକୁ ମୁଁ କେତେଥର ଆସିଛି କିନ୍ତୁ ଏଥର ମୋର ଯେଉଁ ପୁରୀ ଯାତ୍ରା ହେଲା, ସେଥିରେ ମୁଁ ସବୁଠାରୁ ଅଧିକ ପ୍ରସନ୍ନ ଥିଲି, କାରଣ ମୋତେ ଏଠାରେ ଏତେ ଭାଇ-ବନ୍ଧୁ ଏବଂ ଭଉଣୀମାନେ ମିଳିଗଲେ । ଆଉ ଏହି ସବୁ ଭାଇ-ଭଉଣୀମାନେ ଭଗବାନ ଶ୍ରୀକୃଷ୍ଣଙ୍କ ଆରାଧନା କରିବା ପାଇଁ ଏବଂ ଭଗବଦ୍ ଗୀତାର ପ୍ରଚାର କରିବା ପାଇଁ ପ୍ରତିବଦ୍ଧ ଥିବାରୁ ମୋତେ ଏମିତି ଲାଗିଲା ଯେ ମୁଁ କୁଆଡ଼େ ବାହାରକୁ ଆସିନାହିଁ, ବରଂ ମୁଁ ମୋ ନିଜ ଘରକୁ ଆସିଛି । ଆଉ ଆପଣ ସମସ୍ତଙ୍କ ସହ ମିଶି ସେଠାରେ ଶ୍ରୀମଦ୍ ଭାଗବତର ଆନନ୍ଦ ନେବା ମଧ୍ୟ ଏକ ଅଲୌକିକ ଅନୁଭୂତି ଥିଲା । ଆଜିର ଦିନଟି ପ୍ରଚଳିତ ଜାଗତିକ ତଥା ବ୍ୟାବହାରିକ ନୂତନ ବର୍ଷ । ଆମମାନଙ୍କୁ ନିଜ ସଂକଳ୍ପରେ ଆହୁରି ଦୃଢ଼ତା ଆଣିବା ପାଇଁ ବାରମ୍ବାର ନିଜ ସଂକଳ୍ପକୁ ଦୋହରାଇବା ଉଚିତ୍ । ଆମର ସଂକଳ୍ପ ତ କେବଳ ଗୋଟିଏ: ଗୀତା ପଢ଼ନ୍ତୁ, ପଢ଼ାନ୍ତୁ ଏବଂ ଜୀବନରେ ଆପଣାନ୍ତୁ । ଆମମାନଙ୍କୁ ଭଗବଦ୍ ଗୀତା ପଢ଼ିବାକୁ ହେବ, ପଢ଼ାଇବାକୁ ଚେଷ୍ଟା କରିବାକୁ ହେବ ଏବଂ ସମ୍ପୂର୍ଣ୍ଣ ରୂପେ ତାକୁ ଜୀବନରେ ଉତାରିବା ପାଇଁ ସାଧନା କରିବାକୁ ହେବ । ଏହା ଆପଣଙ୍କ ଦ୍ୱାରା ଏବଂ ମୋ ଦ୍ୱାରା ନିରନ୍ତର ଅଧିକରୁ ଅଧିକ ହେଉଥାଉ, ଏହି ପ୍ରାର୍ଥନା ମୁଁ ଭଗବାନ ଜଗନ୍ନାଥ ଏବଂ ଭଗବାନ ଲିଙ୍ଗରାଜଙ୍କ ଚରଣରେ କରୁଛି । ଆପଣ ସମସ୍ତଙ୍କୁ ଏହି ନୂତନ ବର୍ଷର ଅନେକ ଅନେକ ଶୁଭକାମନା । ଭାରତ ମାତା କି ଜୟ ! ଜୟ ଶ୍ରୀକୃଷ୍ଣ !'

ସ୍ୱାମୀଜୀ ଗୀତା ପରିବାରର ସଂସ୍ଥାପକ ଅଧକ୍ଷ ତଥା ଆଧ୍ୟାତ୍ମିକ ଗୁରୁ ଅଟନ୍ତି ଓ ଗୀତା ପରିବାର ଓଡିଶା ଅଧକ୍ଷ ପ୍ରମୋଦ ମହାନ୍ତିଙ୍କ ସହିତ ବିଭିନ୍ନ କାର୍ଯ୍ୟକର୍ତ୍ତା, ସାଧକ, ସାଧିକାମାନେ ବହୁସଂଖ୍ୟାରେ ଉକ୍ତ ବିଦାୟ ସମ୍ବର୍ଦ୍ଧନାରେ ଯୋଗଦାନ କରିଥିଲେ ।

**ପୂର୍ବ ତଟ ରେଳପଥ**

ନିଲାମ କ୍ୟାଟଲଗ୍ ନଂ.: NFR-KUR-LOCO-26

(1) ଲଟ୍ ନଂ./ବର୍ଗ: ADVT-LOCO-KUR-ANGL-227-25-1(Advertising-Loco Exterior)

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଭିନ୍ନ-ଭିନ୍ନ ଲୋକୋମୋଟିଭ (03 ଗୋଟି)ର ବାହ୍ୟ ବ୍ରାଣ୍ଡିଙ୍ଗ ।

(2) ଲଟ୍ ନଂ./ବର୍ଗ: ADVT-LOCO-KUR-ANGL-226-25-2 (Advertising-Loco Exterior)

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ବିଭିନ୍ନ ଲୋକୋମୋଟିଭ (05 ଗୋଟି)ର ବାହ୍ୟ ପୃଷ୍ଠରେ ବ୍ରାଣ୍ଡିଙ୍ଗ ।

ଲଟ୍ ଆରମ୍ଭ ତାରିଖ ଓ ସମୟ : 19.01.2026, 1100 ଘଟିକା (ଉଭୟ କ୍ରମ ସଂ. ପାଇଁ), ଲଟ୍ ବନ୍ଦ ହେବା ତାରିଖ ଓ ସମୟ : 19.01.2026, 1130 ଘଟିକା (କ୍ରମ ସଂ.1 ପାଇଁ), 1140 ଘଟିକା (କ୍ରମ ସଂ.2 ପାଇଁ)

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ଼

PR-969/Q/25-26

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୪ ଜାନୁଆରୀ ୨୦୨୬ ● ରବିବାର


## ଦୁର୍ଘଟଣାରେ ଜଣେ ମୃତ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ାରୁ ନୟାଗଡକୁ ସଂଯୋଗ କରୁଥିବା ରାସ୍ତାର କୃଷ୍ଣପ୍ରସାଦ ଗ୍ରାମ ନିକଟରେ ଶନିବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କର ଘଟଣାସ୍ଥଳରେ ଅକାଳ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇ ଆଶୁ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତରିତ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଖଣ୍ଡପଡ଼ାରୁ ନୟାଗଡ ଅଭିମୁଖେ ଦ୍ରୁତ ଗତିରେ ଯାତ୍ରା କରୁଥିବା ଏକ ପିକଅପ ଭ୍ୟାନ ବିପରୀତ ଦିଗରୁ ଖଣ୍ଡପଡ଼ା ଅଭିମୁଖେ ବାଇକ ଯୋଗେ ଆସୁଥିବା ୨ ଜଣ ଯୁବକଙ୍କୁ ଧକ୍କା ଦେବାରୁ ଉଭୟେ ରାସ୍ତା କଡକୁ ଛିଟିକି ପଡିଥିଲେ। ଦୁର୍ଘଟଣାସ୍ଥଳରେ ହିଁ ଜଣଙ୍କର ଅକାଳ ମୃତ୍ୟୁ ହୋଇଥିବା ବେଳେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନ୍ୟ ଜଣଙ୍କୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠା ଯାଇଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ। ଖବରପାଇ ଖଣ୍ଡପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ପିକଅପ ଭ୍ୟାନ ଓ ବାଇକଟିକୁ ଜବତ କରି ଏ ସଂପର୍କରେ ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ଦୁର୍ଘଟଣାରେ ମୃତ ଯୁବକ ପ୍ରକାଶ ନାୟକ (୨୫)ର ଘର ଦଶପଲ୍ଲା ନିକଟସ୍ଥ ଘୋଳାହାଣ୍ଡି ଗ୍ରାମରେ ହୋଇଥିବା ବେଳେ ଆହତ ଯୁବକ ବିକ୍ରମ ପ୍ରଧାନଙ୍କ ଘର ଖଣ୍ଡପଡ଼ା ସହରାଞ୍ଚଳର ୧୨ ନଂ ୱାର୍ଡ ଅଧିନ ଚିନିକଳ ସାହିରେ ବୋଲି ଜଣାପଡିଛି।

## ଡମ୍ଫର ଧକ୍କାରେ ଦୁଇ ଗୁରୁତର




**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର କଳିଙ୍ଗନଗର ଅଞ୍ଚଳର ୫୩ ନମ୍ବର ଜାତୀୟ ରାଜପଥ ପୁଣି ଏକ ମର୍ମାହତ ସଡ଼କ ଦୁର୍ଘଟଣାର ସାକ୍ଷୀ ହୋଇଛି। କଳିଙ୍ଗନଗର ଥାନା ଅନ୍ତର୍ଗତ ବଙ୍ଗଳା ଛକ ନିକଟରେ ଡୁବୁରୀରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଗୋଟିଏ ବାଇକକୁ ପଛପଟୁ ଏକ ଡମ୍ଫର ଧକ୍କା ଦେବାରୁ ବାଇକଟି ସମ୍ପୂର୍ଣ୍ଣ ଚୁର୍ମାର ହୋଇଯାଇଥିବା ବେଳେ ଦୁଇଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ରାଜପଥରେ କିଛି ସମୟ ପାଇଁ ଯାତାୟାତ ବ୍ୟାହତ ହୋଇଥିଲା। ସୂଚନା ପାଇ କଳିଙ୍ଗନଗର ଥାନା ପୁଲିସ ତୁରନ୍ତ ଘଟଣା ସ୍ଥଳକୁ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତ ଦୁଇଜଣଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଟା ମେଡିକାଲକୁ ପଠାଇଥିଲା। ଆହତମାନଙ୍କ ଅବସ୍ଥା ଗୁରୁତର ବୋଲି ଜଣାପଡ଼ିଛି। ଆହତ ବ୍ୟକ୍ତିମାନେ ହେଲେ ସୁରେନ୍ଦ୍ର ଚାତାର ପିତା– ମଦନ ଚାତାର, ଗ୍ରାମ– ଗୋରଗୋରି, ଖଙ୍କିରା ପଞ୍ଚାୟତ ଏବଂ ରାଜୁ ବାଗେ ପିତା– ମଧୁ ବାଗେ ବୋଲି ଚିହ୍ନଟ ହୋଇଛି। ବାରମ୍ବାର ଦୁର୍ଘଟଣା ଘଟୁଥିବା ସତ୍ତ୍ୱେ ୫୩ ଜାତୀୟ ରାଜପଥରେ ଭାରୀ ଯାନ ଚଳାଚଳ ଓ ଗତିନିୟନ୍ତ୍ରଣ ନେଇ ପ୍ରଶ୍ନ ଉଠୁଥିବା ବେଳେ, ଘଟଣା ସମ୍ପର୍କରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ପ୍ରଦୂଷଣ ପ୍ରମାଣପତ୍ର ପାଇଁ ଲମ୍ବା ଧାଡ଼ି

**ବୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ମୋଟର ଆଇନକୁ ନେଇ କଠୋର ଆଭିମୁଖ୍ୟ ଆପଣେଇ ଥିବାବେଳେ ଅମାନିଆ ମୋଟର ଚାଳକଙ୍କ ପାଇଁ ଏହା ଏକ ବଜ୍ର ଚଡକ ସଦୃଶ ହୋଇଛି । ତେବେ ଏଥିରେ ରାଜସ୍ୱ ଆଦାୟ ହେବା ସହିତ ବାୟୁ ପ୍ରଦୂଷଣକୁ ନିୟନ୍ତ୍ରିତ କରିହେବ। ଅନେକ ସମୟରେ ମୋଟର ଆଇନକୁ ଲାଗୁ କରିବା ସହିତ କଠୋର ନୀତି ଆପଣେଇଥାନ୍ତି ଓ ଅନେକ ସମୟରେ କାର୍ଯ୍ୟକାରୀ ମଧ୍ୟ କରିଥାନ୍ତି। ତେବେ ବର୍ତ୍ତମାନର ନୂତନ ନିୟମ ପ୍ରଦୂଷଣ ପ୍ରମାଣ ପତ୍ର ନଥିଲେ ତୈଳ ପମ୍ପରେ ତେଲ ମିଳିବ ନାହିଁ। ଏହି ନିୟମକୁ କଡାକଡି ଭାବେ ପାଳନ ପରିପ୍ରେକ୍ଷୀରେ ବୁଗୁଡ଼ାର ବିଭିନ୍ନ କେନ୍ଦ୍ରରେ ଏଥି ପାଇଁ ପ୍ରଦୂଷଣ ପ୍ରମାଣ ପତ୍ର ପାଇଁ ଚାଳକଙ୍କ ଲମ୍ବା ଲାଇନ ଲାଗିଥିବା ଦେଖାଯାଉଛି। ତେବେ ଜୋରିମାନା ଜଞ୍ଜାଳରୁ ମୁକ୍ତି ପାଇବା ଏବଂ ସରକାରୀ ନିୟମକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ସମୟ ବ୍ୟୟ ସହ କଷ୍ଟ ସହ୍ୟକରି ଲମ୍ବା ଧାଡିରେ ରହିବାକୁ ପଡୁଛି ବୋଲି ସଚେତନ ଗାଡି ଚାଳକଙ୍କମାନଙ୍କଠାରୁ ପ୍ରକାଶ ପାଇଛି।

## ଫେବୃଆରୀ ୫ରୁ ସତ୍ୟବାଦୀ ମହୋତ୍ସବ

**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ମହୋତ୍ସବ ପାଇଁ ସତ୍ୟବାଦୀ ପ୍ରଶାସନ ଓ ସତ୍ୟବାଦୀ ମହୋତ୍ସବ କମିଟି ମଧ୍ୟରେ ଏକ ସମନ୍ୱୟ ବୈଠକ ସତ୍ୟବାଦୀ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସତ୍ୟବାଦୀ ବ୍ଲକ ବିଡ଼ିଓ ଦେବାଶିଷ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ତଥା ବିଧାୟକ ଓମ ପ୍ରକାଶ ମିଶ୍ର, ସମ୍ପାଦକ ଦୀପକ ଶତପଥି, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ଯୋଗଦେଇଥିଲେ। ଏହି ବୈଠକ ରେ ସତ୍ୟବାଦୀ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ମାନେ ମଧ୍ୟ ଯୋଗଦେଇଥିଲେ। ଚଳିତ ବର୍ଷ ମହୋତ୍ସବ ୪ଦିନ ହେବବୋଲି ସଂପାଦକ ଦୀପକ ଶତପଥୀ କହିଥିଲେ। ଫେବୃଆରୀ ୫, ୬, ୭ ଓ ୮ ତାରିଖ ପର୍ଯ୍ୟନ୍ତ ହେବ ବୋଲି ସ୍ଥିର କରାଗଲା। ପ୍ରଥମ ଦିନ ଜ୍ୟୋତି ଯାତ୍ରା ମହା ଆଡମ୍ବରରେ ହେବ।ଟ୍ରାଫିକ ସୁରକ୍ଷା ପାଇଁ ୪ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଏସଡିପିଓ ସୂଚନା ଦେଇଥିଲେ। ଆରଏମସି ପାଖରୁ ୪ଦିନ ସଫେଇ କାର୍ଯ୍ୟ କରିବେ ବୋଲି ପ୍ରସ୍ତାବ ଦେଇଥିଲେ। ଅଗ୍ନି ସୁରକ୍ଷା, ଫାଷ୍ଟଏଡ ମଧ୍ୟ ବ୍ୟବସ୍ଥା ରହିବ। ଆରଡବ୍ଲ୍ୟୁଏସଏସ ପକ୍ଷରୁ ପାନୀୟ ଜଳ ଓ ପରିସ୍ରାଗାର ବ୍ୟବସ୍ଥା ପାଇଁ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗ ତରଫରୁ ବିଭିନ୍ନ ପ୍ରକାର ଷ୍ଟଲ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ବୈଠକ ରେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜାନକୀ ବରାଳ, ଦିଲୀପ ମହାନ୍ତି, ବିଶ୍ୱଜିତ ମହାପାତ୍ର, ଭଗବାନ ବେହେରା, ତ୍ରିଲୋଚନ ରଥ, ଅଭୟ ନାଥ, ଗୌତମ ମିଶ୍ର, ସତୀଶ ମିଶ୍ର ଓ ଅଶୋକ ରାଉତରାୟଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ମାନେ ମଧ୍ୟ ଉପସ୍ଥିତ ରହିଥିଲେ।

## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

କାକଟପୁର ଥାନା ଅଧିନସ୍ଥ ବାଙ୍ଗୁରୀଗାଁ ଗ୍ରାମର ଶଙ୍କର ସାହୁଙ୍କ ଝିଅ ସସ୍ମିତା ସାହୁ (୨୪)ଙ୍କ ଶୁକ୍ରବାର ଦିନ ସନ୍ଦେହ ଜନକ ଭାବେ ମୃତ୍ୟୁ ଘଟିଛି। ମୃତ ସସ୍ମିତାଙ୍କୁ ନିଜ ଘରେ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ କାକଟପୁର ଥାନାକୁ ଖବର ଦେଇଥିଲେ। ଥାନା ପକ୍ଷରୁ ଏଏସଆଇ ମନୋରଞ୍ଜନ ହାତୀ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସସ୍ମିତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ପୋଷ୍ଟମର୍ଟମ ରିପୋର୍ଟ ଆସିବାପରେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ କାକଟପୁର ଥାନାରେ ଏକ ଅପମୃତ୍ୟୁ ମାମଲା ୧/୨୦୨୬ ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବୁଗୁଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଲିଆ ଗାଁ ଛକରେ ସଂଘବଦ୍ଧ ଆକ୍ରମଣରେ ଜନୈକ ଯୁବକ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଜୀବନ ସହ ସଂଗ୍ରାମ କରୁଥିବା ଜଣାଯାଇଛି। ଗୁରୁତର ଯୁବକ ଜଣକ ହେଲେ ଗୋଲିଆ ଗାଁ ତେଲୁଗୁ ସାହିର ଗଣେଷ ମହାପାତ୍ର। ଘଟଣାରୁ ପ୍ରକାଶ ଯେ, ଗତ ଶୁକ୍ରବାର ରାତି ୮ଟା ସମୟରେ ଗଣେଷ ଗାଁ ଛକର ଏକ ଦୋକାନ ସମ୍ମୁଖରେ ଠିଆ ହୋଇଥିବା ବେଳେ କିଛି ଦୁର୍ବୃତ୍ତ ସଂଘବଦ୍ଧ ହୋଇ ତାଙ୍କୁ ଫାର୍ସା ଓ ଲୁହାରଡ ସାଙ୍ଗକୁ ପଥର ଛେଚି ମରଣାନ୍ତକ ଆକ୍ରମଣ




କରିଥିଲେ। ସ୍ଥାନୀୟ ଲୋକେ ଆହତ ଗଣେଷଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ। ଆକ୍ରମଣରେ ତାଙ୍କର ବାମ ଗୋଡ ଓ ହାତ ଭାଙ୍ଗିଥିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ କୌଣସି ସୂତ୍ରରୁ ଖବର ପାଇ ମେଡିକାଲ ଏବଂ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏ ନେଇ ଶନିବାର ଦିନ ଗଣେଷଙ୍କ ମାଆ ଶାନ୍ତି ମହାପାତ୍ର ସଂଘବଦ୍ଧ ଆକ୍ରମଣରେ ଜଡିତ ଥିବା ପୂର୍ଣ୍ଣଚନ୍ଦ୍ର ପୋଲେଇ, ସୁନିଲ ପ୍ରଧାନ, ରୂପକ ସେଠୀ, ଦୁତିକୃଷ୍ଣ ପୋଲେଇ, ଜିଗଲ ବିଷୋୟୀ, ମହେଶ୍ୱର ଜେନା, ବିକାଶ ସାମଲ, ଭଗବାନ ଓଝା, ରୁଦ୍ର ସ୍ୱାଇଁ, ସୋମନାଥ ଗୌଡ, ସନ୍ୟାସୀ ନାହାକ, ଓମ୍ ସ୍ୱାଇଁ ଓ ଶୁଭମ୍ ସ୍ୱାଇଁ ନାମରେ ବୁଗୁଡା ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

## ଅପହରଣକାରୀ ଓ ଠକେଇ ଅଭିଯୋଗରେ ଜଣେ ଗିରଫ

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୧ ତାରିଖ ଦିନ ନିଆଳି ବ୍ଲକ୍ କଂଗ୍ରେସ ସଭାପତି ସୌଭାଗ୍ୟ ରଂଜନ ବସ୍ତିଆଙ୍କୁ ଅପହରଣ ଓ ଠକେଇ ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିବା ବେଳେ ଅପହରଣ ଅଭିଯୋଗ ଆଣିଥିବା ମହିଳାଙ୍କ ସ୍ୱାମୀଙ୍କୁ ନିଆଳି ପୋଲିସ ଶନିବାର ଦିନ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାଇ କଣ୍ଟାପଡା ବ୍ଲକ୍ ଓଲଟପୁର ଥାନା ଅଧିନସ୍ତ ବଡ଼ ଖାଲ ଗ୍ରାମର ବାବନ ଚରଣ ରାଉତରାୟ (୫୯) ଓଲଟପୁର ନିରତାର ସ୍ୱାସ୍ଥ୍ୟକେନ୍ଦ୍ରରେ ଚାକିରୀ କରାଇଦେବାକୁ କହି ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକିନେଇଥିବା ନିଆଳି ଥାନାରେ ସୌଭାଗ୍ୟ ବସ୍ତିଆ ଅଭିଯୋଗ କରିଥିଲେ। ନିଆଳି ଥାନା ପୋଲିସ ୧/୨୬ରେ ମାମଲା ରୁଜୁ କରି ବାବନ ଚରଣ ରାଉତରାୟଙ୍କୁ ଗିରଫ କରିଛି। ପୋଲିସର ପ୍ରାଥମିକ ତଦନ୍ତରୁ ବାବନ ୫ ଲକ୍ଷ ଟଙ୍କା ନେଇଥିବା କଥା ମାନିଥିବେଳେ ଅବଶିଷ୍ଟ ଟଙ୍କା ପାଇଁ ପୋଲିସର ତଦନ୍ତ ଜାରି ରହିଛି। ଏଠାରେ ସୂଚନା ଥାଉ କି ବାବନ ନିରତାରରେ ଚାକିରୀ କରାଇଦେବାକୁ କହି ବିଭିନ୍ନ ଲୋକମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ନେଇଥିବା ତାଙ୍କ ନାମରେ ପୂର୍ବରୁ ବହୁ ଅଭିଯୋଗ ହୋଇଛି। ବାବନ ଉକ୍ତ ଟଙ୍କାକୁ ନିଜେ ଏକା ନେଇଛି ନା ନିରତାରର କୌଣସି କର୍ମଚାରୀ ଏହି ଘଟଣାରେ ସମ୍ପୃକ୍ତ ରହିଛନ୍ତି ପୋଲିସ ଏହାକୁ ତଦନ୍ତ କଲେ ସଠିକ ତଥ୍ୟ ପଦାକୁ ଆସିବ। ବାବନର ଜାମିନ ନା ମଂଜୁର ହେବାରୁ ତାକୁ ଚୌଦ୍ୱାର ଜେଲକୁ ପଠେଇ ଦିଆ ଯାଇଛି।

## ଧାନ କିଣା ବନ୍ଦ ପ୍ରତିବାଦରେ ଚାଷୀଙ୍କ ରାସ୍ତା ରୋକ

**ଚମ୍ପୁଆ:ଏକ୍ସପ୍ରେସ୍ ନ୍ୟୁଜ୍**

ଧାନ କ୍ରୟ ଅଧିକାରୀଙ୍କ ବଦଳିକୁ ନେଇ ଚମ୍ପୁଆ ବ୍ଲକ କରଞ୍ଜିଆ ଲ୍ୟାମ୍ପସରେ ଧାନ କିଣା ବନ୍ଦ ପ୍ରତିବାଦରେ ଚାଷୀଙ୍କ ରାସ୍ତା ରୋକ। କରଞ୍ଜିଆ ଲ୍ୟାମ୍ପ ରେ ଆଜି ଠାରୁ ଧାନ କିଣା ଆରମ୍ଭ ପାଇଁ ବିଭାଗ ତରଫରୁ ଚାଷୀଂକୁ ସୂଚନା ଦିଆ ଯାଇଥିଲା। ଏହାକୁ ନେଇ ଟୋକନ ପାଇଥିବା ଚାଷୀ ସକାଳୁ କରଞ୍ଜିଆ ଲ୍ୟାମ୍ପ ରେ ପହଞ୍ଚି ଥିଲେ। ମାତ୍ର ଲ୍ୟାମ୍ପରେ ଧାନ କିଣା ଅଧିକାରୀଙ୍କ ବଦଳିକୁ ନେଇ ମ୍ୟାନେଜମେଣ୍ଟ କମିଟି ଧାନ କିଣାରେ ସହଯୋଗ କରିବାକୁ ମନା କରିଦେବାରୁ ଧାନ କିଣା ଯାଇ ପାରିନଥିଲା ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀଙ୍କଠାରୁ ଧାନ କିଣାଯାଇପାରି ନଥିବାରୁ ଚାଷୀ ରାସ୍ତାରୋକ କରିଛନ୍ତି। ଚାଷୀଙ୍କ ରାସ୍ତାରୋକ ପାଇଁ ଚମ୍ପୁଆ କରଞ୍ଜିଆ ରାସ୍ତାରେ ଗାଡି ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଛି।

ଖବର ପାଇ ଚମ୍ପୁଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରୁଛି। ସୂଚନା ଯୋଗ୍ୟ କି ଏହି ଲ୍ୟାମ୍ପର ଧାନକିଣା ଅଧିକାରୀ ରଜତ କୁମାର ଗିରିଙ୍କୁ ଏଠାରୁ ବଦଳାଇ ବ୍ରଜେନ୍ଦ୍ର ମହାନ୍ତଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଏହାକୁ ବିରୋଧ କରି ଏହି ଲ୍ୟାମ୍ପର ମ୍ୟାନେଜମେଣ୍ଟ କମିଟି ଧାନ କିଣାରେ ସହଯୋଗ କରିବାକୁ ମନା କରିବାରୁ ଧାନ କିଣା ହୋଇପାରି ନାହିଁ। ଧାନ କିଣାଯାଇ ପାରୁନଥିବାରୁ ଚାଷୀ ରାସ୍ତାରୋକ କରିଛନ୍ତି।

## ଅଚ୍ୟୁତ ସାମନ୍ତଙ୍କୁ ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରାଜସ୍ଥାନର ଜୟପୁରରେ ଥିବା ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ ଉତ୍ସବ ଅବସରରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୦ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ବହୁ ବିଶିଷ୍ଟ ଅତିଥି ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ଚେୟାରମ୍ୟାନ୍ ଓ. ପି ଅଗ୍ରୱାଲ୍ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

ଜେଇସିଆର୍‌ସି ଫାଉଣ୍ଡେସନ୍ ହେଉଛି ଏକ ୨୫ ବର୍ଷର ପୁରୁଣା ଶିକ୍ଷାନୁଷ୍ଠାନ। ଏଥିରେ ୨୫ହଜାରରୁ ଅଧିକ ଛାତ୍ରଛାତ୍ରୀ ଏବେ ଅଧ୍ୟୟନ କରୁଛନ୍ତି। ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ୯ମ ସମାବର୍ତ୍ତନ




ଉତ୍ସବ ଅବସରରେ ଶ୍ରୀ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ।

ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ ପାଇଁ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ।

ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ ଜେଇସିଆର୍‌ସି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ।

## ବ୍ରାଉନସୁଗର ଜବତ: ୩ ଗିରଫ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଅବକାରୀ ବିଭାଗ ପକ୍ଷରୁ ଯାଜପୁର ସହରର ବଲ୍ଲଭିଘାଟ ନିକଟରୁ ଧଳା ଜହର ସହିତ ୩ ଜଣଙ୍କୁ କାବୁ କରିଛି। ଯାଜପୁର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ୨ ତାରିଖ ଅପରାହ୍ଣ ସମୟରେ ଅବକାରୀ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ବଲ୍ଲଭିଘାଟ ଠାରେ ୩ଜଣ ଯୁବକ ଅବକାରୀ ପୁଲିସକୁ ଦେଖି ଦୌଡ଼ି ପଳାଉଥିବା ବେଳେ ପୁଲିସର ସନ୍ଦେହ ହେବାରୁ ୩ଜଣ ଯୁବକଙ୍କୁ ଧରିଥିଲେ। ପୁଲିସ ୩ଜଣ ଯୁବକକୁ ତଲାସ କରିବା ପରେ ସେମାନଙ୍କ ନିକଟରୁ ୫୨ ଗ୍ରାମର ଧଳା ଜହର ଜବତ ହୋଇଥିଲା। ଏହି ୩ଜଣ ଯୁବକ ହେଲେ ଯାଜପୁର ଜାଲପୁର ଅଞ୍ଚଳର କରୁଣାକର ସାହୁଙ୍କ ପୁଅ ସତ୍ୟ ପ୍ରକାଶ ସାହୁ(୨୬) ଓ ଦୀନବନ୍ଧୁ ପାଢ଼ୀଙ୍କ ପୁଅ ଇନ୍ଦ୍ରଜିତ ପାଢ଼ୀ(୨୭), ଭଦ୍ରକ ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର ଗ୍ରାମର ଅଧର କୁମାର ବୋଇତେଇ ପୁଅ ଅଂଶୁମାନ ବୋଇତେଇ (୨୫)। ଏହି ଧଳା ଜହରର ଆନୁମାନିକ ମୂଲ୍ୟ ୫ଲକ୍ଷ ଟଙ୍କା।

## ଆରଟିଓ ପକ୍ଷରୁ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା



**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଶନିବାର କଟକ ଜିଲ୍ଲା ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଡ୍ରାଇଭରମାନଙ୍କ ନିମନ୍ତେ ଏକ ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏହି ଶିବିରକୁ ଉଦଘାଟନ କରିଥିଲେ । ଏହି ଶିବିରରେ ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ବସ ଡ୍ରାଇଭରମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ଯୋଗାଇ ଦିଆଯାଇଛି । ଆଜି ଗୋଟିଏ ଦିନରେ ୧୬୨ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଛି । ଜିଲ୍ଲାରେ ସଡ଼କ ଦୁର୍ଘଟଣା ରୋକିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିବହନ ଅଧିକାରୀ ବିଶ୍ୱଜିତ ଦାସ ଓ ଏମଭିଆଇ ରୂପାଲିନ ବାହୁବଳେନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବନ୍ଧୁ ମିଳନ



**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ମହାନଗର ୫୬ ଓ ୫୭ ଅନ୍ତର୍ଗତ ବାଲିକୁଦାଠାରେ ସ୍ୱେଚ୍ଛାସେବୀ ସଂଗଠନ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ଏକ ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ତଥା ସମାଜସେବୀ ସୁକାନ୍ତ ସେଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ସଂଗଠନ ପକ୍ଷରୁ ସାମ୍ବାଦିକ ପ୍ରତାପ ଚନ୍ଦ୍ର ସେନାପତି ଓ ସମ୍ବାଦପତ୍ର ବିକ୍ରେତା ଅଭୟ ବେହେରାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ରବିନ୍ଦ୍ର ବେହେରା, ଅଟଳକିଶୋର ଜେନା, ଅକ୍ଷୟ ଦାସ, ଦୁର୍ଗାଚରଣ ସେଠୀ, ସୁରେଶ ସ୍ୱାଇଁ, ଲିପୁନ ନାୟକ, ରାଜା ସ୍ୱାଇଁ ପ୍ରମୁଖଙ୍କୁ ରାମାକାନ୍ତ ସେଠୀ ସମ୍ମାନୀତ କରିଥିଲେ । ଏହି ବନ୍ଧୁମିଳନ ଓ ସମ୍ବର୍ଦ୍ଧିତ ସଭାରେ ସ୍ଥାନୀୟ ଅଂଚଳର ବହୁ ବ୍ୟକ୍ତି ଯୋଗଦେଇ ସଂଗଠନର ଉତ୍ତୋରଉତ୍ତର କାମନା କରିଥିଲେ।


## ନିୟନ୍ତ୍ରିତ ବଜାର କମିଟି, ବରଗଡ଼



ବିଶ୍ୱ ପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରାର ୭୮ତମ ବର୍ଷ ପୂର୍ତ୍ତି ଅବସରରେ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ଅଞ୍ଚଳର ସମସ୍ତ ଚାଷୀ ଭାଇ-ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରିବା ସହ ଚାଷୀ ଭାଇମାନେ ବଜାର ପ୍ରାଙ୍ଗଣ / ଧାନକ୍ରୟ କେନ୍ଦ୍ର ମାଧ୍ୟମରେ ନିଜର କଷ୍ଟୋପାର୍ଜିତ ବିକ୍ରିଯୋଗ୍ୟ ବଜାର ବଳକା ଧାନକୁ ବିକ୍ରୟ କରି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ଦର (MSP) ଓ ଇନ୍‌ପୁଟ ସହାୟତା ପାଇ ଲାଭବାନ ହୁଅନ୍ତୁ।

**ଗୋବିନ୍ଦ ନାଗ**
ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ବରଗଡ଼

**ମଧୁଛନ୍ଦା ସାହୁ, ଓ.ପ୍ର.ସେ.**
ଅତିରିକ୍ତ ଜିଲ୍ଲାପାଳ, ବରଗଡ଼ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବରଗଡ଼



## କେନ୍ଦ୍ରାପଡ଼ା ଜିଲ୍ଲାର ଚାଷୀଭାଇମାନଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀ ମାନଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୨୫ - ୨୬ ଖରିଫ ବର୍ଷ ପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ନିମନ୍ତେ ଏଫ୍.ଏ.କ୍ୟୁ. ମାନର ସାଧାରଣ ଓ ଗ୍ରେଡ୍ 'ଏ' ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ତା ୦୯.୦୧.୨୦୨୬ ରିଖ ଠାରୁ ତା ୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଯୋଗାଣ ନିଗମ ଜରିଆରେ ଜିଲ୍ଲାର ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି । ସୁବିଧାରେ ଧାନ ବିକ୍ରି କରିବା ନିମିତ୍ତ ଚାଷୀଭାଇମାନେ ନିକଟସ୍ଥ (PACS)ରେ ନାମ ପଞ୍ଜିକରଣ କରିଥିବା ବାଧ୍ୟତା ମୂଳକ ଅଟେ ।

ନିମ୍ନରେ ଏଫ୍.ଏ.କ୍ୟୁ. ସାଧାରଣ ଧାନର ମାନ ଓ ଦର ପ୍ରଦତ୍ତ କରାଗଲା । ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଦୁର୍ଗନ୍ଧ ମୁକ୍ତ କିସମର ହୋଇଥିବା ଆବଶ୍ୟକ ।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ)ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କ ନିୟମାନୁଯାୟୀ ଅଗ୍ରିମ ଟୋକନ୍ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ସକାଳ ୮ଘଟିକା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବାର ମାନଙ୍କରେ ଧାନ ବିକ୍ରୟ କରିପାରିବେ । ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ । (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା ।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା | |
|---|---|---|
| ❖ ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବୀକ ବାହ୍ୟ ପଦାର୍ଥ | ୧.୦% | |
| ❖ କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବୀକ ବାହ୍ୟ ପଦାର୍ଥ | ୧.୦% | |
| ❖ ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% | |
| ❖ ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% | |
| ❖ ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ 'ଏ' ଧାନ ନିମନ୍ତେ) | ୬.୦% | |
| ❖ ଆର୍ଦ୍ରତା ବା ଜାଳୀୟ ଅଂଶ | ୧୭.୦% | |
| ସରକାରଙ୍କଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ :- | | |
| ❖ ଏଫ୍.ଏ.କ୍ୟୁ ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର | ଟ. ୨୩୬୯.୦୦ | ୩୧୦୦.୦୦ |
| ❖ ଓ ଅତିରିକ୍ତ ଇନପୁଟ୍ କୁଇଣ୍ଟାଲ ପ୍ରତି ଦର | ଟ. ୮୦୦.୦୦ | |
| ❖ ଗ୍ରେଡ଼ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର | ଟ. ୨୩୮୯.୦୦ | |

**ଧାନ କ୍ରୟ ଦିବସ** : ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ସାପ୍ତାହିକ ଧାର୍ଯ୍ୟ ବାରରେ (ସାପ୍ତାହିକ ୩ ଦିନ) ଧାନ କ୍ରୟ କରାଯିବ ।

ଚାଷୀଭାଇମାନେ ସେମାନଙ୍କର ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି କ୍ରୟକାରୀ ସଂସ୍ଥା ସମ୍ବନ୍ଧରେ କିଛି ଅଭିଯୋଗ ଥିଲେ ସେମାନେ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସହକାରୀ ସମବାୟ ନିବନ୍ଧକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

୧). ଜିଲ୍ଲା କଣ୍ଟ୍ରୋଲ୍ ରୁମ୍ - ୨୨୦୫୪୪ (୦୬୭୨୭)
୨). ଅତିରିକ୍ତ ଜିଲ୍ଲାପାଳ ତଥା ନୋଡ଼ାଲ ଅଧିକାରୀ - ୨୩୨୬୦୧ (୦୬୭୨୭)
୩). ଜିଲ୍ଲା ଯୋଗାଣ ଅଧିକାରୀ, କେନ୍ଦ୍ରାପଡ଼ା - ୯୪୩୮୨୦୦୦୪୭
୪). ସି.ସି.ସି.ବି. ନୋଡାଲ ଅଫିସର, କେନ୍ଦ୍ରାପଡ଼ା - ୨୩୨୨୨୬ (୦୬୭୨୭)
୫). ଏ. ଆର୍. ସି. ଏସ୍., କେନ୍ଦ୍ରାପଡ଼ା - ୨୩୨୦୫୮ (୦୬୭୨୭)/୯୮୬୧୭୭୮୫୧୪/୭୯୭୮୮୨୨୧୨୭
୬). ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା - ୯୭୭୬୪୫୭୭୨୬

ଧାନ କ୍ରୟ କେନ୍ଦ୍ରର ସୁ ପରିଚାଳନା ନିମିତ୍ତ ସମସ୍ତ ସହଯୋଗ ପାଇଁ ଅନୁରୋଧ ।

**ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡ଼ା**

ସୌଜନ୍ୟ:- ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା


## ସୋଆ ପକ୍ଷରୁ ଗ୍ରାଣ୍ଡ ହୋମ୍ କମିଂ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପୂର୍ବତନ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଗଠିତ ଆଲୁମନାଇ ସେଲ୍- ସୋଆ ପକ୍ଷରୁ ଶନିବାର ଗ୍ରାଣ୍ଡ ହୋମ କମିଂ-୨୦୨୫ ବନ୍ଧୁ ମିଳନ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୧୫୦୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ସାମିଲ ହୋଇଥିବା ବେଳେ ଶନିବାର ପ୍ରଥମାର୍ଦ୍ଧରେ ନିଜ ନିଜ ଅନୁଷ୍ଠାନରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅପରାହ୍ନରେ ସୋଆ କ୍ୟାମ୍ପସ -୨ ଅଡିଟୋରିୟମ୍‌ରେ ଆୟୋଜିତ ଗ୍ରାଣ୍ଡ ହୋମ କମିଂ କାର୍ଯ୍ୟକ୍ରମରେ ସେମାନେ ସାମିଲ ହୋଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍‌ସେସ୍, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ଦେବାଶିଷ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରୁ ଗ୍ରହଣ କରିଥିବା ଶିକ୍ଷା ଓ ଅନୁଭୂତି ପରପିଢ଼ିଙ୍କ ସହ ବାଂଟିବାକୁ ଉପଦେଶ ଦେଇଥିଲେ। ନିଜର ସହପାଠୀ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ଯୋଗାଯୋଗ




ବଢ଼ାଇବା ସହ ଖୁସି ବାଂଟନ୍ତୁ ବୋଲି ଡକ୍ଟର ଦାଶ କହିଥିଲେ।

କାର୍ଯ୍ୟକ୍ରମରେ ସିଏସଆଇଆର୍-ଆଇଏମଏମ୍‌ଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆର ପୁରାତନ ଛାତ୍ରଛାତ୍ରୀମାନେ ନିଜେ ଗର୍ବ ଅନୁଭବ କରିବା ସହ ସେମାନଙ୍କ କାର୍ଯ୍ୟରେ ବିଶ୍ୱବିଦ୍ୟାଳୟକୁ ଗୌରବାନ୍ୱିତ କରନ୍ତୁ ବୋଲି କହିଥିଲେ।କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ସଫଳତାର ଚିତ୍ର ପ୍ରକାଶ କରିବା ସହ ପୂର୍ବତନ ଛାତ୍ରଛାତ୍ରୀମାନେ ନିଜ ପାଠ ପଢ଼ିଥିବା ଅନୁଷ୍ଠାନ କିଭଳି ଆହୁରି ଅଧିକ ଉନ୍ନତି କରିଛି ତାହା ବୁଲି ଦେଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସୋଆର ଦୁଇ ଜଣ ପୁରାତନ ଛାତ୍ର ତଥା ଡେଲଏଟ, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ବିଶ୍ୱ ସାମଲ ଓ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଡି.ଏସ୍. ଅରବିନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସେମାନଙ୍କ ଛାତ୍ର ଜୀବନର ମଧୁର ସ୍ମୃତି ବଖାଣିବା ସହ ସୋଆର ଗାରିମାକୁ କିଭଳି ଉଚ୍ଚତର ସ୍ତରକୁ ନିଆଯାଇ ପାରିବ ସେ ନେଇ ପୁରାତନ ଛାତ୍ରଛାତ୍ରୀ ଏକତ୍ରିତ ହେବା ଆବଶ୍ୟକ ବୋଲି କହିଥିଲେ। ସୋଆରେ ବର୍ତ୍ତମାନ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀଙ୍କୁ ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିବା ଏକ ମାନବିକ ଓ ସାମାଜିକ ଦାୟିତ୍ୱ ବୋଲି ଡକ୍ଟର ସାମଲ କହିଥିଲେ। ସେହିପରି ୨୦୧୮ ବ୍ୟାଚରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ରୁ ଏମ୍‌ବିବିଏସ୍ ଶିକ୍ଷାଲାଭ କରିଥିବା ଡକ୍ଟର ଅରବିନ୍ଦ କହିଥିଲେ ଯେ ସେ ଆଜି ଯାହା କିଛି ବି ହାସଲ କରିଛନ୍ତି ତା'ର ସବୁ ଶ୍ରେୟ ସୋଆର।

କାର୍ଯ୍ୟକ୍ରମରେ ସୋଆର ଉପକୁଳପତି (ଆଲୁମନାଇ ରିଲେସନ) ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ପୁରାତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶ୍ୱବିଦ୍ୟାଳୟ ସହ ଯୋଡ଼ି ହୋଇ ରହିବା ପାଇଁ ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଆଲୁମନାଇ ସେଲ-ସୋଆର ଆସୋସିଏଟ୍ ଡିନ ଡକ୍ଟର ସୁସ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡାଇରେକ୍ଟର କର୍ପୋରେଟ ରିଲେସନ୍ ରୀପ୍ତି ରଞ୍ଜନ ଦାଶ ଓ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଆଲୁମନାଇ ସେଲ-ସୋଆର କୋ-କୋଅର୍ଡିନେଟର ତଥା ମେମ୍ବର ସେକ୍ରେଟାରୀ ଅଭିଷେକ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ ସାଇନ୍‌ସେସ୍‌ର ପ୍ରଫେସର ଗାଥା ମହାନ୍ତି ପରିଚାଳନା କରିଥିଲେ। ଏହି ଅବସରରେ ସୋଆ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


**AFFIDAVIT**

By Virtue of an affidavit sworn before Executive Magistrate, Pattamundai, on Dt. 03.01.2026. I, Sudhir Chandra Mahalik, Resident of Village/Po- Sandhapalli, Ps- Pattamundai, Dist - Kendrapara, Odisha, Pin: 754215 declare that: I have changed the name of my son from Arbin Mahalik to Soumya Ranjan Mahalik. Henceforth, he shall be known as Soumya Ranjan Mahalik for all purpose.

**Sd/-Sudhir Chandra Mahalik** (Applicant)

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 4th January, 2026 Sunday | RNI Regd. No. ODIODI/2009/28880

## ଯୋଗାଭ୍ୟାସର ପ୍ରତିକ୍ରିୟା

**ହେଲ୍‌ଥ ଟନିକ୍**



ଯୋଗ ଦିବସରେ ଯୋଗ ଦେଇ ଏଥିପ୍ରତି ମାତ୍ରାଧିକ ଉତ୍ସାହିତ ହୋଇଥିବା ସେହି ବ୍ୟକ୍ତି, ଯାହାଙ୍କର ବାୟୁଦୋଷ ଅଛି ତାଙ୍କ ପାଇଁ ଏକ ପରାମର୍ଶ: ଦୟାକରି ଗଣଯୋଗରେ ଭାଗ ନିଅନ୍ତୁ ନାହିଁ। ଏଥିରେ ଆପଣଙ୍କ ପଛରେ ବସିଥିବା ବ୍ୟକ୍ତି ସମସ୍ୟାରେ ପଡ଼ିପାରନ୍ତି।

ଜନହିତରେ ପ୍ରକାଶିତ

-----

ଯୋଗ କରିବା ପରଠାରୁ ଆପଣ ମଦ୍ୟପ ସ୍ୱାମୀଙ୍କର ଚାଲିଚଳଣରେ କିଛି ପରିବର୍ତ୍ତନ ଲକ୍ଷ୍ୟ କରିଛନ୍ତି ?

ଏ ପ୍ରଶ୍ନର ଉତ୍ତରରେ ମଦ୍ୟପ ସ୍ୱାମୀଙ୍କ ପତ୍ନୀ କହିଲେ- ହଁ, ଏବେ ସେ ଶିର୍ଷାସନରେ ପିଉଛନ୍ତି। କହୁଛନ୍ତି ଏଥିରେ ମୁଣ୍ଡ ଗରମ ହେଉନାହିଁ, ଥଣ୍ଡା ରହୁଛି।

# ଜାନକୀବଲ୍ଲଭ ଜଣେ ପ୍ରେରଣାଦାୟୀ ଗୁରୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ରାଜନୀତିରେ ଅନେକଙ୍କ ପାଇଁ ଜାନକୀବଲ୍ଲଭ ହେଉଛନ୍ତି ଜଣେ ପ୍ରେରଣାଦାୟୀ ଗୁରୁ। ତାଙ୍କ ଜୀବନୀରୁ ସମସ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ଶିକ୍ଷା ହେଉଛି, କୌଣସି ସମସ୍ୟାରେ ବିଚଳିତ ନହୋଇ ନିଜ କର୍ମମୟ ଜୀବନରେ ଆଗକୁ ବଢି ଚାଲିବା। ନିରନ୍ତର କର୍ମ ଓ ଧୈର୍ଯ୍ୟ ହେଉଛି ସଫଳତାର ଅନ୍ୟନାମ। ଆଜି ଭୁବନେଶ୍ୱରର କ୍ୟାପିଟାଲ ହାଇସ୍କୁଲ ପଡିଆରେ ଆୟୋଜିତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ଜାନକୀ ବଲ୍ଲଭ ହେଉଛନ୍ତି ଦୁଇଟି ଦିଗରୁ ପ୍ରଣମ୍ୟ। ପ୍ରଥମଟି ତାଙ୍କ ସାରସ୍ୱତ ଓ ସଂସ୍କୃତି ସଚେତନ ବ୍ୟକ୍ତିତ୍ୱ। ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି। ଦ୍ୱିତୀୟଟି ତାଙ୍କ ନେତୃତ୍ୱର ଦିଗ। ଧୈର୍ଯ୍ୟ, ଯଥାର୍ଥ ସାଙ୍ଗଠନିକ ଦକ୍ଷତା, ନିଷ୍ଠା ବଳରେ, ନିଜର ଜନସେବକ ଭୂମିକାକୁ ଅବ୍ୟାହତ ରଖିପାରିଲେ ଜଣେ ନେତୃତ୍ୱକୁ




ଦୀର୍ଘଜୀବୀ କରିପାରିବ ବୋଲି ସେ ପ୍ରମାଣ କରିଛନ୍ତି। ତାଙ୍କର ସ୍ଥିତପ୍ରଜ୍ଞ ଗୁଣ ତାଙ୍କୁ ରାଜନୀତିରେ ଜଣେ ଧୂରନ୍ଧର ବ୍ୟକ୍ତିତ୍ୱଭାବେ ପ୍ରତିଷ୍ଠା ପ୍ରଦାନ କରିଥିଲା।

ଜାନକୀବଲ୍ଲଭ ପଟ୍ଟନାୟକ ଜଣେ ବହୁମୁଖୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସ୍ୱର୍ଗତ ପଟ୍ଟନାୟକ ଏକାଧାରରେ ଥିଲେ ଜଣେ ପ୍ରତିଷ୍ଠିତ ରାଜନେତା, କୃତବିଦ୍ୟ ସାମ୍ବାଦିକ ଓ ସମ୍ପାଦକ, ସାରସ୍ୱତ ସାଧକ, ଅନୁବାଦକ ଏବଂ ପ୍ରସିଦ୍ଧ ପ୍ରାଚ୍ୟ-ବିଦ୍ୟା ବିଶାରଦ। ଜାନକୀ ବାବୁଙ୍କ ରାଜନୈତିକ ଜୀବନ ଥିଲା ଘଟଣାବହୁଳ। ୧୯୭୧ରୁ ୨୦୦୯ ମସିହା ପର୍ଯ୍ୟନ୍ତ ଜାନକୀ ବାବୁଙ୍କ ରାଜନୈତିକ ଇଂନିଙ୍ଗସ ଥିଲା ଉଲ୍ଲେଖନୀୟ। ସେ କେନ୍ଦ୍ରରେ ଉପମନ୍ତ୍ରୀ, ରାଷ୍ଟ୍ର ମନ୍ତ୍ରୀ ଓ କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଛନ୍ତି। ଆମ ଓଡ଼ିଶାର ତିନି ଥର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ବିରୋଧୀ ଦଳ ନେତା ଭାବରେ ପ୍ରଭାବୀ କାର୍ଯ୍ୟ କରିଛନ୍ତି। ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ଆସାମ ପ୍ରଦେଶର ରାଜ୍ୟପାଳ ଭାବରେ ଦାୟିତ୍ୱ ନେଇଛନ୍ତି। ଛାତ୍ର ରାଜନୀତିରେ ମଧ୍ୟ ତାଙ୍କର ସକ୍ରିୟ ଯୋଗଦାନ ରହିଥିଲା। ସାମ୍ବାଦିକତା ଓ ସାହିତ୍ୟର ରସାୟନ ଥିଲା ଜାନକୀବଲ୍ଲଭଙ୍କ ସହଜାତ ପ୍ରବୃତ୍ତି। ସେଥିପାଇଁ ୧୯୪୯ ମସିହାରୁ ସେ ସାମ୍ବାଦିକତାକୁ ବ୍ରତ ଓ ବୃତ୍ତି ଭାବରେ ଗ୍ରହଣ କରିଥିଲେ। ତରୁଣ ବୟସରେ ଦୁଇଟି ସମ୍ବାଦପତ୍ରର ସମ୍ପାଦକ ଦାୟିତ୍ୱ ନେବାର ଗୌରବ ଥିଲା ଏକ ବିରଳ ସଫଳତା।

ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଜଣେ ଉଚ୍ଚାଙ୍ଗ ସାହିତ୍ୟ ସାଧକ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୧୯୫୬ ମସିହାରେ ଜାନକୀ ବାବୁ ଲେଖିଥିବା 'ଗୌତମ ବୁଦ୍ଧ' ପୁସ୍ତକଟି ଥିଲା ତାଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ସାହିତ୍ୟିକ କୃତି। ପରେ ସେ ରାମାୟଣ, ମହାଭାରତ ଓ ଶ୍ରୀମଦ୍ ଭାଗବତର ଓଡ଼ିଆ ଗଦ୍ୟାନୁବାଦ କରିଥିଲେ। କବି ଭର୍ତ୍ତୃହରିଙ୍କ ଲିଖିତ 'ଶୃଙ୍ଗାର ଶତକ', 'ନୀତି ଶତକ' ଓ 'ବୈରାଗ୍ୟ ଶତକ'ର ଅନୁବାଦ ତାଙ୍କର ଅନବଦ୍ୟ ସଫଳତା। ଆସାମର ରାଜ୍ୟପାଳ ଭାବରେ ତାଙ୍କ ଅଭିବ୍ୟକ୍ତିଗୁଡିକ ମଧ୍ୟରେ "ଆସାମରୁ ଲେଖୁଛି" ଓ ଆତ୍ମଜୀବନୀର ଅଂଶ "ଅସମାପ୍ତ ଆତ୍ମଲିପି"ରେ ମଧ୍ୟ ସେ ସାରସ୍ୱତ ଦୃଷ୍ଟିଭଙ୍ଗୀର ପ୍ରମାଣ ମିଳେ।

ସେ ଆହୁରି କହିଥିଲେ, ସଂସ୍କୃତ ସାହିତ୍ୟରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଏହି ପାଣ୍ଡିତ୍ୟ ପାଇଁ ସେ ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରୁ ପ୍ରଜ୍ଞାନ ବାଚସ୍ପତି ଓ ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରୁ ଡ଼ି. ଲିଟ ଉପାଧି ଲାଭ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳାଧିପତି ହିସାବରେ ପ୍ରତିବଦ୍ଧତାର ସହିତ କାର୍ଯ୍ୟ କରିଥିଲେ। ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁବିଧ କାର୍ଯ୍ୟ କରି ସେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଯୋଗଦାନ କରିଛନ୍ତି। ଜାନକୀବଲ୍ଲଭ ଥିଲେ ଅସାଧାରଣ ବିଦ୍ୱାନ ଓ ବାଗ୍ମୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଓଡିଶାର ଯୁବବର୍ଗଙ୍କୁ ଉଦ୍ୟୋଗୀ କରିବା ପାଇଁ ୧୯୮୦ ମସିହାରେ ସେ ଓଡିଶାରେ ପ୍ରଥମଥର ପାଇଁ ବ୍ୟାପକ ଶିଳ୍ପାୟନର ଉଦ୍ୟମ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେତେବେଳେ ହଜାର ଦିନରେ ହଜାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସେ ଯେଉଁ ଆହ୍ୱାନ ଦେଇଥିଲେ, ତାହା ସେ ସମୟରେ ଯୁବ ବର୍ଗଙ୍କ ମଧ୍ୟରେ ବିପୁଳ ଉତ୍ସାହ ସୃଷ୍ଟି କରିଥିଲା।

କାର୍ଯ୍ୟକ୍ରମରେ, କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରାପ୍ପା ମୋଇଲି, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ପ୍ରମୁଖ ଯୋଗଦେଇ ଜାନକୀବଲ୍ଲଭଙ୍କ ସ୍ମୃତି ଚାରଣ କରିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ନିଜର ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟସଭା ସାଂସଦ ରଣଦୀପ ସୁରଜେୱାଲା, ସାଂସଦ ସପ୍ତଗିରି ଉଲ୍ଲାକା, ଏଆଇସିସି ଓଡିଶା ପ୍ରଭାରୀ ଅଜୟ କୁମାର ଲାଲୁ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ୍ତାମ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଜାନକୀବଲ୍ଲଭ ପଟ୍ଟନାୟକ ଶତ ବାର୍ଷିକୀ କମିଟିର ସଭାପତି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ହରେକୃଷ୍ଣ ଶତପଥୀ ପ୍ରମୁଖ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ।

## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା

**ନୂଆଦିଲ୍ଲୀ,୩।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ନ୍ୟୁଜିଲାଣ୍ଡ ବିପକ୍ଷରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ପାଇଁ ଶୁବମନ ଗିଲଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ଘୋଷଣା କରିଛି। ଶ୍ରେୟସ ଆୟର ଦଳକୁ ଫେରିଛନ୍ତି, ଯେତେବେଳେ କି ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଜସପ୍ରିତ ବୁମରାହଙ୍କୁ ବିଶ୍ରାମ ଦିଆଯାଇଛି। କିନ୍ତୁ ଘରୋଇ କ୍ରିକେଟରେ କ୍ରମାଗତ ଭାବରେ ଭଲ ପ୍ରଦର୍ଶନ କରିଥିବା ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କୁ ପୁଣି ଥରେ ଅଣଦେଖା କରାଯାଇଛି। ଶାମି ବର୍ତ୍ତମାନ ୨୦୨୫-୨୬ ବିଜୟ ହଜାରେ ଟ୍ରଫିରେ ବେଙ୍ଗଲ ପାଇଁ ଖେଳୁଛନ୍ତି।

ଏହା ପୂର୍ବରୁ ଅନେକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଥିଲା ଯେ ଟିମ୍ ମ୍ୟାନେଜମେଣ୍ଟର ଧ୍ୟାନ ବର୍ତ୍ତମାନ ଆଗାମୀ ଟି-୨୦ ବିଶ୍ୱକପ୍ ଉପରେ ରହିଛି, ଯାହା କାରଣରୁ ହାର୍ଦ୍ଦିକ ଏବଂ ବୁମରାହଙ୍କୁ ବିଶ୍ରାମ ଦିଆଯାଇଛି। ଉଭୟ ଷ୍ଟାର ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଖେଳିବାର ଦେଖାଯିବେ।

ଶ୍ରେୟସ ଆୟରଙ୍କ ଦଳରେ ସାମିଲ ହେବା ସହିତ, ଭାରତୀୟ ବୋର୍ଡ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ସିରିଜରେ ତାଙ୍କର ଅଂଶଗ୍ରହଣ ସମ୍ପୂର୍ଣ୍ଣ ଭାବରେ ତାଙ୍କ ଫିଟନେସ୍ ଉପରେ ନିର୍ଭର କରିବ। ତାଙ୍କୁ ଏପର୍ଯ୍ୟନ୍ତ ବିସିସିଆଇର ସେଣ୍ଟର ଅଫ୍ ଏକ୍ସିଲେନ୍ସରୁ ଫିଟନେସ୍ କ୍ଲିୟରାନ୍ସ ମିଳିନାହିଁ। ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ତିନିମ୍ୟାଚ ଦିନିକିଆ ସିରିଜ ଜାନୁଆରି ୧୧, ୧୪ ଓ ୧୮ ରେ ଖେଳାଯିବ।

**ଭାରତୀୟ ଦଳ:** ଶୁବମନ ଗିଲ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, କେ.ଏଲ୍ ରାହୁଲ (ୱିକେଟ୍ ରକ୍ଷକ), ଶ୍ରେୟସ୍ ଆୟର୍ (ଉପ-ଅଧିନାୟକ), ଋଷଭ ପନ୍ତ (ୱିକେଟ୍ କିପର), ଯଶସ୍ୱୀ ଜୟସ୍ୱାଲ, ୱାଶିଂଟନ୍ ସୁନ୍ଦର, ରବିନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ହର୍ଷିତ ରାଣା, ପ୍ରସାଦ କୃଷ୍ଣ, କୁଲଦୀପ ଯାଦବ।

## ପଦବୀ ପୂରଣ ପାଇଁ ଓପିଏସସିକୁ ଅନୁରୋଧ

**ଭୁବନେଶ୍ୱର,୩।୧: ଏକ୍ସପ୍ରେସ୍ ନ୍ୟୁଜ୍**

ନିକଟରେ ଓଡିଶା ଲୋକସେବା ଆୟୋଗ ପକ୍ଷରୁ ଓଡିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ୨୦୨୫ ପାଇଁ ବିଜ୍ଞପ୍ତି ପ୍ରକାଶିତ ହୋଇଥିଲା। ହେଲେ ଏଥିରେ ଓଏଏସ୍, ଓଆର୍ଏସ୍ ଆଦି କେତେକ କ୍ୟାଡରରେ ଆଦୌ ପଦବୀ ନଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ଜାଣିବା ପରେ ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଏହି ସବୁ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ଫଳରେ ଓଡିଶା ପ୍ରଶାସନିକ ସେବା (ଓଏଏସ୍) ରେ ୧୪ଟି, ଓଡିଶା ରାଜସ୍ୱ ସେବା (ଓଆର୍ଏସ୍) ରେ ୧୧୩ଟି, ଓଡିଶା ପରିବହନ ସେବା (ଆରଟିଓ)ରେ ୧୬ଟି ଓ ଓଡିଶା ମଙ୍ଗଳ ସେବା (ଓଡବ୍ଲ୍ୟୁଏସ୍)ରେ ୮ଟି ପଦବୀ ପୂରଣ ପାଇଁ ଓଡିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ସମୁଦାୟ ୧୫୧ଟି ଅଧିକ ପଦବୀ ପାଇଁ ଅନୁରୋଧ କରାଯାଇଛି। ଏହିସବୁ ପଦବୀ ପାଇଁ ଆଶାୟୀ ଥିବା ଅନେକ ଯୁବକ ଯୁବତୀ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରି ପାରିବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଏବଂ ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ ହୋଇସାରିଛି। ବର୍ତ୍ତମାନ ମଧ୍ୟ ବିଭିନ୍ନ ଆୟୋଗ ଦ୍ୱାରା ଯେଉଁ ପରୀକ୍ଷା କରାଯିବ, ବିଜ୍ଞପ୍ତି ପ୍ରକାଶ ପର୍ଯ୍ୟନ୍ତ ଯେତେ ପଦବୀ ଖାଲିଥିବ ସବୁ ପୂରଣ କରିବା ପାଇଁ ଆୟୋଗ ଗୁଡିକୁ ସୁପାରିସ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ବ୍ଲକ କାର୍ଯ୍ୟାଳୟରେ ପଶି ବିଡିଓଙ୍କୁ ଆକ୍ରମଣ: ବିଜେଡିର ନିନ୍ଦା

**ରାଜନଗର/ଭୁବନେଶ୍ୱର,୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲା ରାଜନଗର ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ଭାଜପା ନେତା ଓ କର୍ମୀମାନେ ଆକ୍ରମଣ ଘଟଣାରେ ଶନିବାର ଦିନତମାମ ବ୍ଲକ ପରିସରରେ ଉତ୍ତେଜନା ଲାଗିରହିଛି। ବିଡିଓଙ୍କୁ ଆକ୍ରମଣ ଘଟଣାକୁ ବିରୋଧ କରି ବିଜେଡି କର୍ମୀମାନେ ଦେବେନ୍ଦ୍ର ଜେନାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଧାରଣାରେ ବସି ମୋହନ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଜାରି ରଖିଛନ୍ତି।

ସୂଚନା ଥାଉକି, ଶୁକ୍ରବାର କେତେକ ଭାଜପା କର୍ମୀ ଆମ ସରକାର ଆମ କାମ କର ବୋଲି ବିଡିଓ ଶ୍ରୀମତୀ ପୃଷ୍ଟିଙ୍କୁ କହିଥିଲେ। ସେ ସରକାରୀ ନିୟମ ଅନୁସାରେ କାମ ହେବ ବୋଲି କହିବାରୁ ଏଠିକାର ପରାଜିତ ପ୍ରାର୍ଥୀ ଲଳିତ ବେହେରା ତାଙ୍କ କର୍ମୀଙ୍କ ସହ ବ୍ଲକ କାର୍ଯ୍ୟାଳୟରେ ପଶି ଆତଙ୍କ ଖେଳାଇଥିବା ବିଜେଡି ଅଭିଯୋଗ ଆଣିଛି। ଅପରପକ୍ଷରେ ୬ ମାସ ଭିତରେ ୯ ଜଣ ବିଡିଓଙ୍କ ବଦଳି ହୋଇସାରିଲାଣି।

ଉଲ୍ଲେଖନୀୟ ଯେ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିତରକନିକା ଗସ୍ତରେ ଥିବାବେଳେ ରାଜନଗର ମୁଖ୍ୟ ରାସ୍ତାରେ ବିଜେଡି ପ୍ରତିବାଦ କରିବାରୁ ସେ ସେଠାରୁ ଭୁବନେଶ୍ୱର ଫେରି ଯାଇଥିଲେ।

ଅନ୍ୟପକ୍ଷରେ ରାଜନଗରରେ ବିଜେପି କର୍ମୀଙ୍କ ଦାଦାଗିରି ଏବଂ ବିଡିଓଙ୍କୁ ସଂଘବଦ୍ଧ ଆକ୍ରମଣକୁ ବିଜୁ ଜନତା ଦଳ ଦୃଢ ନିନ୍ଦା କରିଛି। ବିଜେପି ସରକାର ରାଜ୍ୟରେ ଶାସନ ଭାର ଗ୍ରହଣ କରିବା ପରଠାରୁ ଆଇନଶୃଙ୍ଖଳା ବ୍ୟବସ୍ଥା ନିମ୍ନଗାମୀ ହେଉଛି।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି, ରାଜନଗର ମହିଳା ବିଡିଓଙ୍କୁ ୪୦ରୁ ଅଧିକ ବିଜେପି କର୍ମୀ ଘେରି ଯାଇ ଆକ୍ରମଣ ବିପର୍ଯ୍ୟସ୍ତ ଆଇନ ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି




କହିଥିଲେ। ଏପରିକି କମ୍ପ୍ୟୁଟର ଉଠାଇ ତାଙ୍କୁ ମାରିବାକୁ ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରା ଉଦ୍ୟମ କରିଥିଲେ।

ପୂର୍ବରୁ ୨୦୨୫ ଜୁନ୍ ୩୦ରେ, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନ କାର୍ଯ୍ୟାଳୟରେ ଓଡ଼ିଶା ପ୍ରଶାସନିକ ସେବାର ଜଣେ ଅଧିକାରୀଙ୍କୁ ନିର୍ମମ ଭାବରେ ମାଡ଼ ମରାଯାଇଥିଲା। ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମର୍ଥକମାନେ ଟାଣି ନେଇ ମାଡ଼ ମାରିଥିଲେ। ବିଜେପି ତୁଙ୍ଗ ନେତାମାନେ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ଜାମିନ ମିଳିବା ପରେ ଆଣିଥିଲେ, ଯାହା ସଙ୍କେତ ଦେଇଥିଲା ଯେ ବିଜେପି ନେତାମାନେ ସବୁକିଛି କରିପାରିବେ ଏବଂ ସହଜରେ ଖସି ଯାଇପାରିବେ। ଏହି ସମସ୍ତ ଘଟଣା ଓଡ଼ିଶାରେ ଆଇନ ଶୃଙ୍ଖଳା ବ୍ୟବସ୍ଥାର ପତନ ଘଟାଉଛି। ଏହି ହିଂସାତ୍ମକ ଆକ୍ରମଣର ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ରାଜ୍ୟରେ ଆଇନ ଶୃଙ୍ଖଳା ସୁନିଶ୍ଚିତ କରିବାକୁ ଡ. ମହାନ୍ତି ଦାବି କରିଛନ୍ତି।

# ସଚେତନତା ଅର୍ଥ ପାଣିରେ ପଡୁଛି

**ଭୁବନେଶ୍ୱର,୩।୧: ତଥ୍ୟ**

ରାଜ୍ୟବାସୀଙ୍କୁ ଗୁଟ୍‌ଖା, ତମାଖୁ ଓ ନିଶା ସାମଗ୍ରୀ ଠାରୁ ଦୂରେଇ ରଖିବାପାଇଁ ସଚେତନତା ବାବଦରେ ସରକାର ପାଣି ଭଳି ପଇସା ଖର୍ଚ୍ଚ କରୁଥିଲେ ମଧ୍ୟ ଏଥିରୁ ଯେଭଳି ସୁଫଳ ମିଳିବାକଥା ତାହା ମିଳୁନାହିଁ। ଗୋଟିଏ ପଟେ ସରକାରୀ କଟକଣା ସତ୍ୱେ ରାଜ୍ୟରେ ଗୁଟ୍‌ଖା, ତମାଖୁ ଆଦି ଅବାଧ ବିକ୍ରି ହେବା ଓ ସରକାର ସେଥିରୁ ଟିକସ ଆଦାୟ କରୁଥିବାବେଳେ ଅନ୍ୟପଟେ ସଚେତନତା ବାବଦରେ ବି ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଗତ ବର୍ଷ ଜୁଲାଇ ମାସରେ ରାଜ୍ୟ ସରକାର ଏଭଳି ସଚେତନତା ପାଇଁ ୪କୋଟି ୨୩ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି। ଏହି ଅର୍ଥରେ ବିଭିନ୍ନ କର୍ମଶାଳା, ଶିକ୍ଷୟଣୀୟ ମନୋରଞ୍ଜନ ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିପାଇଁ ବିଭିନ୍ନ ସଂସ୍ଥାକୁ ୪ କୋଟି ୨୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ସଚେନତତା କାର୍ଯ୍ୟକ୍ରମ ଆୟୋଜନ




କରିଥିବା ଦର୍ଶାଇଛନ୍ତି।

ହେଲେ ଏହାର ସୁଫଳ କିନ୍ତୁ ସେଭଳି ଭାବେ ମିଳୁନାହିଁ। କାରଣ ରାଜ୍ୟ ସରକାର ୨୦୧୩ ମସିହାରୁ ରାଜ୍ୟରେ ଗୁଟ୍‌ଖା, ତମାଖୁ, ବିଷାକ୍ତ ପାନମସଲା ଆଦିର ଉତ୍ପାଦନ, ମହଜୁଦ, ବିକ୍ରୟ ଆଦି ଉପରେ କଟକଣା ଲଗାଇଥିବାବେଳେ କେନ୍ଦ୍ର ସରକାର ମଧ୍ୟ ୨୦୦୩ ମସିହାରୁ କୋଟ୍‌ପା ଆଇନ୍ କାର୍ଯ୍ୟକାରୀ କରୁଛନ୍ତି। ଏହି ଆଇନ୍ ବଦଳରେ ଶିକ୍ଷାନୁଷ୍ଠାନ ଆଖପାଖରେ ଗୁଟ୍‌ଖା, ତମାଖୁ ଆଦିର ନିଶା ସାମଗ୍ରୀର ବିକ୍ରିକୁ ନିଷିଦ୍ଧ କରାଯାଇଥିବାବେଳେ ଏ ସଂକ୍ରାନ୍ତୀୟ ବିଜ୍ଞାପନ ଉପରେ ମଧ୍ୟ କଟକଣା ଜାରି କରାଯାଇଛି।

ହେଲେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ କଟକଣା ରାଜ୍ୟରେ ଉପର ଠାଉରିଆ ଭାବେ କାର୍ଯ୍ୟକାରୀ ହେଉଛି। ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ କର୍ତ୍ତୃପକ୍ଷ ବିଭିନ୍ନ ସ୍ଥାନରେ ଲୋକ ଦେଖାଣିଆ ଭାବେ ଚଢଉ କରି ବସ୍ତା ବସ୍ତା ଗୁଟ୍‌ଖା, ପାନମସଲା ଜବତ କରୁଥିବା ଦର୍ଶାଉଛନ୍ତି। ଏହା ପରେ ପୁଣି ତୁନିହୋଇ ବସି ପଡୁଛନ୍ତି। ହେଲେ ଏହିସବୁ ସାମଗ୍ରୀ ଓଡିଶାକୁ କିଭଳି କେଉଁମାନେ ଆଣି ବିକ୍ରି କରୁଛନ୍ତି ସେ ସଂକ୍ରାନ୍ତରେ କେହି କିଛି ଖୋଳତାଡ କରୁନାହାନ୍ତି କି କାର୍ଯ୍ୟାନୁଷ୍ଠାନ ବି ହେଉନାହିଁ।

ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ସ୍ୱାସ୍ଥ୍ୟ ବିଭାଗ ଗୁଟ୍‌ଖା, ପାନମସଲା ଉପରେ କଟକଣା ଲଗାଇଥିବାବେଳେ ଅର୍ଥ ବିଭାଗ କିନ୍ତୁ ଏହିସବୁ ସାମଗ୍ରୀ ଉପରୁ କୋଟି କୋଟି ଟଙ୍କାର ଟିକସ ଆଦାୟ କରି ଚାଲିଛି। ସରକାରଙ୍କର ଦୁଇ ବିଭାଗ ମଧ୍ୟରେ ସମନ୍ୱୟର ଅଭାବର ସୁଯୋଗ ନେଇ ରାଜ୍ୟ ବାହାରର ଗୁଟ୍‌ଖା ବ୍ୟବସାୟୀମାନେ ଓଡିଶାରେ ସେମାନଙ୍କର କାୟା ବିସ୍ତାର କରିବାରେ ଲାଗିଛନ୍ତି।

ଅନ୍ୟ ପଟରେ ଚିରାଚରିତ ଭାବେ ଗୁଟ୍‌ଖା, ପାନମସଲା ବିରୁଦ୍ଧରେ ସଚେତନତା ସୃଷ୍ଟି ଲାଗି ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚକରି କିଛି ସଂସ୍ଥାକୁ ପୋଷିବାରେ ଲାଗିଛନ୍ତି। ସମ୍ପୃକ୍ତ ସଂସ୍ଥାମାନେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଥିଲେ ମଧ୍ୟ ସରକାର ନିଜେ କରିଥିବା କଟକଣାକୁ କାହିଁକି ପାଳନ କରୁନାହାନ୍ତି ସେ ସଂକ୍ରାନ୍ତରେ ପଦୁଟିଏ ହେଲେ କହୁନାହାନ୍ତି। ଫଳରେ ରାଜକୋଷର କୋଟି କୋଟି ଟଙ୍କା ପାଣିରେ ପଡିବା ସହିତ ଲୋକେ ଗୁଟ୍‌ଖା, ତମାଖୁ ଚୋବାଇ କର୍କଟ ଭଳି ମାରାତ୍ମକ ରୋଗରେ ପଡୁଛନ୍ତି।

# ଭାବଗ୍ରାହୀ କଳା ନିକେତନର ପ୍ରତିଷ୍ଠା ଦିବସ

**କେନ୍ଦ୍ରାପଡ଼ା,୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ସିଦ୍ଧ ମହାପୁରୁଷଙ୍କ ମଠ ପରିସରରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର ୩୯ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନର ମୁଖ୍ୟ ଉପଦେଷ୍ଟା ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡା ବାର୍ଷିକ ବିବରଣୀ ଉପସ୍ଥାପନା କରିବା ସହିତ ଅତିଥି ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ଏବଂ ମଞ୍ଚ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ତଥା କେନ୍ଦ୍ରାପଡ଼ାର ପ୍ରାକ୍ତନ ଜିଲ୍ଲାପାଳ ଦାଶରଥି ଶତପଥି ମୁଖ୍ୟ ଅତିଥି, ସଙ୍ଗୀତ ନିର୍ଦ୍ଦେଶକ ସିଦ୍ଧାର୍ଥ ମିଶ୍ର ମୁଖ୍ୟ ବକ୍ତା, ପ୍ରଶାସନିକ ଅଧିକାରୀ ଶୁଭେନ୍ଦ୍ର ନାୟକ, ସମ୍ମାନୀତ ଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ଏବଂ ବିଶିଷ୍ଟ ଅତିଥି ଭାବରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ସମ୍ମାନୀତ ଅତିଥି ଭାବରେ କବି ଅମର ପ୍ରସାଦ ରାଉତ, ପଣ୍ଡିତ ପଦ୍ମନାଭ ଦାଶ, ହରିଶ୍ଚନ୍ଦ୍ର ଜେନା, ପ୍ରଫେସର ପ୍ରଶାନ୍ତ ପାଣି, ଗୁରୁ ସମୀରଞ୍ଜନ ଦାସ, ଗୁରୁ ପ୍ରମୋଦ ଦାସ, ସଙ୍ଗୀତଜ୍ଞ ବୀଣାପାଣି ଦାସ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଭାବଗ୍ରାହୀ କଳା ନିକେତନର ସୁଦୀର୍ଘ ୩୯ ବର୍ଷର କୃତି ଓ କୀର୍ତ୍ତି ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିମାନେ ଅନୁଷ୍ଠାନର କଳା ଶିକ୍ଷା ଏବଂ ପରିବେଷଣ ଶୈଳୀକୁ ମୁକ୍ତ କଣ୍ଠରେ ପ୍ରଶଂସା କରିଥିଲେ। ଗାୟିକା ନିରୁପମା ଜେନା, ରୂପାଲି ସୂତାର, ଅର୍ଚ୍ଚନା ପରିଡା, ସନ୍ତୋଷ ଦାସ,ରଶ୍ମିତା ବେହେରା ପ୍ରମୁଖ ବିମଳ ପରିଡାଙ୍କ ରଚନା ଏବଂ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଗାଇଥିଲେ। ଉପେନ୍ଦ୍ର ପାଢ଼ୀ, ନିରୁପମା ଜେନା, ରଞ୍ଜନ ବରାଳ, ବଳରାମ ମଲିକ, ଅଜୟ ଜେନା, ରଞ୍ଜନ ବିଶ୍ୱାଳ, କୈଳାସ ପରିଡା ଏବଂ ବିମଳ ପରିଡା ଅକ୍ଷୟ ମହାନ୍ତିଙ୍କ କାଳଜୟୀ ସଙ୍ଗୀତ ଗାଇ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନୃତ୍ୟ ଗୁରୁ ତପନ କୁମାର ତରାଇ ଏବଂ ପ୍ରକାନ୍ତ ମହାରଣାଙ୍କ ନିର୍ଦ୍ଦେଶନାରେ ଖୁସି, ଅଙ୍କିତା, ପ୍ରୀତି ପ୍ରଜ୍ଞା, ପ୍ରତୀକ୍ଷା ପ୍ରମୁଖ ଶିଳ୍ପୀମାନେ ଓଡ଼ିଶୀ, ଭଜନ ଏବଂ ସ୍ୱାଗତ ସଙ୍ଗୀତରେ ନୃତ୍ୟ ପ୍ରଦର୍ଶନ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଇଂଜିନିୟର ବିଶ୍ୱଜିତ ପରିଡା, ସଙ୍ଗୀତା ଜେନା, ବାସନ୍ତୀ ମହାପାତ୍ର, ଅମର ବିଶ୍ୱାଳ, କେଦାର ସ୍ୱାଇଁ, ଅଶୋକ ପତ୍ରି, ଭୀମସେନ ପ୍ରଧାନ, ବିଜୟ ପରିଡା, ବିପିନ ପରିଡା, ବିଚିତ୍ରାନନ୍ଦ ପରିଡା, ଅଖିଳ ସ୍ୱାଇଁ, ଅନନ୍ତ ପାଣିଗ୍ରାହୀ,କବୀ ବିଷ୍ଣୁପ୍ରିୟା ସାମଲ, ବିକ୍ରମ ସାମଲ, ସଂଯୁକ୍ତା ଦାଶ, ଚୈତନ୍ୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁବଶୀଘ୍ର ଗଠନ ହେବ ନୂଆ ଆଞ୍ଚଳିକ ଦଳ: ମୋକିମ

**ଭୁବନେଶ୍ୱର,୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଖୁବଶୀଘ୍ର ଗଠନ ହେବ ନୂଆ ଆଞ୍ଚଳିକ ଦଳ। ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ବରିଷ୍ଠ ରାଜନେତା ମହମ୍ମଦ ମୋକିମ। ସେ କହିଛନ୍ତି ରାଜ୍ୟରେ ଅନେକ ଯୁବ ନେତୃତ୍ୱଙ୍କୁ ଏକ ବଡ ସୁଯୋଗ ଆବଶ୍ୟକତା ରହିଛି, ସେଥିପାଇଁ ସିଏ ଆମ ସହ ଯୋଗାଯୋଗରେ ଅଛନ୍ତି। ଆମେ ମଧ୍ୟ ଯୁବ ଏବଂ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରୁଛୁ, କାହା ପାଇଁ କେଉଁ ସ୍ଥାନ ଖାଲି ପଡେ ନାହିଁ, କିଏ ନା କିଏ ଏହାକୁ ପୂରଣ କରିଥାନ୍ତି। ରାଜ୍ୟରେ ଅନେକ ଉଦୟମାନ ଯୁବକ ଅଛନ୍ତି ତାଙ୍କୁ କେବଳ ଏକ ସୁଯୋଗର ଆବଶ୍ୟକତା ରହିଛି। ରାଜ୍ୟରେ ଏବେ ବିଜେପି ସରକାର ଏବଂ ବିଜେଡି ଯେଉଁଭଳି ସ୍ଥିତି ଦେଇ ଗତି କରୁଛି, ସେଥିପାଇଁ ଏକ ବିକଳ୍ପ ର ଆବଶ୍ୟକତା ରହିଛି। ସେହିପରି କଂଗ୍ରେସ ଦଳର ହାଇକମାଣ୍ଡକୁ ଟାର୍ଗେଟ କରିଛନ୍ତି ମହମ୍ମଦ ମୋକିମ। ସେ କହିଛନ୍ତି ଯିଏ ନିଜକୁ ନିଜେ ତିଆରି କରିଥିବ ତାକୁ ସାଇଡ କରି ଅନ୍ୟ କାହାକୁ ଦାୟିତ୍ୱ ଦେଲେ ସଂଗଠନ ପଛେଇ ଯାଇଥାଏ, ଯାହା କଂଗ୍ରେସ ଦଳରେ ହୋଇଛି। ଯେତେବେଳେ କମଳ ନାଥ ଓଡିଶା ଆସି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଅତିଥ ବୋଲି କହିଥିଲେ ଏବଂ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି କରାଗଲା, ସେତେବେଳ କଂଗ୍ରେସ ଦଳର ଡାଉନ ଫଲ ଆରମ୍ଭ ହୋଇଥିଲା। ଆଜି ପର୍ଯ୍ୟନ୍ତ ସେଇ କ୍ଷତିରୁ ଉଠି ପାରୁନାହିଁ କଂଗ୍ରେସ। ସେତେବେଳେ ଯଦି ସୋନିଆ ଗାନ୍ଧୀ ଜାନକୀଙ୍କ ସହ ଆଲୋଚନା କରିଥାନ୍ତେ ତେବେ ଆଜିର ଦିନରେ କଂଗ୍ରେସ ଏଭଳି ସ୍ଥିତି ହୋଇନଥାନ୍ତା। ଦିଲ୍ଲୀ ସୁପ୍ରିମ ମଧ୍ୟ



ପିସିସି ସଭାପତି ପଦକୁ ବାରମ୍ବାର ପରିବର୍ତନ କରି ରାଜ୍ୟରେ କଂଗ୍ରେସ ଭୋଟ ପ୍ରତିଶତକୁ କମାଇ ଦେଇଛନ୍ତି। ଜାନକୀବାବୁ ଆଦର୍ଶରେ କଂଗ୍ରେସ ଦଳ ଚାଲିବା ଆବଶ୍ୟକ, କିନ୍ତୁ ଏହି ଆଦର୍ଶରେ କଂଗ୍ରେସ ଦଳର କୌଣସି ନେତା ଚାଲିବାର ଆନ୍ତରିକତା ମୋତେ ଦେଖାଯାଉନାହିଁ। ଅନ୍ୟପକ୍ଷ୍ୟରେ ମହମଦ୍ ମୋକିମଙ୍କୁ ଅତୃପ୍ତ ଆତ୍ମା କହି ଟାର୍ଗେଟ କରିଛନ୍ତି ପିସିସି ସଭାପତ ଭକ୍ତ ଦାସ। ସେ କହିଛନ୍ତି ଗୋଟିଏ ଦଳରେ ଶୃଙ୍ଖଳିତ ଭାବେ ରହି ପାରିଲେ ନାହିଁ। ଏବେ ନୂଆ ଦଳ ଗଢ଼ିବେ କହୁଛନ୍ତି, କରୁନାହାନ୍ତି, କିଏ ମନା କରୁଛି। ସେ ଜଣେ ଅତୃପ୍ତ ଆତ୍ମା, ମହାପ୍ରଭୁ ତାଙ୍କୁ ସାହା ହୁଅନ୍ତୁ ବୋଲି ଭକ୍ତ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ତାଳଚେର ସର୍ବାଧିକ...

ଚିନ୍ତା ବଢାଇଛି। ବିଶେଷ କରି ଘନ କୁହୁଡି, ନିର୍ମାଣ କାର୍ଯ୍ୟ ଏବଂ ଅଧିକ ଯାନବାହନ ଚଳାଚଳ ଯୋଗୁଁ ପ୍ରଦୂଷଣ ମାତ୍ରା ଅଧିକ ରହୁଛି। କିନ୍ତୁ ଅନ୍ୟପଟେ କୌଣସି ଆଲାର୍ମିଙ୍ଗ ସ୍ଥିତି ନାହିଁ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କୁହାଯାଇଛି। ଆସନ୍ତା ୭ ତାରିଖ ଯାଏଁ ଘନ କୁହୁଡି ନେଇ ସତର୍କତା ଜାରି କରିଛି ପାଣିପାଗ କେନ୍ଦ୍ର। ତେଣୁ ପ୍ରଦୂଷଣର ମାତ୍ରା ଆହୁରି ବଢିପାରେ। ଏଭଳି ସ୍ଥିତିରେ ତାଳଚେର ପୌରପାଳିକାରେ ଅତି ଖରାପ ପ୍ରଦୂଷଣ ଲାଗି ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ୭ ଦିନ ପାଇଁ ଜାରି ହୋଇଛି କଟକଣା। ସନ୍ଧ୍ୟା ୬ଟାରୁ ସକାଳ ୧୦ଟା ଯାଏଁ ବନ୍ଦ ରହିବ ସବୁ ପ୍ରକାର ନିର୍ମାଣ କାର୍ଯ୍ୟ। ପୌରପାଳିକା ଭିତରେ ହୋଇପାରିବନି ଉଚ୍ଛେଦ। ତାଳଚେର ପୌରପାଳିକା ଅଞ୍ଚଳରେ ମିଳିତ ଭାବେ ଦିନକୁ ୩ଥର ପାଣି ସିଞ୍ଚିବେ ପୌରପାଳିକା, ଏମସିଏଲ ଓ ଏନଏଚଏଆଇ କର୍ତ୍ତୃପକ୍ଷ। ତାଳଚେର ସହର ଭିତରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ। ବର୍ଜ୍ୟବସ୍ତୁ ଜାଳିବା ଉପରେ କଟକଣା ସହ ଢ଼ାବାରେ କୋଇଲା ଆଞ୍ଚ ନ ଲଗାଇବା ପାଇଁ କଡ଼ା ନିର୍ଦ୍ଦେଶ। ଜରିପାଲ ନ ଘୋଡ଼ାଇ ଏନଏଚ -୧୪୯ରେ ଚାଲିବନି କୌଣସି ଟ୍ରକ୍। ନିର୍ଦ୍ଦେଶର କଡ଼ାକଡ଼ି ଅନୁପାଳନ ସୁନିଶ୍ଚିତ କରାଇବେ ପୁଲିସ, ଆରଟିଓ, ପୌରପାଳିକା।

### ମୁଗ ଚାଷ...

ଗୁଡିକରେ ପାଣି ଛାଡିବାକୁ କେନ୍ଦ୍ରାପଡା ଜିଲ୍ଲାର ସାମାଜିକ ବିକାଶ ପରିଷଦ ସଂଘ ସଭାପତି ରଶ୍ମିରଞ୍ଜନ ଚୌଧୁରୀ, ସାଧାରଣ ସମ୍ପାଦକ ଭାଗିରଥୀ, ରଞ୍ଜନ ରାଉତ, ପ୍ରଦୀପ ରାଉତ, ସୁବୋଧ କୁମାର ଦାସ, ଗୋବିନ୍ଦ ମଲ୍ଲିକ, ବିପ୍ଳବ ମହାନ୍ତି ପ୍ରମୁଖ ଚାଷୀମାନେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

### ଶ୍ରୀମନ୍ଦିରକୁ ଜୋତା...

ଘଟଣା ଅତ୍ୟନ୍ତ ଲଜ୍ଜାଜନକ, ନିନ୍ଦନୀୟ ବୋଲି କହିଛନ୍ତି ଜଗନ୍ନାଥପ୍ରେମୀ। ଏହା କେବଳ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅପମାନ ନୁହେଁ, ବରଂ କୋଟିକୋଟି ଭକ୍ତଙ୍କ ଆସ୍ଥାକୁ ଆଘାତ ପହଞ୍ଚାଇଛି। ଶ୍ରୀମନ୍ଦିର ଭଳି ଅତ୍ୟନ୍ତ ସୁରକ୍ଷିତ ଓ ସମ୍ବେଦନଶୀଳ ସ୍ଥାନରେ ଯାଞ୍ଚକୁ ଅଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଏପରି ଅବହେଳାପୂର୍ଣ୍ଣ ଘଟଣା କେମିତି ଘଟିଲା ତାହା ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ଆମ ବସ୍...

ବହୁ ଦୁର୍ଘଟଣା ଘଟାଇଛି। ଫେବୃଆରୀ ମାସରେ ତମାଣ୍ଡୋ ଥାନା ଅଞ୍ଚଳରେ ସ୍କୁଟି ସହ ଜଣେ ମହିଳାଙ୍କୁ ବସ୍‌ଟି ୧୦୦ ମିଟର ଯାଏଁ ଘୋଷାଡି ନେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସେହିପରି ନନ୍ଦନକାନନ ଥାନା ରଘୁନାଥପୁରରେ ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀଙ୍କ ଉପରେ ଏକ ଆମ ବସ୍ ଚଢି ଯାଇଥିଲା। ଘଟଣାସ୍ଥଳରେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା।

### ୮ରୁ ମନରେଗା...

କଂଗ୍ରେସ। ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଲେ କଂଗ୍ରେସ ନେତା ତଥା ରାଜ୍ୟସଭା ସାଂସଦ ରଣଦୀପ ସିଂ ସୁରଜେୱାଲା। ସେ ଆହୁରି କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ଗାନ୍ଧୀଜୀଙ୍କ ନୀତି ଆଦର୍ଶ ଓ ଶ୍ରମିକଙ୍କ ଆଦର୍ଶକୁ ହତ୍ୟା କରଯାଇଛି। ସରକାରଙ୍କ ନୂଆ ଯୋଜନାରେ ସାଢେ ୧୨କୋଟି ଶ୍ରମିକ ପ୍ରଭାବିତ ହେବେ।

# ଭିତରକନିକା ଜାତୀୟ ଉଦ୍ୟାନ ବୁଲିଲେ ଉପମୁଖ୍ୟମନ୍ତ୍ରୀ

**ରାଜନଗର,୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଶୁକ୍ରବାର ବିଳମ୍ବିତ ଅପରାହ୍ନରେ ଭିତରକନିକା ଇକୋରିଟ୍ରିଟ ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ପହଂଚିଥିଲେ। ସେଠାରେ ରାତ୍ରୀ ଯାପନ କରିବା ପରେ ଶନିବାର ଦିନ ଭିତରକନିକା ଜାତୀୟ ଉଦ୍ୟାନ ପରିକ୍ରମା କରିଥିଲେ। ଗୁପ୍ତିରୁ ବୋଟ ଯୋଗେ ଡାଙ୍ଗମାଳ ଯାଇଥିଲେ। ସେଠାରେ ଧଳା କୁମ୍ଭୀର ଗୋରୀ, ମଲୀ ଓ ଶ୍ୱେତାକୁ ଦେଖିବା ସହ ସେଲଫି ପଏଂଟ, ମେଟାନର୍ସରୀ, ହ୍ୟାଚେରୀ, ବୋଟ ଲାଇବ୍ରେରୀ, ମ୍ୟୁଜିୟମ ବୁଲି ଦେଖି ଖୁସିବ୍ୟକ୍ତ କରିଥିଲେ। ସ୍କାଏ ୱାକରେ ଚାଲିଥିଲେ। ପର୍ଯ୍ୟଟକମାନଙ୍କ ବିଭିନ୍ନ ସମସ୍ୟା ନେଇ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର, ସହକାରୀ ବନସଂରକ୍ଷକ ମାନସକୁମାର ଦାସଙ୍କ ସହିତ ଆଲୋଚନା କରିଥିଲେ। ଅପରାହ୍ନରେ ଫେରି ଯାଇଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ